RNI. Regd. No. ORORI/25/A1227
■ 17 March 2026, Tuesday
■ Vol-01 ■ Issue - 218
■ Odia ■ Daily
■ Puri ■ Page- 8
■ Price-Rs.5/-
■ ୧୭ ମାର୍ଚ୍ଚ ୨୦୨୬, ମଙ୍ଗଳବାର
■ ୦୧ ବର୍ଷ ■ ସଂଖ୍ୟା-୨୧୮ ■ ଓଡ଼ିଆ
■ ଦୈନିକ (ପ୍ରାତଃ ସଂସ୍କରଣ) ■ ପୁରୀ
■ ପୃଷ୍ଠା- ୮ ■ ମୂଲ୍ୟ-୫/
www.prabahaepaper.com

ସମୟ ସ୍ରୋତରେ ଆମେ

# ପ୍ରବାହ

PRABAHA
A Leading Odia Daily News Paper

prabahatv.com
odia.prabahatv.com
prabaha tv
prabaha tv

ରାଜ୍ୟସଭା ନିର୍ବାଚନ

# ମନମୋହନ, ସୁଜିତ, ସଂତୃପ୍ତ ଓ ଦିଲ୍ଲୀପ ବିଜୟୀ

- କ୍ରସ ଭୋଟିଂ ଆଣିଲା ଦିଲ୍ଲୀପଙ୍କ ବିଜୟ
- ବିଜେଡ଼ିର ୮ ଓ କଂଗ୍ରେସର ୩ ବିଧାୟକଙ୍କ କ୍ରସଭୋଟିଂ
- ଦଣ୍ଡେଶ୍ୱରଙ୍କୁ ହରାଇ ବାଜିମାରିଲେ ହେଲେ ଦିଲ୍ଲୀପ
- ଚତୁର୍ଥ ସିଟରେ ହୋଇଥିଲା ରୋଚକ ଲଢ଼େଇ



**ଭୁବନେଶ୍ୱର, ୧୬।୩(ପ୍ରବାହ ନ୍ୟୁଜ) :** ରାଜ୍ୟସଭା ନିର୍ବାଚନରେ ବାଜି ମାରିଲେ ବିଜେପିର ମନମୋହନ ସାମଲ, ସୁଜିତ କୁମାର, ବିଜେଡିର ସଂତୃପ୍ତ ମିଶ୍ର ଓ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟ । କଂଗ୍ରେସ ଓ ବିଜେଡି ମିଳିତ ପ୍ରାର୍ଥୀ ଦଣ୍ଡେଶ୍ୱର ହୋତା ଦିଲ୍ଲୀପଙ୍କ ଠାରୁ ପରାଜିତ ହୋଇଛନ୍ତି। ପ୍ରଥମ ପସନ୍ଦ ଭୋଟରେ ମନମୋହନ ସାମଲ ୩୫, ସୁଜିତ କୁମାର ୩୫ ଓ ସଂତୃପ୍ତ ମିଶ୍ର ୩୧ ଖଣ୍ଡ ଭୋଟ ମିଳିଥିଲା। ପ୍ରଥମ ପସନ୍ଦ ଭୋଟରେ ବିଜେପିର ମନମୋହନ, ସୁଜିତ ଓ ବିଜେଡିର ସଂତୃପ୍ତ ବିଜୟୀ ହୋଇଥିଲେ। ତେବେ ୪ର୍ଥ ଆସନ ପାଇଁ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦଣ୍ଡେଶ୍ୱର ହୋତା ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ମଧ୍ୟରେ ଲଢେଇ ହୋଇଥିଲା। ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦଣ୍ଡେଶ୍ୱର ହୋତାଙ୍କୁ ୨୩ ଖଣ୍ଡ ପ୍ରଥମ ପସନ୍ଦ ଭୋଟ ମିଳିଥିଲା। ସେହିପରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ମଧ୍ୟ ୨୩ ଖଣ୍ଡ ଭୋଟ ମିଳିଥିଲା। କିନ୍ତୁ ବିଧାୟକଙ୍କ ଦ୍ୱିତୀୟ ପସନ୍ଦ ଭୋଟରେ ବାଜି ଓଲଟିଥିଲା। ବିଧାୟକଙ୍କ ଦ୍ୱିତୀୟ ପସନ୍ଦ ଭୋଟରେ ଦିଲ୍ଲୀପ ବାଜି ମାରିଥିଲେ। ଦଣ୍ଡେଶ୍ୱର ପରାଜୟ ହୋଇଥିଲେ। ରାଜ୍ୟସଭା ନିର୍ବାଚନରେ ଦିଲ୍ଲୀପ ଓ ଦଣ୍ଡେଶ୍ୱରଙ୍କ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିଥିଲା। ବିଜେଡି ଓ କଂଗ୍ରେସ ଦଣ୍ଡେଶ୍ୱରଙ୍କୁ ଜିତାଇବା ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ଅନ୍ୟପକ୍ଷରେ ଦିଲ୍ଲୀପଙ୍କୁ ଜିତାଇବା ପାଇଁ ବିଜେପି ମଧ୍ୟ ରଣ କୌଶଳ ତିଆରି କରିଥିଲା। ବିଜେପି ଓ ଦିଲ୍ଲୀପଙ୍କ ରଣ କୌଶଳ ଆଗରେ ବିଜେଡି ଓ କଂଗ୍ରେସର ରଣ ନୀତି ଫିକା ପଡିଯାଇଥିଲା। କଂଗ୍ରେସ ଓ ବିଜେଡି ବିଧାୟକଙ୍କ କ୍ରସ ଭୋଟିଂ ସବୁ ଅଙ୍କ ବିଗାଡି ଦେଇଥିଲା। କଂଗ୍ରେସର ୩ ବିଧାୟକ ଓ ବିଜେଡିର ୮ ବିଧାୟକ କ୍ରସ ଭୋଟିଂ କରିଥିଲେ। ୧୧ ବିଧାୟକଙ୍କ କ୍ରସ ଭୋଟିଂରେ ଦିଲ୍ଲୀପ ରାଜ୍ୟସଭା ଆସନ ହାତେଇଛନ୍ତି ।ରାଜ୍ୟସଭା ନିର୍ବାଚନରେ ବିଜେଡି ଓ କଂଗ୍ରେସର ଅଙ୍କ ଗୋଳମାଳ କରିଦେଲେ ୧୧ ବିଧାୟକ। କ୍ରସ୍ ଭୋଟିଂ କରି ବିଗାଡ଼ିଦେଲେ ଖେଳ। ଦଳୀୟ ନିର୍ଦ୍ଦେଶକୁ ବେଖାତିର କରି ସେମାନେ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ୍ ଦେଇଛନ୍ତି। ବିଜେଡିରୁ ସୌଭିକ୍ ବିଶ୍ୱାଳ, ଦେବୀରଞ୍ଜନ ତ୍ରିପାଠୀ, ସୁବାସିନୀ ଜେନା, ଚକ୍ରମଣି କହଁର, ନବ କିଶୋର ମଲ୍ଲିକ, ରମାକାନ୍ତ ଭୋଇ କ୍ରସ୍ ଭୋଟିଂ କରିଛନ୍ତି ।ସେହିପରି ନିଜ ଇଛା ଅନୁସାରେ ଭୋଟ୍ ଦେଇଛନ୍ତି ୨ ନିଲମ୍ବିତ ବିଧାୟକ ସନା ମହାକୁଡ଼ ଓ ଅରବିନ୍ଦ ମହାପାତ୍ର। କଂଗ୍ରେସର ରମେଶ ଜେନା, ସୋଫିଆ ଫିର୍ଦ୍ଦୋସ ଓ ଦାଶରଥି ଗମାଙ୍ଗ ବି ଦଳ ସମର୍ଥିତ ପ୍ରାର୍ଥୀ ଦଣ୍ଡେଶ୍ୱରଙ୍କୁ ଭୋଟ୍ ଦେଇ ନାହାନ୍ତି। ସତ ହେଲା କ୍ରସ୍ ଭୋଟିଂ ଆକଳନ। ଅନୁମାନ ଓ ଆଶାକୁ ବଳିଗଲା ସଂଖ୍ୟା। ନବୀନଙ୍କ ନିର୍ଦ୍ଦେଶକୁ ଫୁ କରିଦେଲେ ୬ ବିଧାୟକ। ନିଜ ଇଚ୍ଛା ଅନୁସାରେ ଭୋଟ୍ ଦେଲେ ସନା-ଅରବିନ୍ଦ। ପାର୍ଟି ହ୍ୱିପକୁ ଖାତିର କଲେନି କଂଗ୍ରେସର ୩ ବିଧାୟକ। ଦିଲ୍ଲୀପ ରାୟଙ୍କ ସପକ୍ଷରେ ଅଜାଡି ଦେଲେ ଭୋଟ୍। ରାଜ୍ୟସଭା ନିର୍ବାଚନରେ ବହିଲା କ୍ରସ୍ ଭୋଟିଂ ଝଡ଼। ବିଜେଡି ବିଧାୟକ ଥାଇ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ସବୁଠୁ ଚର୍ଚ୍ଚିତ ଚେହେରା ପାଲଟିଛନ୍ତି ଦୁଇ ପ୍ରଭାତ ନନ୍ଦନ। ଜଣେ ବିଜେଡିରୁ ବହିଷ୍କୃତ ପ୍ରଭାତ ବିଶ୍ୱାଳଙ୍କ ପୁଅ ତଥା ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ। ଆଉ ଜଣେ ପ୍ରଭାତ ତ୍ରିପାଠୀଙ୍କ ପୁଅ ତଥା ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ। ଉଭୟେ ଦଳ ବିରୋଧରେ ଯାଇ ଦିଲ୍ଲୀପଙ୍କୁ ଭୋଟ୍ ଦେଇଛନ୍ତି। ସୌଭିକ କ୍ରସ୍ ଭୋଟିଂ କରିବେ ପୂର୍ବରୁ ଜଣା ଥିଲେ ବି ସମସ୍ତଙ୍କୁ ସରପ୍ରାଇଜ୍ କରିଦେଲେ ଦେବୀ ରଞ୍ଜନ ତ୍ରିପାଠୀ। ବିଜୁ ଲିଗାସୀକୁ ଆଗକୁ ନେବା ଓ ଅସାଧୁ ମେଣ୍ଟ ବିରୋଧରେ ମତଦାନ କରିଥିବା କହିଛନ୍ତି ଏହି ଯୁବ ବିଜେଡି ନେତା । ଏଥିସହ କଂଗ୍ରେସ ସହ ବିଜେଡିର ବୁଝାମଣାକୁ ନେଇ ସେ ପ୍ରଶ୍ନ କରିଛନ୍ତି । ଏଣେ ସୌଭିକ କହିଛନ୍ତି, ବିଜୁ ବାବୁଙ୍କ ଆଶୀର୍ବାଦ ଯାହାଙ୍କ ପ୍ରତି ଅଛି ତାଙ୍କୁ ଭୋଟ୍ ଦେଇଛି। ବାପାଙ୍କ ପ୍ରତି ଅତ୍ୟାଚାର ହୋଇଥିଲା, ତାର ପ୍ରତିଶୋଧ ନେଇଛି। ବାପାଙ୍କୁ ବହିଷ୍କାର କରିଥିଲେ, ମୋତେ କାହିଁକି କଲେନି ବୋଲି ସିଧା ନେତୃତ୍ୱଙ୍କୁ ଚ୍ୟାଲେଞ୍ଜ ଫିଙ୍ଗିଛନ୍ତି ସୌଭିକ୍। କେବଳ ଏହି ଦୁଇ ଜଣ ନୁହଁ ବିଜେଡିର ଏକାଧିକ ବିଧାୟକ କ୍ରସ୍ ଭୋଟିଂ କରିଛନ୍ତି। ଚକମା ଦେଇଦେଲେ ବସ୍ତା ବିଧାୟିକା ତଥା ଏବେ ଏବେ ବିଜେପିରେ ମିଶିଥିବା ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ପତ୍ନୀ ସୁବାସିନୀ ଜେନା। ନବୀନଙ୍କ ନିର୍ଦ୍ଦେଶକୁ ମାନିବେ ବୋଲି ସବୁବେଳେ କହି ଆସୁଥିଲେ ବି ଶେଷରେ କ୍ରସ୍ ଭୋଟିଂ କରିଛନ୍ତି। ସେହିପରି ବିଜେଡି ରାଡାର ବାହାରେ ଥାଇ ଧରାଛୁଆଁ ଦେଉ ନଥିବା ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଓ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ବି କ୍ରସ୍ ଭୋଟିଂ କରିଛନ୍ତି। ଏମାନଙ୍କ ସହ ଦଳରୁ ନିଲମ୍ବିତ ଦୁଇ ବିଧାୟକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ର ବି ନିଜ ଭୋଟ୍ ଦିଲ୍ଲୀପ ରାୟଙ୍କୁ ଦେଇଛନ୍ତି। ଭୋଟ୍ ଦେବା ପରେ ବିଜେଡି ବିରୋଧରେ ସନା ବର୍ଷିଥିବା ବେଳେ ସୁବାସିନୀ କହିଥିଲେ ସୁପ୍ରିମୋଙ୍କ ନିର୍ଦ୍ଦେଶରେ ଭୋଟ୍ ଦେଇଛି। କଂଗ୍ରେସର ୩ ବିଧାୟକ କ୍ରସ ଭୋଟିଂ କରିଥିବା ସ୍ପଷ୍ଟ କରିଛନ୍ତି ପିସିସି ସଭାପତି ଭକ୍ତ ଦାସ। ରମେଶ ଜେନା, ସୋଫିଆ ଫିର୍ଦ୍ଦୋସ ଓ ଦାଶରଥି ଗମାଙ୍ଗ ଦଳ ବିରୋଧରେ ଯାଇ ଭୋଟ୍ ଦେଇଛନ୍ତି। ପ୍ରଥମରୁ ସୋଫିଆ ଓ ଦାଶରଥିଙ୍କ ଗତିବିଧିରୁ ଏକଥା ସ୍ପଷ୍ଟ ଜଣା ପଡୁଥିଲା। କିନ୍ତୁ ରମେଶ ଜେନା କଂଗ୍ରେସ ଆଖିରେ ଧୂଳି ଦେଇଦେଲେ। ଏନେଇ ଇଓଡଉକୁ ଜଣାଇ ଦିଆଯାଇଛି ଓ ବିଧାନସଭାରେ ସେମାନଙ୍କ ସହ ଆଉ ବସିବୁ ନାହିଁ ବୋଲି କହିଛନ୍ତି ଭକ୍ତ। ବିଜେପିର ୨୨ଟି ବଳକା ଭୋଟ୍ ଛାଡିଲେ ଦିଲ୍ଲୀପଙ୍କ ବିଜୟ ପାଇଁ ଆଉ ୮ ଭୋଟ୍ ଆବଶ୍ୟକ ଥିଲା। କିନ୍ତୁ କ୍ରସ୍ ଭୋଟିଂ ସଂଖ୍ୟା ଢେର ଅଧିକ ହୋଇଥିବାରୁ ଦିଲ୍ଲୀପଙ୍କ ବିଜୟ ସୁନିଶ୍ଚିତ ହୋଇଛି।

## ଓଡ଼ିଶା ଇତିହାସରେ ସ୍ମରଣୀୟ ଦିନ : ମୁଖ୍ୟମନ୍ତ୍ରୀ

ବିଜେପିର ୨ ନିର୍ବାଚିତ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ମନମୋହନ ସାମଲ ଓ ସୁଜିତ୍ କୁମାର ଓ ଦିଲ୍ଲୀପ ରାୟଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ । ଆଜି ଓଡ଼ିଶା ଇତିହାସରେ ସ୍ମରଣୀୟ ଦିନ ବୋଲି କହିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବିଜେପି ଓ ବିଜେପି ସମର୍ଥିତ ପ୍ରାର୍ଥୀଙ୍କ ପ୍ରଚଣ୍ଡ ବିଜୟ ହୋଇଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ମାର୍ଗଦର୍ଶନର ପ୍ରତିଫଳନ ହୋଇଥିବା କହିଲେ ମୁଖ୍ୟମନ୍ତ୍ରୀ । ନବୀନଙ୍କ ମନ୍ତବ୍ୟକୁ ଅପରିପକ୍ୱ କହି ସମାଲୋଚନା କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବିବେକାନୁମୋଦିତ ଭୋଟ୍ ଦେଇଥିବା ପ୍ରତିନିଧିଙ୍କ ପ୍ରତି ବିରୋଧୀ ଦଳ ନେତାଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ । ଅପରାଧିକ ପୃଷ୍ଠଭୂମି ଥିବା ମନ୍ତବ୍ୟ ଅପରିପକ୍ୱତାର ପରିଚୟ ଦେଉଥିବା କହିଲେ ମୁଖ୍ୟମନ୍ତ୍ରୀ । ୨୪ ବର୍ଷ ଧରି ଶାସନ କରିବା ପରେ ଏଭଳି ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ହାରିଯିବା ପରେ ବିଜେଡି ସୁପ୍ରିମୋ ଏଭଳି ମନ୍ତବ୍ୟ ଦେଉଛନ୍ତି ।

## ବିଜେପି ଘୋଡ଼ା ବେପାର କରିଛି: ନବୀନ ପଟ୍ଟନାୟକ

ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ ପରେ ଏବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାମ୍ନାକୁ ଆସିଛି ରୁଦ୍ର ରୂପ। ନିଜ ଦଳର ବିଧାୟକମାନେ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ନଦେବା ଘଟଣାରେ ରଖିଛନ୍ତି କଡ଼ା ପ୍ରତିକ୍ରିୟା ।ସେ କହିଛନ୍ତି



ଯେ, ଯେଉଁମାନେ ଆଜି କ୍ରସ୍ ଭୋଟିଂ କରିଛନ୍ତି, ସେମାନଙ୍କର କ୍ରିମିନାଲ୍ ରେକର୍ଡ ରହିଛି। ଏମିତିକି ସେମାନଙ୍କର ବାପାମାନେ ମଧ୍ୟ ଜେଲ୍‌ରେ ରହିଛନ୍ତି ବୋଲି ସେ ମନେପକାଇ ଦେଇଛନ୍ତି। ସେ କହିଛନ୍ତି ଯେ, ବିଜେପି 'ଘୋଡ଼ା ବେପାର' ବା ହର୍ସ ଟ୍ରେଡିଂ କରୁଛି ବୋଲି ସେ ପୂର୍ବରୁ କହିଆସୁଥିଲେ, ଯାହା ଆଜି ପ୍ରମାଣିତ ହୋଇଛି। ବିରୋଧୀ ଦଳର ବିଧାୟକଙ୍କୁ ନିଜ ପକ୍ଷକୁ ନେବା ପାଇଁ ବିଜେପି ଅସାଧୁ ଉପାୟ ଅବଲମ୍ବନ କରିଛି ବୋଲି ନବୀନ ଅଭିଯୋଗ କରିଛନ୍ତି।

## ଓଡ଼ିଶାର ୯ ଜିଲା ଦେଇ ଯିବ ଖଡ଼ଗପୁର-ବିଜୟୱାଡା ଏକ୍ସପ୍ରେସୱେ

**ଭୁବନେଶ୍ୱର, ୧୬।୩(ପ୍ରବାହ ନ୍ୟୁଜ) :** ଓଡ଼ିଶା ପାଇଁ ଏକ ବଡ଼ ଖବର। ରାଜ୍ୟରେ ଗଡ଼ିବ ବିକାଶର ଗାଡ଼ି। ପଶ୍ଚିମବଙ୍ଗର ଖଡ଼ଗପୁରରୁ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ସଂଯୋଗ କରୁଥିବା ହାଇସ୍ପିଡ୍ କରିଡର ଏବେ ଓଡ଼ିଶାର ୯ଟି ଜିଲା ଦେଇ ଅତିକ୍ରମ କରିବ।ଏହି ୬-ଲେନ୍ ବିଶିଷ୍ଟ ହାଇସ୍ପିଡ୍ କରିଡର ପାଇଁ ପୂର୍ତ୍ତ ବିଭାଗର ମୁଖ୍ୟ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ପ୍ରକଳ୍ପ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, କଟକ, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା ଏବଂ କୋରାପୁଟ ଜିଲା ଦେଇ ଯିବ। ମୋଟ ୧,୧୦୨ କିଲୋମିଟର ବିଶିଷ୍ଟ ଏହି



ଏକ୍ସପ୍ରେସୱେର ୫୨୨ କିଲୋମିଟର କେବଳ ଓଡ଼ିଶାରେ ନିର୍ମାଣ ହେବ ।ଗଞ୍ଜାମ ଜିଲାରେ ସର୍ବାଧିକ ୯୭ କିମି ରାସ୍ତା ନିର୍ମାଣ ହେବାକୁ ଥିବାବେଳେ ଢେଙ୍କାନାଳରେ ୮୮ କିମି, ମୟୂରଭଞ୍ଜ ଓ କେନ୍ଦୁଝରରେ ୮୬ କିମି ଲେଖାଏଁ ଏବଂ ରାୟଗଡ଼ାରେ ୫୩ କିମି ରାସ୍ତା ନିର୍ମିତ ହେବ। ଏହି କରିଡର ରାଜ୍ୟର ୨୭ଟି ସହରାଞ୍ଚଳକୁ ସଂଯୋଗ କରିବା ସହ ଖଣିଜ ସମ୍ପଦ ଭରା ଅଞ୍ଚଳଗୁଡ଼ିକର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

## ସିଫା ନିକଟରେ ଭୟଙ୍କର କାର ଦୁର୍ଘଟଣା

### ଦୁଇ ମହିଳା ସମେତ ଜଣେ ଛାତ୍ରଙ୍କ ମୃତ୍ୟୁ

**ବାଳକାଟୀ, ୧୬।୩(ପ୍ରବାହ ନ୍ୟୁଜ) :** ଆଜି ସକାଳ ପ୍ରାୟ ୬ଟା ୧୦ ମି. ସମୟ ୩୧୬ ଜାତୀୟ ରାଜପଥ ଉତ୍ତରା ସିଫା ନିକଟରେ ଭୟଙ୍କର କାର ଦୁର୍ଘଟଣା ଘଟି ୨ ଜଣ ମହିଳାଙ୍କ ସମେତ କାର ଚାଳକ ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ସକାଳ ୬ଟା ସମୟରେ ମହିଳା ଦୁଇ ଜଣ ମର୍ଣ୍ଣିଂୱାର୍କ ରାସ୍ତା କଡ଼ ରେ ଯାଉଥିବା ବେଳେ ଭୁବନେଶ୍ୱର ରୁ ପୁରୀ ଅଭିମୁଖେ ଯାତ୍ରା କରୁଥିବା ଦୃତଗାମୀ କାର (ଓଡି୦୨ବିଜି ୧୯୯୪ ) ଟି ତାଙ୍କ ପଛପଟୁ ଧକ୍କା ଦେଇଥିଲା । ଫଳରେ ମହିଳା ଦୁଇ ଜଣ ଗୁରୁତର ଭାବେ ଛିଟିକି ପଡ଼ିଥିବା ବେଳେ କାର ଟି ଭାରସାମ୍ୟ ହରାଇ ରାସ୍ତା କଡ଼ ନୟନ ଜୋର କୁ ଓଲଟି ପଡ଼ିଯାଇଥିଲା। ଦୁର୍ଘଟଣା ଟି ଏତେ ଭୟଙ୍କର ହୋଇଥିଲା ଯେ, ମୃତ ମହିଳାଙ୍କ ଶରୀରରୁ ଗୋଡ଼ ଅଲଗା ହୋଇଯାଇଥିଲା। ଖବର ପାଇ ଘଟଣା ସ୍ଥଳରେ ପିପିଲି ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ଗୁରୁତର ମାନଙ୍କୁ ଭୁବନେଶ୍ୱର ମେଡିକାଲ କୁ ପଠାଇ ଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟ ମହିଳା ଙ୍କ ମୃତ୍ୟୁ ସହ କାରରେ ଥିବା ଡ୍ରାଇଭର ଙ୍କୁ ମଧ୍ୟ ମୃତ୍ୟୁ ଘୋଷଣା କରିଥିଲେ । କାର ରେ ଥିବା ଅନ୍ୟ ଜଣେ ଯୁବକ ଙ୍କ ଆହତ ଅବସ୍ଥା ମେଡିକାଲ ରେ ଚିକିତ୍ସାଧୀନ ଥିବା ପୋଲିସ କହିଛି। ତେବେ ମୃତକ ମହିଳା ଦୁଇ ଜଣ ସିଫା ନିକଟ ଅନମୋଲ କଲେଜ ପାର୍ଶ୍ୱ କଲୋନୀରେ ଭଡ଼ାଘରେ ରହୁଥିବା ସୂଚନା ମିଳିଛି । ତାଙ୍କ ନାମ ଦିପାଞ୍ଜଳୀ ରାଉତ( ୩୮ ) ଓ ବିବିଲତା ସାହୁ (୬୦) ବୋଲି ଜଣାପଡ଼ିଛି। ତେବେ ବିବିଲତା ସାହୁ ଙ୍କ ଘର ଧଉଳି ଥାନା ଅନ୍ତର୍ଗତ ବସନ୍ତପୁର ଗ୍ରାମ ହୋଇଥିଲା ବେଳେ ଦିପାଞ୍ଜଳୀ ରାଉତ ଙ୍କ ଘର ଯାଜପୁର ଜିଲ୍ଲା ଅର୍ଧାଳିଆ ଗ୍ରାମ ବୋଲି ସୂଚନା ମିଳିଛି। କାର ରେ ମୃତ ଚାଳକ ହେଉଛନ୍ତି ରାଜସ୍ଥାନ ର ରୋନକ୍ (୧୯) ସେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଅଧ୍ୟୟନ କରୁଥିବା ଜଣାପଡ଼ିଛି। ତେବେ ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ କାର୍ କୁ ଜବତ୍ କରିଥିବା ବେଳେ ମୃତ ବିବିଲତା ସାହୁ ଙ୍କ ଦିଅର ଙ୍କ ପୁଅ ସତ୍ୟପ୍ରକାଶ ସାହୁ ଙ୍କ ଲିଖିତ ଅଭିଯୋଗ କ୍ରମେ ଥାନା କେସ ନମ୍ବର ୧୭୬/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

## ବିଶିଷ୍ଟ କବି ଗିରିଜା ବଳୀୟାରସିଂହ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

**ଭୁବନେଶ୍ୱର, ୧୬।୩(ପ୍ରବାହ ନ୍ୟୁଜ) :** ୨୦୨୫ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା କରାଯାଇଛି। ୨୪ଟି ଭାଷା ପାଇଁ ଏହି ପୁରସ୍କାର ଘୋଷଣା କରାଯାଇଥିବା ବେଳେ ଓଡ଼ିଆ ଭାଷାରେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି ବିଶିଷ୍ଟ କବି ଗିରିଜା କୁମାର ବଳୀୟାରସିଂହ। ସେ ତାଙ୍କ କବିତା ସଂକଳନ 'ପାଦପୂରଣ' ପାଇଁ ଏହି ପୁରସ୍କାର ପାଇବେ। ୧୯୫୪ ମସିହା ଡିସେମ୍ବର ୯ ତାରିଖରେ ଖୋର୍ଦ୍ଧା ଜିଲ୍ଲା ବାଜପୁରରେ ଜନ୍ମ ହୋଇଥିବା କବି ଗିରିଜା କୁମାର ବଳୀୟାରସିଂହ ରେଭେନ୍ସାରୁ ଓଡ଼ିଆରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିବା ପରେ କିଛି କାଳ ଅଧ୍ୟାପନା କରିଥିଲେ। ତା'ପରେ ସେ ପ୍ରଗତିବାଦୀ, ସମ୍ବାଦ ଓ ପ୍ରଜାତନ୍ତ୍ର ଆଦି ଓଡ଼ିଆ ଦୈନିକ ସମ୍ବାଦପତ୍ରରେ କାର୍ଯ୍ୟ କରିଥିଲେ। ବିଶେଷ କରି ସେ ସାହିତ୍ୟ ବିଭାଗର ସଂପାଦନା କରିଥିଲେ। ସେ ବିଭିନ୍ନ ସମୟରେ ତ୍ରୈମାସିକ ପତ୍ରିକା 'ରେନେସାଁ', 'ସତୀର୍ଥ ସାହିତ୍ୟ', 'କାବ୍ୟକବିତ' ଓ 'ଜହ୍ନରାତି' ଇତ୍ୟାଦିରେ ସଂପାଦନା କରିଛନ୍ତି। କବି ଗିରିଜା କୁମାର ବଳୀୟାରସିଂହଙ୍କ କବିତା ପୁସ୍ତକ ଗୁଡ଼ିକ ମଧ୍ୟରେ ରହିଛି, 'କ୍ରୌଞ୍ଚମିଥୁନ', 'କାଲିର କବିତା', 'ଡାଇରିର



ସାଇରୀ', 'ଭାରତ ବର୍ଷ', 'ନୀଳନିର୍ବାଣ', 'ତୃଷ୍ଣାତର୍ପଣ', 'ଚତୁର୍ଦ୍ଦଶୀର ଚନ୍ଦ୍ର', 'ଚିତ୍ର ପ୍ରତିମା', 'ଶୀତ ଶୀର୍ଷକ', 'କାବ୍ୟ ପୁରୁଷ' ଓ '୧୫୧ କବିତା'। କବିତା ପୁସ୍ତକ 'ପାଦପୂରଣ' ପାଇଁ ୨୦୨୫ ମସିହା ନିମନ୍ତେ ସମ୍ମାନ ଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଶ୍ରୀ ଗିରିଜା କୁମାର ବଳୀୟାରସିଂଙ୍କୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ଆପଣଙ୍କର ଏହି ଉପଲବ୍ଧି ଓଡ଼ିଆ ସାହିତ୍ୟକୁ ଜାତୀୟ ସ୍ତରରେ ନୂତନ ପରିଚୟ ପ୍ରଦାନ କରିଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆପଣଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ସ୍ୱାସ୍ଥ୍ୟ ବିଭାଗ ଅସୁସ୍ଥ

# ସୁସ୍ଥ ହେବାକୁ ଆସିଥିଲେ, ଶବ ହୋଇ ଫେରିଲେ

- ଟ୍ରମାକେୟାରରେ ୧୦ ରୋଗୀଙ୍କ ମୃତ୍ୟୁ
- ମୁଖ୍ୟମନ୍ତ୍ରୀଙ୍କ ୨୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା
- ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ
- ରାଷ୍ଟ୍ରପତିଙ୍କ ଶୋକ

### ମୃତକଙ୍କ ପରିବାରକୁ ୨ ଲକ୍ଷ ସହାୟତା ଘୋଷଣା କଲେ ପ୍ରଧାନମନ୍ତ୍ରୀ

**କଟକ, ୧୬।୩(ପ୍ରବାହ ନ୍ୟୁଜ) :** କଟକ ଏସସିବି ବଡ଼ ମେଡିକାଲରେ ଭୟାବହ ଅଗ୍ନିକାଣ୍ଡ । ଧୂଆଁରେ ଅଣନିଃଶ୍ୱାସୀ ହୋଇ ୧୦ ନିରୀହ ଜୀବନ ଚାଲିଯାଇଛି। ଅନେକ ଲୋକ ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି । ସମସ୍ତ ଗୁରୁତରଙ୍କୁ ଏସସିବି ମେଡିକାଲରୁ ଉଦ୍ଧାର କରି ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ତେବେ ଅଗ୍ନିକାଣ୍ଡରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଛନ୍ତି ମୁଖ୍ୟମନ୍ତ୍ରୀ ।ଅଗ୍ନିକାଣ୍ଡ ପରେ ଓଉଟରେ ପରିସ୍ଥିତି ସାଂଘାତିକ ହୋଇପଡ଼ିଥିଲା। ରୋଗୀଙ୍କ ଜୀବନ ବଞ୍ଚାଇବାକୁ ଲୋକେ ଏଣେ ତେଣେ ଦୌଡିଥିଲେ। ଆଇସିୟୁ ଭିତରେ ଫସି ଯାଇଥିଲେ ରୋଗୀ। ସ୍ଥାନାନ୍ତର ସମୟରେ ୭ ରୋଗୀଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନାନ୍ତର ପରେ ଅନ୍ୟ ୩ ରୋଗୀଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଓଉଟ ଭିତରୁ ଗୁରୁତର ଅବସ୍ଥାରେ ରୋଗୀଙ୍କୁ ଉଦ୍ଧାର କରାଯାଇଥିଲା। ୨୩ ଜଣ ରୋଗୀଙ୍କୁ ଅନ୍ୟ ୱାର୍ଡକୁ ସ୍ଥାନାନ୍ତର ବେଳେ ୧୦ ରୋଗୀଙ୍କ ମୃତ୍ୟୁ ହୋଇଥିଲା। ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଅଗ୍ନିକାଣ୍ଡର ଖବର ପାଇଁ ନିଆଁକୁ ଆୟତ୍ତ କରିଥିଲା ଅଗ୍ନିଶମବାହିନୀ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ । ସେ ମୃତକଙ୍କ ପରିବାର ପ୍ରତି ଗଭୀର



ସମବେଦନା ଜଣାଇବା ସହ ପ୍ରତ୍ୟେକ ମୃତକଙ୍କ ପରିବାର ପାଇଁ ୨୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଏହା ପରେ ମୁଖ୍ୟମନ୍ତ୍ରୀ ଆଇସିୟୁରେ ଥିବା ଅନ୍ୟ ରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୃତାହତଙ୍କ କ୍ଷତିପୂରଣ ଘୋଷଣା ମଧ୍ୟ କରିଛନ୍ତି । ଆହତଙ୍କ ଲାଗି ଉନ୍ନତ ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ମୃତକଙ୍କ ପାଇଁ ସହାୟତା ଘୋଷଣା କରିଛନ୍ତି । ଅବହେଳାରୁ ଏଭଳି ଅଘଟଣ ଘଟିଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟ ପଟେ ଏହି ଦୁଃଖଦ ଘଟଣା ସାରା ରାଜ୍ୟରେ ଶୋକର ଛାୟା ଖେଳାଇ ଦେଇଛି। ସୁରକ୍ଷା ଦୃଷ୍ଟିରୁ ମେଡିକାଲ ପରିସରରେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଅଗ୍ନିକାଣ୍ଡରେ ୧୦ ରୋଗୀଙ୍କ ମୃତ୍ୟୁ ହୋଇଥିବାବେଳେ ୫ ରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏହି ଅଗ୍ନିକାଣ୍ଡରେ ୧୦ ମୃତକଙ୍କ ମିଳିଲା ପରିଚୟ ମିଳିଛି। ୧୦ ମୃତକ ଜଣଙ୍କ ମଧ୍ୟରେ ରମେଶ ପରିଡ଼ା, ଦାଶରୁ ମୁଣ୍ଡା, ଏମ.ଡି ନ୍ୟୁମ, ଗୌରାଙ୍ଗ ବାରିକ, ଏସ କେ ଅବଦୁଲ ସତାର, ମଧୁସୂଦନ ଦଳାଇ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ଦାସ, ଚେରୁ ପରିଡ଼ା, ମେନକା ରାଉତଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। କଟକ ବଡ଼ ମେଡିକାଲ ଟ୍ରାଜେଡି। ଏସସିବି ମେଡିକାଲରେ ଅଗ୍ନିକାଣ୍ଡ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶୋକ। ଚଗଘଜରରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀ। ଏହା ସହ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ରାଷ୍ଟ୍ରପତି ଲେଖିଛନ୍ତି ଯେ, କଟକର ଏକ ହସ୍ପିଟାଲରେ ଘଟିଥିବା ଦୁଃଖଦ ଅଗ୍ନିକାଣ୍ଡ ଘଟଣାରେ ଜୀବନହାନୀରେ ଗଭୀର ମର୍ମାହତ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା। ଏହା ସହ ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଟ୍ୱିଟ୍ କରି ଲେଖିଛନ୍ତି ଯେ, ଓଡ଼ିଶାର କଟକର ଏକ ହସ୍ପିଟାଲରେ ଘଟିଥିବା ଦୁର୍ଘଟଣା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ସମବେଦନା। ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ମୁଁ ପ୍ରାର୍ଥନା କରୁଛି।

## ଆମେରିକା ସହ ବାଣିଜ୍ୟ ଚୁକ୍ତି ଏବେ ନୁହେଁ

### ଅପେକ୍ଷା କରିବାକୁ ପସନ୍ଦ କରିବ ଭାରତ



**ନୂଆଦିଲ୍ଲୀ, ୧୬।୩(ପ୍ରବାହ ନ୍ୟୁଜ):** ଶୁଳ୍କ ସ୍ଥିତି ସ୍ପଷ୍ଟ ନ ହେବା ପର୍ଯ୍ୟନ୍ତ ଆମେରିକା ସହ ଭାରତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବ ନାହିଁ। ଚଳିତ ମାସରେ ଆମେରିକା ସହ ଚୁକ୍ତି ହେବାର ଥିଲା। ମାତ୍ର ସେଠାକାର ସୁପ୍ରିମକୋର୍ଟ ରାଷ୍ଟ୍ରପତି ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ଅସିଦ୍ଧ ଘୋଷଣା କରିବା ପରେ ସ୍ଥିତି ବଦଳିଯାଇଛି। ଏହାର କିଛି ସମୟ ପରେ ଟ୍ରମ୍ପ ଦୁଇ ପର୍ଯ୍ୟାୟରେ ୧୫ ପ୍ରତିଶତର ନୂଆ ଶୁଳ୍କ ଲଗାଇଛନ୍ତି। ପ୍ରଥମେ ଯେଉଁ ଆଲୋଚନା ହୋଇଥିଲା ତାହା ପୂର୍ବରୁ ଲଗାଯାଇଥିବା ଶୁଳ୍କ ଆଧାରରେ ହୋଇଥିଲା। ଯେଉଁ ସବୁ ଦେଶ ଆମେରିକା ସହ ବାଣିଜ୍ୟ ଚୁକ୍ତି କରିଛନ୍ତି ସେମାନେ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଭଲ ଡିଲ୍ ପାଇବା ପରେ ଆଗକୁ ବଢ଼ିଥିଲେ। ବର୍ତ୍ତମାନ ସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଥିବାରୁ ସ୍ଥିତି ସ୍ପଷ୍ଟ ହେବା ପର୍ଯ୍ୟନ୍ତ ଭାରତ ଅପେକ୍ଷା କରିବ ବୋଲି ବାଣିଜ୍ୟ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ଗତ ଫେବୃଆରି ୨୦ରେ ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ଅସିଦ୍ଧ ଘୋଷଣା କରିଥିଲେ। ଏହାପରେ ରାଷ୍ଟ୍ରପତି ଟ୍ରମ୍ପ ଏକ ଜରୁରୀକାଳୀନ ଆଇନରେ ଦିଆଯାଇଥିବା କ୍ଷମତା ବ୍ୟବହାର କରି ଫେବୃଆରି ୨୪ରେ ନୂଆ ଶୁଳ୍କ ଲଗାଇଥିଲେ। ସେହି ଶୁଳ୍କ ସର୍ବାଧିକ ୧୫୦ ଦିନ ପର୍ଯ୍ୟନ୍ତ ଲାଗିପାରିବ। ଏହାର କିଛି ଦିନ ପୂର୍ବରୁ ଅର୍ଥାତ ଗତ ଫେବୃଆରି ୨ରେ ଉଭୟ ଭାରତ ଓ ଆମେରିକା ଅନ୍ତରୀଣ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବା ନେଇ ସହମତ ହୋଇଥିଲେ।

# ଦେଶର ନିଆରା ଟ୍ରେନ ଲାଲ୍ ସିଗ୍ନାଲ୍ ନୁହେଁ, ହାତ ସିଗ୍ନାଲରେ ଯାଏ ଅଟକି

ପ୍ରତିଦିନ ହଜାର ହଜାର ଟ୍ରେନ ଦେଶସାରା ସିଗନାଲ ଅନୁସାରେ ଚାଲିଥାଏ । ସିଗନାଲ ଗ୍ରୀନ୍ ? ହେଲେ ଆରମ୍ଭ ହୁଏ ଏବଂ ସିଗନାଲ ଲାଲ ହେଲେ ବନ୍ଦ ହୋଇଯାଏ । ଭାରତରେ ଏପରି ଏକ ଟ୍ରେନ ଅଛି ଯାହା ଲୋକଙ୍କ ହାତ ସିଗନାଲରେ ଚାଲିଥାଏ । ଏହି ଟ୍ରେନ ୧୦୦ ବର୍ଷରୁ ଅଧିକ ସମୟ ଧରି ଚାଲି ଆସୁଛି । ଏହାର କାହାଣୀ ଭାରତୀୟ ରେଳ ଇତିହାସରେ ଏକ ଅନନ୍ୟ ଅଧ୍ୟାୟ । ଭାରତୀୟ ରେଳକୁ ବିଶ୍ୱର ଚତୁର୍ଥ ବୃହତ ରେଳ ସେବା ଭାବରେ ବିବେଚନା କରାଯାଏ । ପ୍ରତିଦିନ ପ୍ରାୟ ୧୩,୦୦୦ ଯାତ୍ରୀବାହୀ ଟ୍ରେନ ସାରା ଦେଶରେ ଯାତ୍ରା କରନ୍ତି । ସାଧାରଣତଃ ପ୍ରତ୍ୟେକ ଟ୍ରେନ ଏକ ସିଗନାଲ ସିଷ୍ଟମ ଅଧୀନରେ ଚାଲିଥାଏ, କିନ୍ତୁ ଉତ୍ତର ପ୍ରଦେଶର ବୁନ୍ଦେଲଖଣ୍ଡ ଅଞ୍ଚଳରେ ଏକ ଛୋଟ ଟ୍ରେନ ଅଛି, ଯାହା ଏହି ନିୟମକୁ ଭାଙ୍ଗି ନିଜର ଅନନ୍ୟ ପରିଚୟ ବଜାୟ ରଖେ ।

ଏହି ଟ୍ରେନ ଜାଲୌନ ଜିଲାର ଆଟ ଜଙ୍କସନ ଏବଂ କୋଞ୍ଚ ମଧ୍ୟରେ ଚାଲିଥାଏ । ଏହା ପ୍ରାୟ ୧୩ କିଲୋମିଟର ରୁଟ ଉପରେ ଏକ ଛୋଟ ସଟଲ ସେବା, ଯାହାକୁ ସ୍ଥାନୀୟ ଲୋକମାନେ ସ୍ନେହରେ 'ଆଡ୍ଡା' ବୋଲି କୁହାଯାଏ ।



ଏହି ଟ୍ରେନ ୧୯୦୨ ମସିହାରେ ବ୍ରିଟିଶ ଯୁଗରେ ସେବା ଆରମ୍ଭ କରିଥିଲା । ଏହାର ଅର୍ଥ ହେଉଛି ଏହି ସେବା ୧୨୪ ବର୍ଷରୁ ଅଧିକ ସମୟ ଧରି ଚାଲୁଛି । ଏହି ସମୟ ମଧ୍ୟରେ ରେଳବିଭାଗରେ ଅନେକ ପରିବର୍ତ୍ତନ ଆସିଛି, କିନ୍ତୁ ଏହି ନ୍ୟାରୋଗଜ ଲାଇନର ପରିଚୟ ସମାନ ରହିଛି । ଏହାର ରୁଟ ଛୋଟ ହୋଇପାରେ, କିନ୍ତୁ ଏହାର ଗୁରୁତ୍ୱ ସମାନ ରହିଛି । ବୁନ୍ଦେଲଖଣ୍ଡ ଭଳି ଅଞ୍ଚଳରେ, ଯେଉଁଠାରେ ଗାଁଗୁଡ଼ିକ ବହୁତ ଦୂରରେ ବିସ୍ତାରିତ, ଏହି ଟ୍ରେନ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି ।

ଏହି ଟ୍ରେନ୍‌ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଯେ, ଯାତ୍ରୀମାନଙ୍କୁ ଏହାକୁ ଅଟକାଇବା ପାଇଁ କେବଳ ହାତ ହଲାଇବାକୁ ପଡିବ । ଯଦି କେହି ଟ୍ରାକ ପାଖରେ କିମ୍ବା ପ୍ଲାଟଫର୍ମ ସିଗନାଲରେ ଠିଆ ହୁଅନ୍ତି, ତେବେ ଟ୍ରେନ ଅଟକିଯାଏ । ତଥାପି ଏହା ସମ୍ପୂର୍ଣ୍ଣ ଅନିୟନ୍ତ୍ରିତ ନୁହେଁ । ଟ୍ରେନ ଏକ ସ୍ଥିର ରୁଟ ଏବଂ ସୀମିତ ଷ୍ଟେଶନ ମଧ୍ୟରେ ଚାଲିଥାଏ, କିନ୍ତୁ ସ୍ଥାନୀୟ ଆବଶ୍ୟକତା ଅନୁସାରେ ଅଟକିବାର କ୍ଷମତା ଏହାର ପରିଚୟ ପାଲଟିଛି ।

ଏହି ଟ୍ରେନ୍‌ରେ କେବଳ ତିନୋଟି କୋଚ ଅଛି । ଏହାର ହାରାହାରି ଗତି ଘଣ୍ଟା ପ୍ରତି ପ୍ରାୟ ୩୦ କିଲୋମିଟର । ଏହା ପ୍ରାୟ ୪୦ ମିନିଟ୍ ?ରେ ୧୩ କିଲୋମିଟର ଯାତ୍ରା କଭର କରେ । ଏହି ଟ୍ରେନ ବ୍ୟବହାର କରି ଏଠାକାର ଚାଷୀମାନେ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ବଜାରକୁ ନେଇଯାଆନ୍ତି । ଛୋଟ ବ୍ୟବସାୟୀ ଏବଂ ଛାତ୍ରୀଛାତ୍ରମାନେ ମଧ୍ୟ ଏହା ଉପରେ ନିର୍ଭର କରନ୍ତି । ତେଣୁ ଏହି ଟ୍ରେନ କେବଳ ପରିବହନର ଏକ ମାଧ୍ୟମ ନୁହେଁ, ବରଂ ସ୍ଥାନୀୟ ଲୋକଙ୍କ ପାଇଁ ଏକ ଜୀବନରେଖା ।

# ମହିଳାମାନଙ୍କୁ ହନୁମାନଙ୍କ ପାଦ ସ୍ପର୍ଶ ମନା



ହିନ୍ଦୁଙ୍କର ସବୁଠୁ ପ୍ରିୟ ଦେବତା ସଙ୍କଟମୋଚନ ହନୁମାନ । ବ୍ୟାଧି, ଭୟ, ସଙ୍କଟରୁ ମୁକ୍ତି ଲାଗି ନାରୀପୁରୁଷ ନିର୍ବିଶେଷରେ ହନୁମାନଙ୍କର ପୂଜା କରିଥାନ୍ତି । ତେବେ ହନୁମାନଙ୍କ ପୂଜା କରିବା ସମୟରେ ମହିଳାଙ୍କ ପାଇଁ ରହିଛି କିଛି ବାରଣ ରହିଛି । ଯାହା ଭେଦଭାବ ଭିତ୍ତିରେ ହୋଇ ନାହିଁ ପରନ୍ତୁ ଏହା ସମ୍ପୂର୍ଣ୍ଣ ଭାବେ 'ମର୍ଯ୍ୟାଦା' ପ୍ରତି ସମ୍ମାନର ପ୍ରତୀକ । ପୁରାଣ ଶାସ୍ତ୍ର ମୁତାବକ ହନୁମାନ୍ ପ୍ରଭୁ ଶ୍ରୀରାମଙ୍କର ପରମ ସେବକ । ସେ ଚିରଞ୍ଜୀବୀ ପୁଣି ଆଜନ୍ମ ବ୍ରହ୍ମଚାରୀ । କେବଳ ମାତା ସୀତା ନୁହନ୍ତି, ପ୍ରତ୍ୟେକ ନାରୀଙ୍କୁ ମାତୃଶକ୍ତି ସ୍ୱରୂପ ଭାବେ ବିବେଚନା କରନ୍ତି । ମା' ଯେପରି ସନ୍ତାନର ପାଦ ଛୁଏଁ ନାହିଁ, ସେହି ମର୍ଯ୍ୟାଦା ରକ୍ଷା ଲାଗି ମହିଳାମାନେ ହନୁମାନଙ୍କ ମୂର୍ତ୍ତି ନିକଟରେ ନତମସ୍ତକ ହେବା ସମୟରେ ତାଙ୍କ ପାଦ ସ୍ପର୍ଶ କରନ୍ତି ନାହିଁ ବା କରିବା ଅନୁଚିତ୍ । ପୂଜା ବେଳେ ଯଦି ଜଣେ ମହିଳା ଚାହୁଁଛନ୍ତି ମୂର୍ତ୍ତିରେ ସିନ୍ଦୂର, ପୁଷ୍ପ ଚଢ଼ାଇବା ଲାଗି ତାହା ପୂଜକଙ୍କ ଜରିଆରେ ଅର୍ପଣ କରିବା ଶ୍ରେୟସ୍କର । ହନୁମାନ୍ ଚାଳିସା ପାଠ କରିବା ବା ସୁନ୍ଦରାକାଣ୍ଡ ପଢ଼ିବା ଇତ୍ୟାଦିରେ କୌଣସି ବାରଣ ମହିଳାମାନଙ୍କ ପ୍ରତି ଲାଗୁ ହୋଇ ନ ଥାଏ ।

# ବିଶ୍ୱର ଦାମୀ ପରଫ୍ୟୁମ

## ଗୋଟେ ବୋତଲର ଦାମ୍ ୧୧ କୋଟି



ବଜାରରେ ଉପଲବ୍ଧ ଅଧିକାଂଶ ପରଫ୍ୟୁମ୍ ସାଧାରଣତଃ କିଛି ହଜାର ଟଙ୍କା ପର୍ଯ୍ୟନ୍ତ ମୂଲ୍ୟବାନ ହୋଇଥାଏ । କିଛି ବିଳାସପୂର୍ଣ୍ଣ ପରଫ୍ୟୁମ୍ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟବାନ ହୋଇପାରେ, କିନ୍ତୁ ବିଶ୍ୱରେ ଏପରି ପରଫ୍ୟୁମ୍ ମଧ୍ୟ ଅଛି ଯାହାର ଏକ ଛୋଟ ବୋତଲର ମୂଲ୍ୟ ୧ କୋଟି ଟଙ୍କାରୁ ଅଧିକ ହୋଇପାରେ ।

ଏହି ପରିମାଣ ଏତେ ଯେ ଏହା ଜଣେ ସାଧାରଣ ବ୍ୟକ୍ତିଙ୍କ ଜୀବନକାଳ ସଞ୍ଚୟକୁ ଅତିକ୍ରମ କରେ । ଏହି ପରଫ୍ୟମର ମୂଲ୍ୟରେ ସହଜରେ ଏକ ବିଳାସପୂର୍ଣ୍ଣ ଘର କିଣିପାରିବେ । ଆସନ୍ତୁ ଜାଣିବା ବିଶ୍ୱର ସବୁଠାରୁ ମହଙ୍ଗା ପରଫ୍ୟୁମ୍ ବିଷୟରେ...

ବିଶ୍ୱର ସବୁଠାରୁ ମହଙ୍ଗା ପରଫ୍ୟୁମ୍ ହେଉଛି ଶୁମୁଖ । ଏହାର ମୂଲ୍ୟ ପ୍ରାୟ ୧୨.୯ ଲକ୍ଷ ଡଲାର । ଭାରତୀୟ ଟଙ୍କାରେ ପ୍ରାୟ ୧୧.୭ କୋଟି ଟଙ୍କା । ଦୁବାଇସ୍ଥିତ ନବିଲ୍ ପରଫ୍ୟୁମ୍ସ ଏହାକୁ ଲଞ୍ଚ କରିଛି । ଏହି ପରଫ୍ୟୁମ୍ ଏକ ୩ ଲିଟର ବୋତଲରେ ଆସିଥାଏ । ଏହି ବୋତଲଟିରେ ୩,୫୦୦ ରୁ ଅଧିକ ହୀରା, ମୋତି, ଏବଂ ସୁନା ଏବଂ ରୂପାରେ ସଜାଯାଇଛି । ଏହି ପରଫ୍ୟୁମ୍ ଆଉଡ୍, ଚନ୍ଦନ, କସ୍ତୁରୀ ଏବଂ ତୁର୍କୀ ଗୋଲାପ ସହିତ ତିଆରି କରାଯାଇଛି । ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହି ପରଫ୍ୟୁମର ମୂଲ୍ୟର ଏକ ବଡ଼ ଅଂଶ ବୋତଲ ପାଇଁ ଖର୍ଚ୍ଚ ହୋଇଥିଲା ।

### ଦ୍ୱିତୀୟ ସବୁଠାରୁ ମହଙ୍ଗା ପରଫ୍ୟୁମର ମୂଲ୍ୟ ୯ କୋଟି

ବିଶ୍ୱର ଦ୍ୱିତୀୟ ସବୁଠାରୁ ମହଙ୍ଗା ପରଫ୍ୟୁମର ମୂଲ୍ୟ ପ୍ରାୟ ୯ କୋଟି । ଏହାକୁ ଗୋଲଡ୍ଡେନ ଡେଲିସିଆସ୍ ମିଲିୟନ୍ ଡଲାର୍ ଫ୍ରାଗ୍ରେନ୍ସ ବୋତଲ କୁହାଯାଏ । ଏହି ପରଫ୍ୟୁମ ୨୦୧୧ ମସିହାରେ ଏକ ସେବଲ୍ ଆକୃତିର ବୋତଲରେ ପ୍ରଚଳନ କରାଯାଇଥିଲା । ଏହି ବୋତଲଟି ସାରା ବିଶ୍ୱରୁ ୩,୦୦୦ ମୂଲ୍ୟବାନ ପଥରରେ ତିଆରି ହୋଇଛି, ଯାହା ଏହାକୁ ଏତେ ମହଙ୍ଗା କରିଛି ।

### ନମ୍ବର ୩ ରେ ହୀରା ଏବଂ ସୁନାରେ ସଜ୍ଜିତ ସ୍ୱତନ୍ତ୍ର ବୋତଲ

କ୍ଲାଇଭ୍ ଖ୍ରୀଷ୍ଟିଆନ୍ ନମ୍ବର ୧ ଇମ୍ପେରିଆଲ୍ ମାଜେଷ୍ଟି ବିଶ୍ୱର ସବୁଠାରୁ ମହଙ୍ଗା ପରଫ୍ୟୁମର



ତାଲିକାରେ ତୃତୀୟ ସ୍ଥାନରେ ଅଛି । ଏହି ସ୍ୱତନ୍ତ୍ର ସଂସ୍କରଣର କେବଳ ୧୦ ଟି ବୋତଲ ଉତ୍ପାଦିତ ହୋଇଥିଲା । ପ୍ରତ୍ୟେକ ବୋତଲ ବାକାରାଟ୍ ସ୍ଫଟିକରୁ ତିଆରି ହୋଇଥିଲା ଏବଂ ପାଞ୍ଚ କ୍ୟାରେଟ୍ ହୀରା ସହିତ ଖଚିତ ହୋଇଥିଲା ।

ଏଥିରେ ୧୦ କ୍ୟାରେଟ୍ ସୁନା କଲର ମଧ୍ୟ ଥିଲା । ଲଞ୍ଚ ସମୟରେ, ପ୍ରତି ବୋତଲର ମୂଲ୍ୟ ୨.୧୫ ଲକ୍ଷ ଡଲାର ଥିଲା, ଯାହା ବର୍ତ୍ତମାନର ବିନିମୟ ହାରରେ ପ୍ରାୟ ୧.୯ କୋଟି ।

# ତେଲୁଗୁ ସିନେ ଇଣ୍ଡଷ୍ଟ୍ରିରେ ପାଦ ଥାପିବେ ରାଶା

ଖୁବ୍‌ଶୀଘ୍ର ତେଲୁଗୁ ସିନେ ଇଣ୍ଡଷ୍ଟ୍ରିରେ ପାଦ ଥାପିବେ ରାଶା ଥଡାନି । ରୋମାଣ୍ଟିକ୍ ଡ୍ରାମା 'ଶ୍ରୀନିବାସ ମଙ୍ଗାପୁରମ୍'ରେ ସେ ମହେଶ ବାବୁଙ୍କ ପୁତୁରା ଜୟ କୃଷ୍ଣ ଘଟ୍ଟମନେନିଙ୍କ ଅପୋଜିଟରେ ପରଦାକୁ ଆସିବେ । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅଜୟ ଭୂପତି । ନିର୍ମାତା ଫିଲ୍ମର ଏକ ନୂଆ ପୋଷ୍ଟର୍ ସୋସିଆଲ ମିଡିଆରେ ଶେୟାର କରି ରାଶାଙ୍କ ଚରିତ୍ରର ନାଁ ଘୋଷଣା କରିଛନ୍ତି । ଫିଲ୍ମରେ ରାଶା ମଙ୍ଗା ଚରିତ୍ର ନିର୍ବାହ କରିବେ ।ପୋଷ୍ଟରରେ ରାଶା ଏକ ବଗିଚାରେ ବାଇଗଣି ରଙ୍ଗର କୁର୍ତ୍ତି ପିନ୍ଧି ଖୁବ୍ ଖୁସି ଜଣାପଡୁଛନ୍ତି । ଭିନ୍ନ ଲୁକ୍‌ରେ ତାଙ୍କର ଅନ୍ୟ ଏକ ପୋଷ୍ଟର୍ ମଧ୍ୟ ଜାରି ହୋଇଛି, ଯେଉଁଥିରେ ସେ କଳା ଟପ୍ ଓ ନୀଳ ଜିନ୍ସରେ ଆତ୍ମବିଶ୍ୱାସର ସହ ଏକ ବାଇକ୍‌ରେ ବସିଛନ୍ତି । ଏହି ଫିଲ୍ମ ଜରିଆରେ ଜୟ କୃଷ୍ଣ ବି ତେଲୁଗୁ ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରୁଛନ୍ତି । ନିକଟରେ ଫିଲ୍ମରେ ତାଙ୍କ ଫାର୍ଷ୍ଟ ଲୁକ୍ ଜାରି ହୋଇଥିଲା । 'ଆରଏକ୍ସ ୧୦୦' ଓ 'ମଙ୍ଗଳବାରମ୍' ଭଳି ସଫଳ ଫିଲ୍ମ ପାଇଁ ପରିଚିତ ନିର୍ଦ୍ଦେଶକ ଅଜୟ ଭୂପତି ଏହି ରୋମାଣ୍ଟିକ୍ ଡ୍ରାମାକୁ ନେଇ ଖୁବ୍ ଆଶା ବାନ୍ଧିଛନ୍ତି । ୨୦୨୫ରେ ବଲିଉଡ୍ ଫିଲ୍ମ 'ଆଜାଦ୍' ଜରିଆରେ ରାଶା ଫିଲ୍ମ ଦୁନିଆକୁ ଆସିଥିଲେ ।





# ହାଡ଼କୁ ଦୁର୍ବଳ କରେ ଏହି ୫ଟି ଜିନିଷ

ଦିନକୁ ଦିନ ବଦଳୁଥିବା ଖାଦ୍ୟ ପାନୀୟର ଭୁଲ୍ ଅଭ୍ୟାସ ଯୋଗୁଁ ଆଜି ପ୍ରତି ୫ ଜଣରେ ଜଣେ ବ୍ୟକ୍ତି କୌଣସି ନା କୌଣସି ସ୍ୱାସ୍ଥ୍ୟ ସମସ୍ୟାରେ ଶିକାର ହୋଇଥାନ୍ତି । ଯେପରି କି ଆଣ୍ଠୁ ଗଣ୍ଠି ଦରଜ । ପ୍ରଥମେ ଏଭଳି ସମସ୍ୟା କେବଳ ବୟସ୍କ ଲୋକଙ୍କ ନିକଟରେ ଦେଖିବାକୁ ମିଳୁଥିଲା । କିନ୍ତୁ ଆଜି ଅଳ୍ପ ବୟସରେ ମଧ୍ୟ ଏଭଳି ସମସ୍ୟା ଦେଖିବାକୁ ମିଳୁଛି । ଏମିତିରେ ଆବଶ୍ୟକ ଏଭଳି ଖାଦ୍ୟ ଖାଇବେ ଯେଉଁଥିରେ ସାରା ଜୀବନ ହାଡ ମଜଭୂତ ରହିବ । ଆଉ ହାଡକୁ ମଜଭୂତ କରିବା ପାଇଁ ଅତ୍ୟନ୍ତ ଜରୁରୀ କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି । ଯଦି ଏହି ଦୁଇ ତତ୍ୱ ମଧ୍ୟରୁ ଯେ କୌଣସି ଗୋଟିଏର ମାତ୍ରା କମ୍ ହୁଏ ତେବେ ଆଣ୍ଠୁ ଗଣ୍ଠି ଦରଜ ଭଳି ସମସ୍ୟା ଦେଖାଦେଇଥାଏ । ହେଲେ କଣ ଆପଣ ଜାଣନ୍ତି ଆମେ ଦୈନନ୍ଦିନ ଜୀବନରେ ଏଭଳି କିଛି ଖାଦ୍ୟ ଖାଇଥାଉ ଯାହା ଦିନକୁ ଦିନ ଆମ ହାଡକୁ ଦୁର୍ବଳ କରିଥାଏ ।

**ଅଧିକ ଲୁଣ :** ଖାଦ୍ୟର ସ୍ୱାଦ ବଢାଇଥାଏ ଲୁଣ । କିନ୍ତୁ ଅଧିକ ଲୁଣ ଖାଇଲେ ହାଡ ଦୁର୍ବଳ ହୋଇଯାଇଥାଏ । ଲୁଣରେ ସୋଡିୟମର ମାତ୍ରା ଅଧିକ ଥାଏ । ଯାହା ଶରୀରରୁ ଯିବା ପରେ କ୍ୟାଲସିୟମକୁ ୟୁରିନ୍ ମାଧ୍ୟମରେ ବାହାରକୁ ବାହାର କରିଦେଇଥାଏ । ଯାହା ଫଳରେ ଶରୀରରେ କ୍ୟାଲସିୟମ ମାତ୍ରା କମିଯିବା ସହ ହାଡ ଦୁର୍ବଳ ହୋଇଯାଇଥାଏ ।

**ଚକଲେଟ୍ :** ଛୋଟ ହେଉ ବା ବଡ , ଚକଲେଟ୍ ସମସ୍ତଙ୍କ ପସନ୍ଦ । ଏହା ନା କେବଳ ମୁଡକୁ ଫ୍ରେସ୍ କରିଥାଏ ବରଂ ମୁହଁର ସ୍ୱାଦ ମଧ୍ୟ ବଢାଇଥାଏ । କିନ୍ତୁ ଆବଶ୍ୟକତାଠାରୁ ଅଧିକ ଚକଲେଟ୍ ଖାଇଲେ ଏହାର ସିଧା ପ୍ରଭାବ ହାଡ ଉପରେ ପଡିଥାଏ । ଅଧିକ ଚକଲେଟ୍ ଖାଇଲେ ଶରୀରରେ ସୁଗାର ଏବଂ ଓକ୍ସୋଲେଟର ମାତ୍ରା ବଢିଯାଇଥାଏ । ଯାହା ଫଳରେ ଶରୀରରେ କ୍ୟାଲସିୟମ ପ୍ରବେଶ କରି ପାରିନଥାଏ ଏବଂ ହାଡ ଧୀରେ ଧୀରେ ଦୁର୍ବଳ ହୋଇଯାଇଥାଏ ।

**ମଦ :** ମଦ ପିଇବା ଭଳି ଖରାପ ଅଭ୍ୟାସ ଅଧିକାଂଶ ଲୋକଙ୍କର ଥାଏ । ହେଲେ ମଦ ନା କେବଳ ଅନ୍ୟମାନଙ୍କ ସାମ୍ନାରେ ଆପଣଙ୍କ ଛବି ଖରାପ କରିଥାଏ ବରଂ ହାଡ ଉପରେ ପ୍ରଭାବ ପକାଇଥାଏ । ଅଧିକ ମଦ ପିଇଲେ ଶରୀରରେ କ୍ୟାଲସିୟମର ଅଭାବ ହେବା ସହ ହାଡ ଦୁର୍ବଳ ହୋଇଯାଇଥାଏ ।



**କୋଲ୍ଡ ଡ୍ରିଙ୍କ୍ସ :** ଖରାଦିନେ କୋଲ୍ଡ ଡ୍ରିଙ୍କ୍ସ ପ୍ରାୟ ସମସ୍ତଙ୍କର ଡାଏଟରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଯାଏ । କିନ୍ତୁ ମନେ ରଖନ୍ତୁ କୋଲ୍ଡ ଡ୍ରିଙ୍କ୍ସରେ କାର୍ବ ଡାଇଅକ୍ସାଇଡ୍ ଏବଂ ଫସଫରସ୍ ଥାଏ । ଯାହା ଶରୀର ମଧ୍ୟକୁ ପ୍ରବେଶ କରି ହାଡକୁ ଦୁର୍ବଳ କରିଦେଇଥାଏ ।

**ଚା ଏବଂ କଫି :** ଚା ହେଉ ବା କଫି, ଅଧିକାଂଶ ଲୋକ ନିଜ ଦିନର ଆରମ୍ଭ ଏଥିରୁ ହିଁ କରିଥାନ୍ତି । କିନ୍ତୁ ଏସବୁ ପିଇବା ପୂର୍ବରୁ ଏହାର କ୍ଷତି ବିଷୟରେ ଜାଣିବା ଆବଶ୍ୟକ । ଚା ଏବଂ କଫିରେ କଫିନ୍ ଭରପୁର ମାତ୍ରାରେ ଥାଏ । ଯଦି ଏହା ଅଧିକ ମାତ୍ରାରେ ଶରୀର ମଧ୍ୟକୁ ପ୍ରବେଶ କରେ ତେବେ ହାଡ ଧୀରେ ଧୀରେ ଦୁର୍ବଳ ହୋଇଯାଇଥାଏ ।






# ଅଟଳ ସେନା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ରଙ୍ଗେଇଲୁଣ୍ଡା ୧୬।୩(ପ୍ରବାହ ନ୍ୟୁଜ): ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ରାଳବ ସୂର୍ଯ୍ୟବର୍ଦ୍ଧନ କଲ୍ୟାଣ ମଣ୍ଡପ ପରିସରରେ ଅଟଳ ସେନା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜେପି କାର୍ଯ୍ୟକର୍ତ୍ତା ସୁନୀଲ କୁମାର ପାତ୍ର,ରଙ୍ଗେଇଲୁଣ୍ଡା ବ୍ଲକବିଜେପି ସଭାପତି ବ୍ରଜମୋହନ ନାହାକ,ଗଙ୍ଗାଧର ଶତପଥୀ ଏବଂ ବି ଗଣେଶ ପାତ୍ର ଅନୁଷ୍ଠାନିକ ଭାବେ ଶିବିର କୁ ଉଦଘାଟନ କରିଥିଲେ। ରକ୍ତଦାନ କରି ସମାଜର ମଙ୍ଗଳକାମନା କରିବା ଓ ରକ୍ତବୀର ମାନଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମ ର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ସାମ୍ପ୍ରତିକ ପରିସ୍ଥିତି ରେ ରକ୍ତ ପାଇଁ ବହୁ ଲୋକ ଙ୍କ ଜୀବନ ଚାଲିଯାଉଛି। ତେଣୁ ରକ୍ତଦାନ ଶିବିର ର ଆବଶ୍ୟକତା ରହିଛି ବୋଲି ଅଟଳ ସେନା ର ମଣ୍ଡଳ କାର୍ଯ୍ୟକର୍ତ୍ତା ଗୁରୁନାଥ ଖୁଣ୍ଟିଆ କହିଥିଲେ। ବର୍ତ୍ତମାନ ଗ୍ରୀଷ୍ମ




ପ୍ରବାହ ଆସୁଥିବା ଯୋଗୁଁ ଡାକ୍ତରଖାନା ରେ ରକ୍ତର ଘୋର ଅଭାବ ଦେଖାଯାଇଥାଏ ଯାହାଫଳରେ ଲୋକ ମାନଙ୍କ ଜୀବନ ଚାଲିଯାଏ ଅଟଳ ସେନାର ଏହିପରି ମହତକାର୍ଯ୍ୟ କୁ ହଳଦିଆପଦର ସରପଞ୍ଚ ଦଣ୍ଡପାଣି ବେହେରା ଭୁୟସୀ ପ୍ରଶଂସା କରିବା ସହ ରକ୍ତଦାତା ଙ୍କୁ ଉତ୍ସାହିତ କରିଥିଲେ। ବିଗତ ବର୍ଷ ୩୭ୟୁନିଟ ରକ୍ତ ସଂଗୃହିତ ହୋଇଥିବା ବେଳେ ଚଳିତ ବର୍ଷ ୧୦୦ରୁ ଉର୍ଦ୍ଧ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ନେଇ ବ୍ରହ୍ମପୁର ଏମକେସିଜି ମେଡିକାଲ ଷ୍ଟାଫ ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଅଟଳ ସେନାର କୈଳାଶ ମହାନ୍ତି, କବିରାଜ ଖୁଣ୍ଟିଆ, ଗୋପୀନାଥ ମହାରଣା, ଜଗଦୀଶ ପାଢ଼ୀ, ଟୁକୁନା ମହାନ୍ତି, ଟୁଟୁ ଦାଶ, ପିଣ୍ଟୁ ଦାଶ, ଶୁଭମ ମହାପାତ୍ର, ବିରବର ବେହେରା, ସମେତ ବହୁ କର୍ମକର୍ତ୍ତା ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ।

## ଚତୁର୍ଥ ଲଉଡି ମହୋତ୍ସବ ଅନୁଷ୍ଠିତ

ଆଠଗଡ଼,୧୬।୩(ପ୍ରବାହ ନ୍ୟୁଜ): ନଦୀକୂଳ ଯାଦବ ଲଉଡି ମହାସଂଘ ତରଫରୁ ୪ ର୍ଥ ଲଉଡି ମହୋତ୍ସବ ଧବଳେଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ଧୂରୁଷିଆ ମହାଳପଡା କେଉଟପଡା କାଇପୁଡିଆ ବଉଳପଦା ଘଣ୍ଟିଖାଲ କଦମ୍ବପାଟଣା ରାଧାଶ୍ୟାମପୁର ଦ୍ୱାରବତିପୁର କନ୍ଦରପୁର ଓ ବିଦ୍ୟାଧରପୁର ଅଞ୍ଚଳର ଯାଦବ ଲ଼ଉଡି ସଂଘର ଗୋପାଳ ମାନଙ୍କ ଦ୍ୱାରା ଲଉଡି ପରିବେଷଣ କରାଯାଇଥିଲା। ଆଠଗଡ଼ ଯାଦବ ଲଉଡି ମହାସଂଘ ର ସଭାପତି ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା।

## ଉମାଦେଇବ୍ରହ୍ମପୁରରେ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ବାଲିଅନ୍ତା, ୧୬।୩(ପ୍ରବାହ ନ୍ୟୁଜ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇ ବ୍ରହ୍ମପୁର ଗ୍ରାମପଞ୍ଚାୟତରେ ବିକାଶର ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ଥାନୀୟ ସରପଞ୍ଚ ରମାଲତା ନାୟକଙ୍କ ଦ୍ୱାରା ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ଯଶୁଆପୁର ଭୋଇ ସାହି ଢଳେଇ ରାସ୍ତା ନିର୍ମାଣ ପାଇଁ ୧ ଲକ୍ଷ ୭୦ ହଜାର , ପଣ୍ଡା ସାହି ଢଳେଇ ରାସ୍ତା ନିର୍ମାଣ ପାଇଁ ୧ ଲକ୍ଷ , ବେହେରା ସାହି ଢଳେଇ ରାସ୍ତା ନିର୍ମାଣ ପାଇଁ ୧ ଲକ୍ଷ ୧୫ ହଜାର , ରଘୁଶ୍ରୀରାମପୁ ଢଳେଇ ରାସ୍ତା ନିର୍ମାଣ ପାଇଁ ୧ ଲକ୍ଷ ଓ ଯଶୁଆପୁର-୧ ଅଙ୍ଗନବାଡ଼ି ଗୃହର ନବୀକରଣ ପାଇଁ ୧ ଲକ୍ଷ ଟଙ୍କାର ପ୍ରକଳ୍ପ ଗୁଡ଼ିକର ଶୁଭ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ଦୁର୍ଯୋଧନ ପ୍ରଧାନ,ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ପ୍ରିୟବ୍ରତ ପାତ୍ର , ଭାଗ୍ୟଧର ସ୍ୱାଇଁ, ସହଦେବ ସ୍ୱାଇଁ, ବାସୁଦେବ ଭୋଇ, ପ୍ରମୋଦ ଭୋଇ, ହରିକୃଷ୍ଣ ମହାରଣାଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ ।ଏହି ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହେଲେ ଗ୍ରାମବାସୀଙ୍କ ମୌଳିକ ସମସ୍ୟାର ସମାଧାନ ହେବା ସହ ପଞ୍ଚାୟତର ଭିତ୍ତିଭୂମି ସୁଦୃଢ଼ ହେବ ବୋଲି ସରପଞ୍ଚ ରମାଲତା ନାୟକ କହିଛନ୍ତି।

## ଯୁଦ୍ଧ ଯୋଗୁ ଦେଖାଦେଲାଣି ବ୍ୟବସାୟିକ ଓ ଘରୋଇ ଏଲପିଜି ଗ୍ୟାସ ସଂକଟ

ଭବାନୀପାଟଣା ୧୬/୩(ପ୍ରବାହ ନ୍ୟୁଜ) କଳାହାଣ୍ଡି ଜିଲ୍ଲାରେ ମଧ ଗ୍ୟାସ ସିଲିଣ୍ଡର ଅଭାବ ଉତ୍କଟ ସ୍ଥିତିରେ ପହଞ୍ଚିଛି। ଭବାନୀପାଟଣାର ଅନେକ ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ ଗ୍ୟାସ ଅଭାବରୁ ବନ୍ଦ ହେବା ଆରମ୍ଭ ହେଲାଣି ତ ଆଉ କିଛି ଗ୍ୟାସ ପାଇଁ ସଂଘର୍ଷ କରୁଛନ୍ତି। ଏନେଇ ସ୍ଥାନୀୟ ଭାଗୀରଥି ଇନ୍ ଠାରେ ବଣିକ ସଂଘ ପକ୍ଷରୁ ଭବାନୀପାଟଣାର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ , କେଫେ, ଫାଷ୍ଟଫୁଡ ତଥା ଫୁଡ୍ ଷ୍ଟଲ୍ ମାଲିକ ମାନଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କମର୍ସିଆଲ ଗ୍ୟାସ ଯୋଗାଣକୁ ନେଇ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏନେଇ ଆଜି ସକାଳେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାରଙ୍କୁ ବଣିକ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ସାକ୍ଷାତ କରିବା ସହ ଦାବିପତ୍ର ପ୍ରଦାନ



- ରେଷ୍ଟୁରାଣ୍ଟ, ଖାଦ୍ୟ ବିକ୍ରେତା ଏଥିରେ ସର୍ବାଧିକ ପ୍ରଭାବିତ ହେଉଛନ୍ତି
- ଆଗକୁ ମିଳିବ କି ନାହିଁ ଆଶଙ୍କା କରି ଲୋକେ କଳାବଜାରରେ ଗ୍ୟାସ କିଣୁଛନ୍ତି

କରିଛନ୍ତି । ବିଭିନ୍ନ ରେଷ୍ଟୁରାଣ୍ଟ, ହୋଟେଲ , ଫାଷ୍ଟଫୁଡ, ଟିଫିନ ସେଣ୍ଟର ଆଦି ଖାଦ୍ୟ ଷ୍ଟଲ କୁ ବ୍ୟବସାୟିକ ଏଲପିଜି ଗ୍ୟାସ ଯୋଗାଣ କରିବା, କୋଇଲା ଓ କାଠରେ ରନ୍ଧନ ପାଇଁ ଅନୁମତି, ଗ୍ୟାସ ଏଜେନ୍ସୀର କଳାବଜାରୀ ରୋକିବା, କୋଇଲା ଭାରକୁ ଫରେଷ୍ଟ ବିଭାଗ ପକ୍ଷରୁ କୋହଳ କରିବା ଏବଂ ଗ୍ୟାସ ସଂକଟ ।

## ଜିଲ୍ଲାପାଳ ରଘୁରାମ ଆର ଆୟଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୧୬।୩(ପ୍ରବାହ ନ୍ୟୁଜ): ଜିଲ୍ଲାରେ ଏଲ୍‌ପିଜି (LPG) ଗ୍ୟାସର ଅଭାବ ପରିସ୍ଥିତିକୁ ସଠିକ୍ ଭାବେ ପରିଚାଳନା କରିବା ଓ ସାଧାରଣ ଲୋକଙ୍କୁ ସମୟମତେ ଗ୍ୟାସ ବଣ୍ଟନରେ ସୁନିଶ୍ଚିତ କରିବା ନେଇ ଆଜି ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲ୍ଲାପାଳ ରଘୁରାମ ଆର ଆୟଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଇଣ୍ଡିଆନ ଓଇଲ୍ କର୍ପୋରେସନ୍ (IOCL), ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ୍ (HPCL) ଓ ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ (BPCL) ର ପ୍ରତିନିଧିମାନେ ସହିତ ଜିଲ୍ଲା ଯୋଗାଣ ଅଧିକାରୀ (CSO) ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାରେ ଏଲ୍ ?ପିଜି ଗ୍ୟାସ ଯୋଗାଣ ସମ୍ପର୍କିତ



ବର୍ତ୍ତମାନ ପରିସ୍ଥିତି ଉପରେ ଆଲୋଚନା ହୋଇଥିବା ସହ ଗ୍ୟାସ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ସମୟମତେ ଗ୍ରାହକମାନଙ୍କୁ ଗ୍ୟାସ ଉପଲବ୍ଧ କରାଇବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସମ୍ବନ୍ଧିତ ତେଲ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଗ୍ୟାସ ବଣ୍ଟନ ପ୍ରକ୍ରିୟାରେ କୌଣସି ପ୍ରକାର ଅନିୟମିତତା, କଳାବଜାରୀ କିମ୍ବା ମହଜୁତଦାରୀ ଘଟିବାକୁ ନଦେବା ଉପରେ ମଧ୍ୟ ଜୋର ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପରିସ୍ଥିତି ଉପରେ ନଜର ରଖାଯାଇଛି ଏବଂ ସାଧାରଣ ଲୋକଙ୍କୁ ଗ୍ୟାସ ପ୍ରଦାନରେ କୌଣସି ଅସୁବିଧା ନ ହେବାକୁ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

## ନରସିଂହପୁର ଜଙ୍ଗଲରେ ଅସୁସ୍ଥ ଦନ୍ତା ବନ ବିଭାଗ ପାଖରେ ଖବର ନାହିଁ

ଆଠଗଡ଼, ୧୬।୩(ପ୍ରବାହ ନ୍ୟୁଜ): ନରସିଂହପୁର ପଶ୍ଚିମ ବନବିଭାଗ ସାତକୋଶିଆ ବନଖଣ୍ଡ ଅନ୍ତର୍ଗତ ଜିଲିଣ୍ଡା ବନ ବିଭାଗ ଜଙ୍ଗଲରେ ରେ ଏକ ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳୁଛି ।ହେଲେ ଏ ବିଷୟରେ ବନବିଭାଗ ପାଖରେ କୌଣସି ଖବର ନାହିଁ ବୋଲି ଜଣାପଡ଼ିଛି। ବାଲିକିଆରୀ ଜଙ୍ଗଲରେ ୨ ଦିନ ହେବ ଏକ ଅସୁସ୍ଥ ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳୁଛି ।ହାତୀଟିର ବୟସ ୫ରୁ ୬ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ହାତୀର ଆଗ ଗୋଡ଼ରେ ଆଘାତ ଲାଗିଥିବା ସ୍ଥାନୀୟ ଲୋକ ମାନେ ମତ ପ୍ରକାଶ କରିଛନ୍ତି। ଏ ନେଇ ନରସିଂହପୁର ପଶ୍ଚିମ ବନବିଭାଗ ଅଧିକାରୀ ପ୍ରଦୀପ କୁମାର ନାୟକଙ୍କୁ ପଚାରିବାରୁ ସେମିତି କିଛି ଖବର ନାହିଁ ବୋଲି ସୂଚନା ଦେଇଛନ୍ତି।

# ଗଞ୍ଜେଇ ସହ ବାଇକ ଜବତ, ଦୁଇଜଣ ଗିରଫ

ବୌଦ୍ଧ ୧୬।୩(ପ୍ରବାହ ନ୍ୟୁଜ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ପୁଲିସ ପକ୍ଷରୁ ପେଟ୍ରୋଲିଙ୍ଗ ଚାଲିଥିବା ସମୟରେ କଣ୍ଟାମାଳ ଥାନା ନିକଟ ଶିମିଳିଯୋରା ଛକ ରୁ ଏକ ବାଇକ ସହ ଗଞ୍ଜେଇ ଜବତ କରିଥିବା ବେଳେ ଦୁଇ ଜଣ ମାଫିଆକୁ ଗିରଫ କରିଛି ପୁଲିସ । ସୂଚନା ଅନୁସାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କଣ୍ଟାମାଳ ଥାନାଧିକାରୀ ବାସୁଦେବ ଭୋଇ ଙ୍କ ନେତୃତ୍ୱରେ ଏକ ପୁଲିସ ଟିମ କଣ୍ଟାମାଳ ଥାନା ଅନ୍ତର୍ଗତ ବରଗାଁ-କଣ୍ଟାମାଳ ରାସ୍ତାରେ ପେଟ୍ରୋଲିଙ୍ଗ କରୁଥିଲେ କ୍ଷ ସେହିସମୟରେ ମାତାକୁପା ପଟୁ କଣ୍ଟାମାଳ ଦିଗକୁ ଆସୁଥିବା ଏକ ବାଇକ କୁ ଶିମିଳିଯୋରା ଛକରେ



ସନ୍ଦେହରେ ପୁଲିସ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ସମୟରେ ବାଇକ ରୁ ଗଞ୍ଜେଇ ଜବତ କରିଥିଲା ପୁଲିସ କ୍ଷ ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ରେ ଜବତ ଗଞ୍ଜେଇ କୁ ଓଜନ କରିବାରୁ ଜବତ୍ ଗଞ୍ଜେଇର ପରିମାଣ ୨୧ କେଜି ହୋଇଥିବା ବେଳେ ଗିରଫ ଅଭିଯୁକ୍ତ ମାନେ ହେଲେ ଉତ୍ତର ପ୍ରଦେଶ ର ଗାଙ୍ଗପୁର ଜିଲ୍ଲା ର ବାର୍ଡ଼ ଥ୍ରୀ ଫିଆଜଗଞ୍ଜ ବେହେଟାଥାନା ଅନ୍ତର୍ଗତ ସାହିର ଅଲ୍ଲୀ ଓ ନାହେଁ ଅଲ୍ଲୀ ( ୨୩) ବୋଲି କଣ୍ଟାମାଳ ପୁଲିସ ସୂଚନା ଦେଇଛି । ଏ ସଂକ୍ରାନ୍ତରେ କଣ୍ଟାମାଳ ଥାନା ରେ ଏନଡିପିଏସ ଆକ୍ଟ ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଗିରଫ ଅଭିଯୁକ୍ତ ଦ୍ୱୟ କୁ କୋର୍ଟ ଚାଲାଣ କରାଯିବ ବୋଲି କଣ୍ଟାମାଳ ଥାନାଧିକାରୀ ବାସୁଦେବ ଭୋଇ ସୂଚନା ଦେଇଛନ୍ତି କ୍ଷ ଏହି ଚଢ଼ାଉ ରେ କଣ୍ଟାମାଳ ଥାନାର ଥାନାଧିକାରୀ ଶ୍ରୀ ଭୋଇଙ୍କ ସମେତ ଏସଆଇ ପ୍ରକାଶ ଭୋଇ, ଏଏସଆଇ ଅଭୟ ପ୍ରଧାନ, ହାବିଲଦାର ହିମାଂଶୁ ଡାଙ୍ଗ,ମାନସ କୁମାର ପ୍ରଧାନ, ହୋମଗାର୍ଡ ଲକ୍ଷ୍ମୀକାନ୍ତ ସାହୁ ସମେତ ଆଇଆରବି ଷ୍ଟାଫ ସାମିଲଥିଲେ ।

# ଜିଲ୍ଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

କେନ୍ଦୁଝର୧୬।୩(ପ୍ରବାହ ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୁବ କଂଗ୍ରେସ କମିଟିର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ଅଧକ୍ଷତାରେ କେନ୍ଦୁଝର, ଆନନ୍ଦପୁର, ଘସିପୁରା, ପାଟଣା, ଚମ୍ପୁଆ ଓ ତେଲକୋଇ ନିର୍ବାଚନମଣ୍ଡଳୀସ୍ତରୀୟ ଯୁବ କଂଗ୍ରେସ ସଭାପତି ଏବଂ କର୍ମକର୍ତ୍ତାମାନେ ଯୋଗଦେଇଥିଲେ କ୍ଷ ବୈଠକ ରେ ୬ ଗୋଟି ଦାବୀ ଉପସ୍ଥାପନ କରାଗଲା ଏବଂ ଉକ୍ତ ଦାବି କୁ ନେଇ ଯୁବ କଂଗ୍ରେସ ରାଜରାସ୍ତାରେ ବିଧାନସଭା ସ୍ତରୀୟ ଆନ୍ଦୋଳନ କରିବ ବୋଲି ନିଷ୍ପତି ନିଆଗଲା। ଦାବି ଗୁଡ଼ିକ ଯଥା ୧ . ବେକାରୀ ସମସ୍ୟାର ସମାଧାନ ୨ . କେନ୍ଦୁଝରରେ ମେଗା ଷ୍ଟିଲ



ପ୍ଲାଣ୍ଟ ସ୍ଥାପନ ୩ ବିଜୁଳି ଉପୋଭୋକ୍ତା ମାନଙ୍କୁ ଟାଟା କମ୍ପାନୀ ର ମନମୁଖୀ କାର୍ଯ୍ୟ କୁ ବିରୋଧ ୪ . କୃଷି ଋଣ ଛାଡ ତଥା କୃଷକ ଭାଇ ମାନଙ୍କୁ ପ୍ରୋତ୍ସାହନ ଓ ସମ୍ପୂର୍ଣ୍ଣ ସହଯୋଗ ୫ . ସ୍ଲୋରିପାଇପ ଲାଇନ୍ କୁ ବିରୋଧ ୬ .କେନ୍ଦୁଝରରୁ ଗୋରୁ ଚାଲାଣ ଏବଂ ବାଲି ଚୋରୀ କୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦାବୀ ରେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି କ୍ଷ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓ ଜିଲ୍ଲା କଂଗ୍ରେସ ନେତୃତ୍ୱ ଯୋଗ ଦେବେ ବୋଲି ସଭାପତି ଶ୍ରୀ ଧୀର ପ୍ରକାଶ କରିଛନ୍ତି। ଏହି ଜିଲ୍ଲା କାର୍ଯ୍ୟକ୍ରମ ରେ କଂଗ୍ରେସ ଉପସଭାପତି ତଥା ସାଂସଦ ପାର୍ଥ ଶ୍ରୀଯୁକ୍ତ ବିନୋଦ ବିହାରୀ ନାଏକ ।

## ଲଡୁଗାଁ ଠାରେ ନିଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର

କଳାହାଣ୍ଡି,୧୬।୩(ପ୍ରବାହ ନ୍ୟୁଜ): ଭବାନୀପାଟଣା କୋକସରା ବ୍ଲକ ଲଡୁଗାଁ ମାରୱାଡି ଯୁବା ମଞ୍ଚ ପକ୍ଷରୁ ଆଜିଠାରୁ ରୁ ୧୮ ତାରିଖ ପର୍ଯ୍ୟନ୍ତ ନିଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଶ୍ରୀ ଭଗବାନ ମହାବୀର ବିକଳାଙ୍ଗ ସହାୟତା ସମିତି ରାଞ୍ଚି ର ମିଳିତ ସହଯୋଗରେ ଲଡୁଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ଅଞ୍ଚଳ ରୁ ଭିନ୍ନକ୍ଷମ ହିତାଧିକାରୀ ମାନେ ଆସି ରେଜିଷ୍ଟ୍ରେସନ ସହ ଡାକ୍ତର ଙ୍କ ଠାରୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଭିନ୍ନକ୍ଷମ ହିତାଧିକାରୀଙ୍କୁ ମାଗଣାରେ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ପାଇଁ



ବ୍ୟବସ୍ଥା କରିଛନ୍ତି। ରୋଗୀଙ୍କ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବ।ମାରୱାଡି ଯୁବା ମଞ୍ଚ ଲଡୁଗାଁ ଶାଖା ର ସଭାପତି ସାହିଲ ଅଗ୍ରୱାଲ, ସଚିବ ଗୌରବ ଅଗ୍ରୱାଲ, କାର୍ଯ୍ୟକାରୀ ଅଧକ୍ଷ ରୋନକ ଅଗ୍ରୱାଲ, ସଦସ୍ୟ ରାଜୀବ କୁମାର ଅଗ୍ରୱାଲ,ସମୀର ଅଗ୍ରୱାଲ, ଅମିତ ଅଗ୍ରୱାଲ,ଶ୍ୟାମୁ ଶର୍ମା,ପଙ୍କଜ ଅଗ୍ରୱାଲ ପ୍ରମୁଖ ସୂଚନା ଦେଇଛନ୍ତି।

## AOSCF ଏବଂ BSP ର ମିଳିତ ଆନୁକୁଲ୍ୟରେ ବହୁଜନ ନାୟକ ମାନ୍ୟବର କାଂଶୀରାମ ସାହେବଙ୍କ ୯୨ତମ ଜନ୍ମ ଜୟନ୍ତୀ ପାଳିତ



କଳାହାଣ୍ଡି ୧୬/୩(ପ୍ରବାହ ନ୍ୟୁଜ) କେସିଙ୍ଗା ବ୍ଲକ ବହୁଜନ ସମାଜର ମହାନ କ୍ରାନ୍ତିକାରୀ ନେତା, ସାମାଜିକ ପରିବର୍ତ୍ତନର ପୁରୋଧା ତଥା ଶୋଷିତ ଓ ବଞ୍ଚିତଙ୍କ ସ୍ୱର ମାନ୍ୟବର କାଂଶୀରାମ ସାହେବଙ୍କ ୯୨ତମ ଜନ୍ମ ଜୟନ୍ତୀ ରବିବାର ଦିନ All Odisha Scheduled Caste Federation (AOSCF) ଏବଂ ବହୁଜନ ସମାଜ ପାର୍ଟି (BSP) ର ମିଳିତ ଆନୁକୁଲ୍ୟରେ କେସିଙ୍ଗା ବ୍ଲକ ଅନ୍ତର୍ଗତ କନ୍ତେଶିର ଗ୍ରାମରେ ଅତ୍ୟନ୍ତ ଶ୍ରଦ୍ଧା ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ବକ୍ସମଲ ର ରାଜ୍ୟ ସଭାପତି ଧନଞ୍ଜୟ ଦୀପ ଯୋଗଦେଇ କାଂଶୀରାମ ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସଭାରେ ଉପସ୍ଥିତ ଥିଲେ ବହୁଜନ ସମାଜ ପାର୍ଟି ର ପୂର୍ବତନ ଜିଲ୍ଲା ସଭାପତି ଜଳନ୍ଧର ବେହେରା, AOSCF ଜିଲ୍ଲା ମହାସଚିବ ଶତ୍ରୁଘ୍ନ ନାଏକ, ବ୍ଲକ ସଭାପତି ଭାଗିରଥି ନାଏକ। ବ୍ଲକ କାର୍ଯକାରୀ ସଭାପତି ବିକ୍ରମ ହାର୍ପାଲ। ଧନମାଳି ବିଭାର, ଦିନେଶ ହର୍ପାଲ୍। ବକ୍ତାମାନେ କହିଥିଲେ ଯେ, ସାହେବ କାଂଶୀରାମ କେବଳ ଜଣେ ନେତା ନଥିଲେ, ବରଂ ସେ ଥିଲେ ଏକ ମହାନ ବିଚାରଧାରାର ପ୍ରତୀକ। ବାମସେଫ୍ (BAMCEF) ଠାରୁ ଆରମ୍ଭ କରି ବହୁଜନ ସମାଜ ପାର୍ଟି ଗଠନ ।

## ମା ବୁଢ଼ା କେନ୍ଦୁ ପୀଠରେ ଆମ ଆଦମୀ ପାର୍ଟିର ବନ୍ଧୁ ମିଳନ ଉତ୍ସବ



ଗଞ୍ଜାମ୧୬।୩(ପ୍ରବାହ ନ୍ୟୁଜ): ଅରବିବାର ଦିନ ମା ବୁଢ଼ା କେନ୍ଦୁ ପୀଠରେ 'ଆମ ଆଦମୀ ପାର୍ଟିର ସୋରଡ଼ା ବିଧାନ ସଭା ନିର୍ବାଚନ ମଣ୍ଡଳୀର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି ରୂପେ ସୁବାଷ ରାଉତ ଯୋଗଦେଇ ଥିଲେ। ସୋରଡ଼ା ବିଧାନ ସଭା ମଣ୍ଡଳୀର ସଭାପତି ରଞ୍ଜିତ କୁମାର ତ୍ରିପାଠୀ ଙ୍କ ନେତୃତ୍ୱରେ ମାଁ ବୁଢ଼ା କେନ୍ଦୁ ପୀଠରେ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆସିକା ଲୋକ ସଭା ଆବାହକ ଭଜରାମ ସାବତ ( ମିଟୁ), ଆସିକା ବିଧାନ ସଭା ଆବାହକ ରଞ୍ଜନ କୁମାର ରାଉତ, ଗଞ୍ଜାମ ଜିଲ୍ଲା ଯୁବ ସଭାପତି ନିଳକଣ୍ଠ ରେଡ୍ଡୀ, ଟି.ସତିଶ କୁମାର ପାତ୍ର,ହିଞ୍ଜିଳିକାଟୁ ପୌରାଞ୍ଚଳ ପରିଷଦ ନଗର ସଭାପତି ସ୍ୱାଧିନ ସାହୁଏବଂ ଏହି ଅଞ୍ଚଳର ଶତାଧିକ ଉତ୍ସାହି କର୍ମି ଙ୍କ ସହଯୋଗ ରେ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

## କଟକ ବଡ଼ ଡାକ୍ତରଖାନାରେ ପୋଡ଼ିହୋଇ ରୋଗୀ ମୃତ୍ୟୁ ପ୍ରତିବାଦରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ

କଟକ,୧୬।୩(ପ୍ରବାହ ନ୍ୟୁଜ): ରାଜ୍ୟର ସବୁଠାରୁ ବଡ଼ ଓ ପୁରାତନ ଡାକ୍ତରଖାନା କଟକ ବଡ ଡାକ୍ତରଖାନା ଆଇସିୟୁ ରେ ପୋଡିହୋଇ ୧୧ ଜଣ ଗୁରୁତର ରୋଗୀଙ୍କ ମୃତ୍ୟୁ ଭଳି ମର୍ମନ୍ତୁଦ ଓ ହୃଦୟ ବିଦାରକ ଘଟଣାରେ ଏସୟୁସିଆଇ ( କମ୍ୟୁନିଷ୍ଟ) ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇଛି। ମୃତ ବ୍ୟକ୍ତି ମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହିତ ଗୁରୁତର ଭାବରେ ଆହତ ମାନଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି। ପାର୍ଟି ପକ୍ଷରୁ କୁହାଯାଇଛିଯେ ଏହା ଏକ ଦୁର୍ଘଟଣା ନୁହେଁ, ଏକ ପରିକଳ୍ପିତ ହତ୍ୟାକାଣ୍ଡ। ଦଶନ୍ଧି ଦଶନ୍ଧି ଧରି ଯୋଜନାବଦ୍ଧ ସରକାରୀ ଅବହେଳା



ଯୋଗୁ ଡାକ୍ତରଖାନାରେ ବାରବାର ଏହି ଧରଣର ଘଟଣା ଘଟୁଛି। ମାତ୍ର ଡାକ୍ତରଖାନାର ମୂଳ ସମସ୍ୟାର ସମାଧାନ କରିବାପାଇଁ ରାଜ୍ୟ ବିଜେପି ସରକାର ବିହିତ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଅନ୍ୟପଟରେ ପରିକଳ୍ପିତ ଭାବରେ ଡାକ୍ତରଖାନାକୁ ରୁଗ୍ଣ କରାଯାଉଛି। ଏହି ପୃଷ୍ଠଭୂମିରେ ଉପରୋକ୍ତ ଘଟଣା ଘଟିବା ଯୋଗୁ ଏହା ସରକାରୀ କୃତ ବୋଲି ସ୍ପଷ୍ଟ ହେଉଛି। ଏହି ପରିସ୍ଥିତିରେ ଭୟାଭୟ ଅଗ୍ନିକାଣ୍ଡ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ତୁରନ୍ତ ଇସ୍ତଫା ,ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପରିବାରକୁ ଅତିକମରେ ୧ କୋଟି ଓ ଗୁରୁତର ଭାବରେ ଆହତ ମାନଙ୍କୁ ୫୦ ଲକ୍ଷ ଟଙ୍କା ପ୍ରଦାନ, ବଡ଼ ମେଡିକାଲରେ ଉପଯୁକ୍ତ।



For News , Advertisement & Circulation
Contact: 9938340066
Email id: prabaha2008@gmail.com
prabaha.daily@gmail.com

ପ୍ରବାହ PRABAHA
17 March, ୨୦୨୬



**ସନ୍ନ୍ୟାସଃ କର୍ମଯୋଗଶ୍ଚ, ନିଃଶ୍ରେୟ ସକରାବୁଭୌ
ତୟୋସ୍ତୁକର୍ମସନ୍ନ୍ୟାସାତ୍, କର୍ମଯୋଗ ବିଶିଷ୍ୟତେ
ଜ୍ଞେୟଃ ସ ମିତ୍ୟ ସନ୍ନ୍ୟାସୀ, ଯୋନ ଦ୍ୱେଷ୍ଟି ନ କାଂକ୍ଷତି
ନିର୍ଦ୍ୱନ୍ଦୋହିଃ ମହାବାହୋ ସୁଖଂ ବନ୍ଧ୍ୟାତ୍ ପ୍ରମୁଚ୍ୟତେ**

ସକାମ କର୍ମଯୋଗ ତ୍ୟାଗ କରିବା, ନିଷ୍କାମ କର୍ମରେ ଯୋଗ ଦେବା ଏ ଉଭୟ ମୋକ୍ଷ ଦାୟକ। ଦୁହିଁଙ୍କ ମଧ୍ୟରେ କର୍ମଯୋଗ ଶ୍ରେଷ୍ଠ। ଯାହାର ଦ୍ୱେଷ ବା ଆକାଂକ୍ଷା ନାହିଁ ସେ ସନ୍ନ୍ୟାସୀ। ସେ ରାଗ, ଦ୍ୱେଷ ଶୂନ୍ୟ ହୋଇ ବନ୍ଧନରୁ ମୋକ୍ଷ ହୁଏ।

# ସ୍ମୃତିରୁ ଝୁରେ....

**ପ୍ରଭୁକଲ୍ୟାଣ ମହାପାତ୍ର**

ରକ୍ତର ସମ୍ପର୍କ ସ୍ୱାଭାବିକ ଭାବରେ ଗାଢ଼ ବା ଗଭୀର ହୋଇଥାଏ । କିନ୍ତୁ ଦୁନିଆଁରେ ଏଭଳି କିଛି ସମ୍ପର୍କ ଅଛି, ଯାହା ରକ୍ତର ହୋଇ ନଥିଲେ ସୁଦ୍ଧା ତା'ଠାରୁ ଅଧିକ ନିବିଡ଼ ହୋଇଥାଏ । ମୋର ସେଭଳି ଘନିଷ୍ଠ ସମ୍ପର୍କ ଥିଲା ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାସ ଏବଂ ତାଙ୍କ ଧର୍ମପୁତ୍ର ପ୍ରଫେସର ଧୁନ୍ ଖୁଣ୍ଟିଆଙ୍କ ସହିତ ।

ଯୁଧିଷ୍ଠିର ଦାସ ମୋତେ ପୁଅଭଳି ଭଲ ପାଉଥିବାବେଳେ ଧୁନ୍ ଖୁଣ୍ଟିଆ ନିଜ ସାନ ଭାଇ ପରି ସ୍ନେହ କରୁଥିଲେ । ଯୁଧିଷ୍ଠିର ଦାସ (ଲୋକମାନେ ତାଙ୍କୁ ଶ୍ରଦ୍ଧା ଓ ଭକ୍ତିରେ ଯୁଝିଆନା ବୋଲି ସମ୍ବୋଧନ କରୁଥିଲେ) ମୋତେ ତାଙ୍କର ବାଚସ୍ପତିଙ୍କ ଗଣମାଧ୍ୟମ ଉପଦେଷ୍ଟା କମିଟି (Speaker's Press Advisory Committee)ର ସର୍ବକନିଷ୍ଠ ସଭ୍ୟ କରିବା ଏବଂ ମୋର ଜେଜେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ କାଳଜୟୀ ଦେଶାତ୍ମବୋଧ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'କୁ ବିଧାନସଭା ଅଧିବେଶନର ଉଦ୍‌ଯାପନୀ ସଙ୍ଗୀତ ରୂପେ ଅଧିଗ୍ରହଣ କରିବା ପରେ ମୋର ତାଙ୍କ ସହିତ ଆତ୍ମୀୟତା ବଢ଼ି ଯାଇଥିଲା । ସେହି ସୂତ୍ରରେ ଧୁନ୍ ଭାଇଙ୍କ ସହିତ ସମ୍ପର୍କ ସ୍ୱାଭାବିକ ଭାବେ ନିବିଡ଼ ହୋଇ ଯାଇଥିଲା ।

ଆଜି ଧୁନ୍ ଭାଇଙ୍କ ଅବର୍ତ୍ତମାନରେ ଅନେକ ଅପାସୋରା ସ୍ମୃତି ମୋ ମନରେ ଉଙ୍କି ମାରୁଛି । ସେଥି ମଧ୍ୟରୁ ଗୋଟିଏ ଦୁଇଟି ଅବତାରଣା କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଉଛି । ପନ୍ଦର ବର୍ଷ ତଳର କଥା । ୨୦୧୧ ମସିହା ଡିସେମ୍ବର ୪ ତାରିଖରେ ମୋ ଝିଅ ଚନ୍ଦ୍ରିକାର ବିଭାଘର ହୋଇଥିଲା। ତା'ର କିଛି ଦିନ ପୂର୍ବରୁ ବିଭାଘର ନିମନ୍ତ୍ରଣ ଜଣାଇବା ପାଇଁ ମୁଁ ଯୁଧିଷ୍ଠିର ଦାସଙ୍କ ନିକଟକୁ ଯାଇଥିଲି । ସେତେବେଳେ ସେ ଧୁନ୍ ଭାଇଙ୍କ ବାସଗୃହ 'ଚିତ୍ରନୀଡ଼'ରେ ଅବସ୍ଥାନ କରୁଥିଲେ ଏବଂ ବାର୍ଦ୍ଧକ୍ୟଜନିତ ବ୍ୟାଧିରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହୋଇ ପଡ଼ିଥିଲେ । ଝିଅ ବାହାଘରର କଥା ଶୁଣି ସେ ବହୁତ ଖୁସି ହେଲେ ଓ ବିବାହ ଉତ୍ସବରେ ଯୋଗଦେବା ପାଇଁ ମନ ବଳାଇଲେ । କିନ୍ତୁ ସେତେବେଳେ ସେଠାରେ ଉପସ୍ଥିତ ଥିବା ଧୁନ୍ ଭାଇ ସେଥିଲାଗି ଅରାଜି ହେଲେ । ଧୁନ୍ ଭାଇ କହିଲେ, ''ଦେଖ ପ୍ରଭୁ, ବାବା ଜାଣି ପାରୁ ନାହାନ୍ତି - ଝାଡ଼ା, ପରିସ୍ରା ତାଙ୍କ ଲୁଗାରେ ହୋଇଯାଉଛି । ଏଭଳି ପରିସ୍ଥିତିରେ ତାଙ୍କୁ ତୋ ଝିଅ ବାହାଘରକୁ ନେବା ସମ୍ଭବ ହେବ ନାହିଁ ।'' ଏକଥା ଶୁଣିବା ପରେ ମୁଁ ମୋର ମନକୁ ବୁଝାଇ ଦେଇଥିଲି । ତେବେ ମୁଁ ତାଙ୍କ ନିକଟରୁ ବିଦାୟ ନେଇ ଫେରି ଆସିବା ପର୍ଯ୍ୟନ୍ତ ସେ (ଯୁଧିଷ୍ଠିର ଦାସ) ମୋତେ ବାରମ୍ବାର କହୁଥିଲେ, ''ପ୍ରଭୁ ତୁ ଆଦୌ ବ୍ୟସ୍ତ ହଅନା । ମୁଁ ନିଶ୍ଚୟ ତୋ ଝିଅ ବାହାଘରକୁ ଯିବି ।''

ବାର ବର୍ଷ ତଳେ ଅର୍ଥାତ୍ ୨୦୧୪ ମସିହା ଫେବୃୟାରୀ ୧୮ ତାରିଖରେ ଯୁଧିଷ୍ଠିର ଦାସଙ୍କର ତିରୋଧାନ ଘଟିଥିଲା । ତା'ପରଠାରୁ ପ୍ରତିବର୍ଷ ସେହି ଦିନ ଯୁଧିଷ୍ଠିର ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ ଧୁନ୍ ଭାଇଙ୍କ ଆବାସସ୍ଥଳୀ 'ଚିତ୍ରନୀଡ଼' ସମ୍ମୁଖସ୍ଥ ଯୁଧିଷ୍ଠିର ଦାସ ପାର୍କ ବା ଉଦ୍ୟାନରେ ଅନୁଷ୍ଠିତ ହୋଇ ଆସୁଛି । ଯୁଧିଷ୍ଠିର ଦାସଙ୍କ ସ୍ମୃତିକୁ ଉପଜୀବ୍ୟ କରି ରଖିବା ଲାଗି ଧୁନ୍ ଭାଇ ନିଜେ ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ସହିତ ଉତ୍ସର୍ଗୀକୃତ ଭାବେ ଏହି ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳନ କରି ଥାଆନ୍ତି । ପ୍ରତିମୂର୍ତ୍ତିରେ ଫୁଲ ସାଜସଜାଠାରୁ ଆରମ୍ଭ କରି ଅତିଥି ଓ ଶ୍ରୋତାମାନଙ୍କ ଉପସ୍ଥିତ ସୁନିଶ୍ଚିତ କରବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସେ ନିଖୁଣ ଭାବରେ ତଦାରଖ କରୁଥିଲେ । ଗତ ବର୍ଷ ଅର୍ଥାତ୍ ୨୦୨୫ ଫେବୃୟାରୀ ୧୮ ତାରିଖ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକୀରେ ମୁଁ ଫାଉଣ୍ଡେସନ ପକ୍ଷରୁ ଯୁଧିଷ୍ଠିର ଦାସ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଥିଲି । କିନ୍ତୁ ପରିତାପର ବିଷୟ ହେଉଛି ଲଗାତର ୧୦ ବର୍ଷ ଧରି ଯୁଧିଷ୍ଠିର ଦାସ ଶ୍ରାଦ୍ଧ ବାର୍ଷିକୀ ପାଳନ କରି ଆସୁଥିବା ଧୁନ ଭାଇ କିନ୍ତୁ ସେହି ବର୍ଷ ଅସୁସ୍ଥତା ଯୋଗୁଁ ଉତ୍ସବରେ ଉପସ୍ଥିତ ହୋଇ ପାରି ନଥିଲେ । ତେଣୁ ସମ୍ବର୍ଦ୍ଧନା ପର୍ବ ସମାପନ ପରେ ମୁଁ 'ଚିତ୍ରନୀଡ଼' ଆବାସସ୍ଥଳୀକୁ ଯାଇ ତାଙ୍କୁ ସାକ୍ଷାତ କରିଥିଲି ।

ଚଳିତ ୨୦୨୬ ବର୍ଷ ଯୁଧିଷ୍ଠିର ଦାସଙ୍କ ଶ୍ରାଦ୍ଧୋତ୍ସବ ହେବା ଘେନି ଅନିଶ୍ଚିତତା ଉପୁଜିଥିଲା । କାରଣ ସ୍ୱାସ୍ଥ୍ୟଗତ ସମସା ନେଇ ଧୁନ୍ ଭାଇ ଆପୋଲୋ ହସ୍‌ପିଟାଲରେ ଭର୍ତ୍ତି ହେଉଥିଲେ ଏବଂ ସାମାନ୍ୟ ସୁସ୍ଥ ହୋଇ ଘରକୁ ଫେରୁଥିଲେ । ଶ୍ରାଦ୍ଧ ବାର୍ଷିକୀର କିଛି ଦିନ ପୂର୍ବରୁ ଧୁନ୍ ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯିବାରୁ ଚିକିତ୍ସା ପାଇଁ ତାଙ୍କୁ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା । ତେଣୁ ମୁଁ ଧୁନ୍ ଭାଇଙ୍କ ମଝିଆ ପୁଅ ଟୁଟୁ (ମନସ୍ୱୀ)କୁ କହିଲି ଏଥର ଶ୍ରାଦ୍ଧୋତ୍ସବ ବାତିଲ କରିଦେବା । ସେତେବେଳକୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଥିଲା । ଟୁଟୁ କିଛି ଉତ୍ତର ନ ଦେଇ ଚୁପ୍ ରହିଲା । କିନ୍ତୁ ମୁଁ ମାନସିକ ସ୍ତରରେ ବଳଚିତ ହେଉଥିଲି । ତେବେ ଭଗବାନଙ୍କ ଅପାର କରୁଣା ଯୋଗୁଁ ଧୁନ୍ ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଲା । ଫଳରେ ଶ୍ରାଦ୍ଧୋତ୍ସବର ପୂର୍ବଦିନ ଟୁଟୁ ମୋତେ କହିଲା, 'ଆମେ ଜେଜେଙ୍କର ଶ୍ରଦ୍ଧାବାର୍ଷିକୀ କରି ପାରିବା । କାରଣ ବାପାଙ୍କର ଦେହ ପୂର୍ବାପେକ୍ଷା ଭଲ ରହିଛି ।' ଫଳରେ ଯୁଧିଷ୍ଠିର ଦାସଙ୍କର ଦ୍ୱାଦଶ ଶ୍ରାଦ୍ଧୋତ୍ସବ ପୂର୍ବ ବର୍ଷମାନଙ୍କ ଭଳି ଯଥାରୀତି ପାଳିତ ହୋଇଥିଲା । ତେବେ ଏହାର କୋଡ଼ିଏ ଦିନ ପରେ ଅର୍ଥାତ୍ ମାର୍ଚ୍ଚ ୭ ତାରିଖ ସକାଳେ ଧୁନ ଭାଇଙ୍କର ଦେହାନ୍ତ ଘଟିଲା ।



ଏକାଦଶାହ ସ୍ମୃତିରେ......
ଧୂନ ଖୁଣ୍ଟିଆ

ମାର୍ଚ୍ଚ ୭ ତାରିଖ ସକାଳେ ଧୁନ୍ ଭାଇଙ୍କ ବିୟୋଗ ଖବର ମୁଁ ଫୋନ୍ ଯୋଗେ ଟୁଟୁ ଠାରୁ ଶୁଣିଲି । ପଚାରି ବୁଝିଲି ଧୁନ୍ ଭାଇଙ୍କ ରକ୍ତଚାପ ଅସ୍ଥିର ରହୁଥିଲା । ତେଣୁ ଡାକ୍ତରଖାନାରେ ଚିକିତ୍ସକ ତାଙ୍କୁ ଆବଶ୍ୟକ ଔଷଧ ଦେଇ ରକ୍ତଚାପ ସ୍ଥିର ରଖିଥିଲେ । କିନ୍ତୁ ଅତ୍ୟନ୍ତ ଦୁର୍ବଳ ସ୍ୱାସ୍ଥ୍ୟରେ ହୃଦ୍‌ଘାତ ହେବାରୁ ତାଙ୍କର ନିଧନ ହୋଇଗଲା । ମୋର ମନେ ହେଲା ସତେ ଯେମିତି ଧୁନ୍ ଭାଇ ତାଙ୍କ ବାପା (ଯୁଧିଷ୍ଠିର ଦାସ)ଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ ସୁରୁଖୁରୁରେ ସମ୍ପନ୍ନ ହୋଇଯାଉ ବୋଲି ଅପେକ୍ଷା କରି ରହିଥିଲେ । ତା'ପରେ ଧୁନ୍ ଭାଇଙ୍କ ଆତ୍ମୀୟତା ଭରା ବାର୍ତ୍ତାଳାପ ପ୍ରୀତିପୂର୍ଣ୍ଣ ଆଚରଣ ଆଦି କଥା ମନକୁ ଆନ୍ଦୋଳିତ କଲା । ମୁଁ 'ଚିତ୍ରନୀଡ଼' ଅଭିମୁଖେ ଯାତ୍ରା କଲି ଓ ତାଙ୍କ ପାର୍ଥିବ ଶରୀରରେ ପୁଷ୍ପାର୍ଘ୍ୟ ଅର୍ପଣ କରି ଶେଷ ସମ୍ମାନ ଜଣାଇଲି ।

ଧୁନ୍ ଭାଇ ରାଜ୍ୟର ଅନ୍ୟତମ ସୁସାହିତ୍ୟିକ ତଥା ଶିକ୍ଷାବିତ୍ ଥିଲେ । ତାଙ୍କର ଅଗଣିତ ପ୍ରବନ୍ଧ, ଗପ, କବିତା ଆଦି ସାରସ୍ୱତ କୃତି ବିଭିନ୍ନ ସଂଭ୍ରାନ୍ତ ପତ୍ରପତ୍ରିକା ଓ ଖବରକାଗଜରେ ନିୟମିତ ପ୍ରକାଶିତ ହେଉଥିଲା । ତେବେ ଓଡ଼ିଆ ସାହିତ୍ୟର ଏହି ପ୍ରଫେସର ଜଣକ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ଥିଲେ ବୋଲି ମୁଁ ଆଦୌ ଜାଣି ନଥିଲି । ସେ ଶଯ୍ୟାଶାୟୀ ହୋଇଯିବାପରେ ମୁଁ ତାଙ୍କ କାବ୍ୟିକ ପ୍ରତିଭା ସମ୍ପର୍କରେ ସୂଚନା ପାଇଥିଲି । ଯେତେବେଳେ ସାକ୍ଷାତ କରିବାକୁ ଯାଉଥିଲି ଅବସାଦ ଦୂର ପାଇଁ ତାଙ୍କ ଗୀତି କବିତା ବିଷୟରେ ଆଲୋଚନା କରୁଥିଲି । କେତେବେଳେ ସେ ତଲ୍ଲୀନ ହୋଇ ଯାଉଥିଲେ ତ, ଅନ୍ୟ କେତେବେଳେ ସେ ଗୁରୁଗମ୍ଭୀର । ସେ ନିଜେ ତାଙ୍କ ଆବାସସ୍ଥଳୀର ନାମ 'ଚିତ୍ରନୀଡ଼' ଦେଇଥିବାବେଳେ ତାଙ୍କ ପୁଅ ଟୁଟୁର ବାସଗୃହ ନାମ 'କୁଆଁତାରା' ରଖିଥିଲେ । ଏଇ ଛୋଟିଆ ଘଟଣାରୁ ହିଁ ଧୁନ୍ ଭାଇଙ୍କ କବି ପ୍ରତିଭାର ସ୍ପଷ୍ଟ ପ୍ରମାଣ ମିଳେ ।

ଆକାଶବାଣୀରେ ପ୍ରସାରିତ ଧୁନ୍ ଭାଇଙ୍କ ଲୋକପ୍ରିୟ ଗୀତି କବିତାଗୁଡ଼ିକ ତାଙ୍କୁ ଏକ ନିଆରା ସମ୍ମାନ ପ୍ରଦାନ କରିଥିଲା । ଜରୁରୀକାଳୀନ ପରିସ୍ଥିତି ସମୟରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତି ଓ ତୃପ୍ତି ଦାସଙ୍କ ଦ୍ୱାରା ଆକାଶବାଣୀରେ ପ୍ରସାରିତ ତାଙ୍କର 'ଆରେ କିଏ ଛାଡ଼େ ଏହି ମୌକା, ଟଙ୍କା'କ ଦରବ ହେଲା ସୁଉକା ।'' ଗୀତି କବିତା ତାଙ୍କୁ ପ୍ରଶଂସାର ଶିଖରରେ ପହଞ୍ଚାଇଥିଲା । ଧୁନ୍ ଭାଇଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଣତି ଜଣାଉଛି ।

ମୋ : ୯୯୩୭୭-୧୧୩୮୯

# ଜୀବନକୁ ମିଳିଲା ଇଚ୍ଛାମୃତ୍ୟୁ

**ଡାକ୍ତର ସମ୍ରାଟ କର**

ଜୀବନ କ'ଣ ବୁଝିବା ଆଗରୁ ଶେଷ ହୋଇଯାଏ ଜୀବନ। ଜୀବନକୁ ଭଲ ପାଇ ଆଗକୁ ବଢୁଥିବାବେଳେ ଜଣେ ଜଣେ ବିଦ୍ୟାର୍ଥୀଙ୍କ ସ୍ୱପ୍ନ ଓ ସମ୍ଭାବନା ସବୁ ଚୁରମାର ହୋଇଯାଏ କେବଳ ସେତିକିରେ କଥା ଅଟକି ନାହିଁ। ତେରବର୍ଷ ବିଛଣାରେ ହିଁ ନିଜ ଦୁନିଆକୁ ଜାଣି ନପାରିବି ଶ୍ୱାସପ୍ରଶ୍ୱାସର ଜୀବନ ବଞ୍ଚୁଥିବା ହରିଶଙ୍କୁ ପରିଶେଷରେ ମିଳିଛି ମୃତ୍ୟୁ ଅନୁମତି। ସୁପ୍ରିମକୋର୍ଟର ଇତିହାସ ଓ ଭାରତର ଇଚ୍ଛାମୃତ୍ୟୁ ମାମଲାରେ ଏହା ପ୍ରଥମ ଓ ବିରଳତମ। ସର୍ବୋଚ୍ଚ ଅଦାଲତର ଦୁଇ ଜଣିଆ ଖଣ୍ଡପୀଠଙ୍କ ଅଶ୍ରୁସ୍ୱଜଳ ଚକ୍ଷୁରେ ୩୧ ବର୍ଷ ବୟସ୍କ ହରିଶ ରଣାଙ୍କ ୟୁଥାନେସିଆକୁ ସ୍ୱୀକୃତି ପ୍ରଦାନ ଓ ଯେଉଁ ପିଲାଟି ଦିନେ ଯାହାଙ୍କୁ ଶେଷ ବିଦାୟ ଜଣାଇ ଥାଆନ୍ତା ବରଂ କି ଦୁର୍ଭାଗ୍ୟ ସେଠି ଅଶ୍ରୁତର୍ପଣର ବାକରୁଦ୍ଧ ସନ୍ଧିକ୍ଷଣ ଭିତରେ ନିଜ ପ୍ରାଣ ଠାରୁ ଅଧିକ ପ୍ରିୟ ସନ୍ତାନଟିର ହାତ ଧରି ଯେତେବେଳେ ଅନ୍ତିମ ବିଦାୟ ଦେଉଛି, ଭାବିଲା ବେଳକୁ ସମସ୍ତଙ୍କ ଆଖିରେ ଲୁହ ଆସିଯିବା ଯେତିକି ପୀଡ଼ା ଦାୟକ, ସେତିକି ସ୍ୱର୍ଶକାତର ଓ ସେତିକି ମର୍ମସ୍ପର୍ଶୀ। କିଛି ବର୍ଷ ତଳେ ମୁମ୍ବାଇର କେ.ଇ.ଏମ୍. ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଚଳତ୍‌ଶକ୍ତିଶୂନ୍ୟ ଅରୁଣାଙ୍କ ସକାଶେ ୟୁଥାନାସିଆ ଲୋଡ଼ି ପ୍ରସିଦ୍ଧ ଲେଖିକା ପିଙ୍କି ବିରାନୀଙ୍କ ଅପିଲକୁ ମାନବ୍ୟର ସୁପ୍ରିମକୋର୍ଟ ଗ୍ରହଣ କରିନଥିଲେ। ହରିଶଙ୍କ କ୍ଷେତ୍ରରେ ଉପରୋକ୍ତ ଘଟଣାଟିକୁ ଦେଖିଲେ ସେ ସମୟର ଅର୍ଥାତ୍ ୨୦୧୧ ମସିହାର ପାଖାପାଖି ଦେଢ଼ ଦଶନ୍ଧି ପରେ ୟୁଥାନାସିଆ ମାନ୍ୟବର ଅଦାଲତଙ୍କ ଦ୍ୱାରା ଗ୍ରହଣୀୟ ହେଉଛି। ବିଶ୍ୱରେ ସ୍ୱିଜରଲ୍ୟାଣ୍ଡ, କାନାଡ଼ା, ଜର୍ମାନୀ ପରି କ୍ୱଚିତ ଦେଶରେ ସକ୍ରିୟ ବା ଆକ୍ଟିଭ ୟୁଥାନେସିଆର ବିଧିବଦ୍ଧ ପ୍ରଚଳନ ରହିଛି। ସେଠାରେ ଜୀବନର ସମ୍ଭାବ୍ୟ ଆଶା ନଥିବା ଏବଂ ଯନ୍ତ୍ରଣା ଜର୍ଜରିତ ଦୀର୍ଘ ବର୍ଷର ପୀଡ଼ିତଙ୍କ ପାଇଁ ନିର୍ଦ୍ଦିଷ୍ଟ ଇଞ୍ଜେକ୍ସନ ଓ ଔଷଧ ଦ୍ୱାରା ଯନ୍ତ୍ରଣାଶୂନ୍ୟ ମହାପ୍ରସ୍ଥାନର ଏକ ପ୍ରକାର ରାସ୍ତା ରଖାଯାଇଥାଏ। ଆତ୍ମହତ୍ୟା ଓ ଇଚ୍ଛାମୃତ୍ୟୁ ସମାନ ନୁହେଁ। ଛାତ୍ରାବାସରୁ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହାତ ହୋଇ ଭେଣ୍ଟିଲେଟରରେ ସବୁ ଅଙ୍ଗ ଅଚଳ ହୋଇ କେବଳ ଲାଇଫ ସପୋର୍ଟରେ ହରିଶ ଯାହା ବଞ୍ଚୁଥିଲେ। ହରିଶଙ୍କ ପିତାମାତା ଛାତି ଉପରେ ପଥର ରଖି ନିଜ ପୁଅକୁ ଶାନ୍ତିର ବିଶ୍ରାମ ଦେଇ ଦେବା ପାଇଁ ବର୍ଷ ବର୍ଷ ଧରି କୋର୍ଟ କଚେରୀ ଦୌଡ଼ିଥିଲେ। ପରିବାର ବ୍ୟୟବହୁଳ ଚିକିତ୍ସା ଆପଣାଇ ହରିଶଙ୍କ ଚିକିତ୍ସା ପାଇଁ ଉତ୍କଟ ଅର୍ଥାଭାବକୁ ସମ୍ମୁଖୀନ ହେଉଥିବାରୁ ତାଙ୍କ ପରିଣତ ବୟସର ବାପା ଘରେ ଘରେ ବୁଲି ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିଲେ। ଚିକିତ୍ସା ପାଇଁ ଘରର ସବୁକିଛି ଏପରିକି ଘର ଖଣ୍ଡିକ ମଧ୍ୟ ବିକ୍ରି ହୋଇଯାଇଥିଲା। ପରିବାରର ଶେଷ ପୁତ୍ରଟି ଆଶିସ ମେଧାବୀ ହୋଇ ମଧ୍ୟ ଉଚ୍ଚଶିକ୍ଷା ସମୟରୁ ପାଠରେ ଡୋରୀ ବାନ୍ଧି ଭାଇ ଓ ପରିବାରର ଦାୟିତ୍ୱରେ ନିଜକୁ ନିୟୋଜିତ ରଖିଥିଲେ। ଦିଲ୍ଲୀ ହାଇକୋର୍ଟ ମଧ୍ୟ ଏହି ମାମଲା ଖାରଜ କରିଦେଲେ। ସୁପ୍ରିମକୋର୍ଟର ରାୟ ପ୍ରଦାନ କରୁଥିବା ମାନ୍ୟବର ଜର୍ଜ ମଧ୍ୟ ଭାବପ୍ରବଣ ହୋଇପଡ଼ିଥିଲେ। ରାୟର ପ୍ରଥମ ଧାଡ଼ିଟି ଥିଲା 'ଏ ଯୁବକଙ୍କ ଯନ୍ତ୍ରଣା ଦେଖିବା ସମ୍ଭବ ନୁହେଁ.....'।

ଆତ୍ମହତ୍ୟା ଅନ୍ୟ ମାନଙ୍କ ଅଜ୍ଞାତରେ ଘଟୁଥିବାବେଳେ ଇଚ୍ଛାମୃତ୍ୟୁରେ ଆଇନଗତ ଭାବେ ଜଣେ ନିଜକୁ ଶେଷ କରିଦେଇଥାଏ। ୟୁଥାନେସିଆର ଅର୍ଥ ହେଉଛି ନିଜ ଯନ୍ତ୍ରଣାଦାୟକ ଜୀବନକୁ ଚିକିତ୍ସକମାନଙ୍କର ସାହାଯ୍ୟ ନେଇ ଶେଷ କରିବା। ପେସିଭ ୟୁଥାନେସିଆ ଆତ୍ମହତ୍ୟା ସହିତ ସମାନ ଧରଣର ହୋଇଥିବାରୁ ଏଯାବତ ଏହା ଆଇନରେ ମଧ୍ୟ ପରିଣତ ହୋଇନାହିଁ। ଦିନ ଦିନ, ବର୍ଷ ବର୍ଷ ଧରି ପାଖରେ ଜଣେ ଯନ୍ତ୍ରଣା କ୍ଲିଷ୍ଟର ଅସ୍ପଷ୍ଟ ଓ ଲୁହ ଭରା ପରିବେଶ ପାଖ ପରିଜନଙ୍କୁ ଅତ୍ୟନ୍ତ ମାନସିକ ଅସନ୍ତୁଳନ ଓ ଗଭୀର ଚାପ ଭିତରେ ରଖିଥାଏ। ପରିବାରର ଅର୍ଥନୀତି ଠାରୁ ଅନ୍ୟ ମାନଙ୍କ ଭଲମନ୍ଦ ପଛରେ ପଡ଼ିଯାଏ। ଏପରି ହୋଇଛି କମ ବୟସର ଏପରି ଭୟାନକ ପୀଡ଼ିତ ମାନଙ୍କୁ ଦେଖି ପରିବାରର ଜଣେ ବରିଷ୍ଠ ନାଗରିକଙ୍କର ଆକସ୍ମିକ ପରଲୋକ ହୋଇଯାଇଛି। ଘରର ମୁରବୀ, ଘରର ଅର୍ଥନୀତିର ବୋଝ ବୋହୁଥିବା ଲୋକଟି ଯଦି ଏପରି ଦୁର୍ଭାଗ୍ୟକୁ ସାମ୍ନା କରେ ତେବେ ସେ ପରିବାରର ଦୁର୍ଦ୍ଦଶା ଅକଥନୀୟ ଓ ଅକଳ୍ପନୀୟ ହୋଇପଡ଼ିଥାଏ। ତେବେ ଯେଉଁ ପର୍ଯ୍ୟନ୍ତ ପୀଡ଼ିତ ଜଣଙ୍କ ଅନ୍ତତଃ ଅନ୍ୟ ମାନଙ୍କ ଆଚରଣ, କଥାବାର୍ତ୍ତା ବୁଝି ପାରୁଥିବ ସେ ପର୍ଯ୍ୟନ୍ତ ତାଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ ସମୟଟି କାଟିବାକୁ ଭୁଲନ୍ତୁ ନାହିଁ। ଏହି ଆଲୋଚନା ସମୟରେ ଜୈନ ସମାଜର ଆଧ୍ୟାତ୍ମିକ ବିଶ୍ୱାସରେ ଥିବା 'ସନ୍ତାରା', ହିନ୍ଦୁ ମାନଙ୍କ ବିଶ୍ୱାସରେ ଥିବା 'ସମାଧି'କୁ ଇଚ୍ଛାଧୀନ ମୃତ୍ୟୁ ଭାବେ ଗଣମାଧ୍ୟମରେ ବ୍ୟାପକ ଖବର ସବୁ ପ୍ରକାଶ ପାଇଛି। ଆଜିର ଚିକିତ୍ସା ବିଜ୍ଞାନ ଦିନକୁ ଦିନ ଉଚ୍ଚତର ଗବେଷଣାରେ ଅହର୍ନିଶ ଜାରି ରଖିଛି ଯେ ଜଣଙ୍କର ଜୀବନକୁ ହୁଏତ ଯନ୍ତ୍ରଣାମୁକ୍ତ ଶେଷ ବିଦାୟ କୁହାଯାଇପାରେ କିନ୍ତୁ ଏହା ଏପରି ସର୍ବଶେଷ ଆଶ୍ରୟ ନ ହୋଇପାରିବ। ଆମ ପ୍ରାଚୀନତମ ଜନ ଜୀବନର ଜୀବନ ଚିତ୍ରଟି ହେଉଛି ଜଣେ ନିଜ ଜନ୍ମମାଟିରେ ପରିବାର ସହିତ ଜୀବନଟି ସଫଳତମ ଭାବେ ଅତିବାହିତ କରି ଆୟୁଷର ଶେଷ ସମୟଟି ସେହି ପରିବାରର ହସଖୁସିର ମେଳ ଭିତରେ ହିଁ ଅତିବାହିତ କରିଆସେ କିନ୍ତୁ ବର୍ତ୍ତମାନର ସମୟରେ ଜଣେ ଅନେକ ଅଫୁରନ୍ତ ଆନନ୍ଦ, ଜୀବନକୁ ଉପଭୋଗ କରିପାରୁଥାଏ କିନ୍ତୁ ଜୀବନର ଶେଷ କ୍ଷଣଟି ପରିବାରର, ଘରର ଲୋକମାନଙ୍କ ସହିତ ନୁହଁ ବରଂ ନାମୀଦାମୀ ଡାକ୍ତରଖାନାର ଜୀବନରକ୍ଷାକାରୀ ଚିକିତ୍ସା ବ୍ୟବସ୍ଥା ଭିତରେ କିମ୍ବା ଜାଣି ନଥିବା ଅପରିଚିତ ଲୋକମାନଙ୍କ ଗହଣରେ। ଜୀବନ ଅଛି ମାନେ ମୃତ୍ୟୁ ତ ଅଛି, କିନ୍ତୁ କିଛି ହତଭାଗ୍ୟ ମାନଙ୍କୁ ପୂର୍ଣ୍ଣ ଜୀବନର ଢ଼େର ପୂର୍ବରୁ ମାଡ଼ି ବସିଥାଏ ଦୁର୍ଭାଗ୍ୟର କଳା ବାଦଲ। ଆଦୌ ଆରୋଗ୍ୟ ହେବାର କୌଣସି ସମ୍ଭବ ହେବା ନଥିବା ରୋଗୀ କେବଳ ଲାଇଫ ସପୋର୍ଟ ବା କୃତ୍ରିମ ଜୀବନ ନିର୍ବାହ ପ୍ରଣାଳୀରେ ବଞ୍ଚି ରହୁଥିବାରୁ ପୁଣି ସେମାନେ ଅସହ୍ୟ କଷ୍ଟ ଯନ୍ତ୍ରଣାରେ ବଞ୍ଚି ରହୁଥିବାରୁ ମରଣାନ୍ତକ ଯନ୍ତ୍ରଣାରୁ ମୁକ୍ତି ଦେବା ପାଇଁ ଅନେକ ବ୍ୟକ୍ତି ସ୍ୱେଚ୍ଛାସେବୀ ସଂଗଠନ ଏହି ରାୟର ପୂର୍ବରୁ ବିଭିନ୍ନ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ମଧ୍ୟ ମାମଲା ଦାଏର କରିଥିଲେ। ତେବେ ଇଚ୍ଛାମୃତ୍ୟୁ ହୁଏତ ଆଇନ ଅଦାଲତରେ ମୋହର ଲାଗିବା ପରେ ଅନେକଙ୍କ ଜୀବନ ଦୀପ କଷ୍ଟମୟ ଯନ୍ତ୍ରଣା ଓ ଲୁହ ଭିତରୁ ବର୍ତ୍ତିପାରିବେ କିନ୍ତୁ ମାନବିକତା ଓ ମାନସିକତାର କଥା ଉଠିଲେ କିପରି ଏ ଦୁନିଆରେ ଆମେ ଯେଉଁଠି ସମସ୍ତେ ନିଜ ନିଜ ସ୍ୱପ୍ନ, କର୍ମ, ଆହ୍ୱାନକୁ ନେଇ ବଞ୍ଚି ଚାଲିଛେ ଠିକ ଆମରି ପାଖରେ ରହୁଥିବା ଜଣେ ତାଙ୍କ ଜୀବନ ଦୀପକୁ ସେ ନିର୍ବାପିତ କରିବା ପାଇଁ ଇଚ୍ଛା କରୁଛନ୍ତି ଏବଂ ଆମ ଠାରୁ ଦୂରେଇ ଯାଉଛନ୍ତି ମଧ୍ୟ।

**ମାନସିକ ରୋଗ ବିଶେଷଜ୍ଞ,
'ଦି'ବେନ ' ପୁରୀଘାଟ ରୋଡ଼,
କଟକ**

ଦୂରଭାଷ : ୯୪୩୭୧୬୩୪୦୬

# ବିରୋଧୀଙ୍କ ପାଇଁ ଅଗ୍ନି ପରୀକ୍ଷା

ପଶ୍ଚିମବଙ୍ଗ ଓ ତାମିଲନାଡୁ ସମେତ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ବିଗୁଲ ବାଜି ସାରିଛି। ନିର୍ବାଚନ ମଧ୍ୟ ସେହି ରାଜ୍ୟରେ ହେଉଛି ଯେଉଁଠି ବିଜେପିର ସ୍ଥିତି ଖୁବ୍ ଦୁର୍ବଳ ବୋଲି କହିହେବନି। ଏଥିରୁ ତିନୋଟିରେ ବିଜେପିର ସରକାର ରହିଛି। ଲୋକସଭା ନିର୍ବାଚନ ପରେ ହରିୟାଣା,ମହାରାଷ୍ଟ୍ର,ଦିଲ୍ଲୀ ଓ ବିହାର ନିର୍ବାଚନରେ ବିଜେପି ବଡ଼ ଧରଣର ବିଜୟ ହୋଇଛି। ଏବେ ଯେଉଁ ୪ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ନିର୍ବାଚନ ହେବାକୁ ଯାଉଛି। ସେଠାରେ ନିଜର ସ୍ଥିତି ମଜବୁତ କରି ରଖିବା ବିରୋଧିଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ରହିଛି। ପଶ୍ଚିମବଙ୍ଗ,ତାମିଲନାଡୁ ଓ କେରଳରେ ଗୋଟିଏ ବି ଆସନ ବିରୋଧି ହାତରୁ ଚାଲିଯିବା ବିଜେପି ପାଇଁ ବଡ଼ ବିଜୟ ବୋଲି ମନେ କରାଯାଉଛି।

ଏହି ନିର୍ବାଚନରେ ବିରୋଧି ଦଳର ବଡ଼ ଚେହେରା ଉପରେ ମଧ୍ୟ ବହୁତ କିଛି ବାଜିରେ ଲାଗିଛି। ଯେପରିକି ରାହୁଲ ଗାନ୍ଧୀ,ମମତା ବାନାର୍ଜୀ, ଏମକେ ଷ୍ଟାଲିନ୍ ଓ ପିନରୟୀ ବିଜୟନଙ୍କ ଲୋକପ୍ରିୟତାକୁ ମଧ୍ୟ ନିର୍ବାଚନରେ ବଡ ଚ୍ୟାଲେଞ୍ଜ ମିଳିପାରେ। ନିର୍ବାଚନ ବି ଏଭଳି ସମୟରେ ହେଉଛି ଯେତେବେଳେ ବିରୋଧି ଦଳ ଏସଆଇଆର ପକ୍ରିୟାକୁ କଡା ବିରୋଧ କରୁଛନ୍ତି। ପଶ୍ଚିମବଙ୍ଗ ଓ କେରଳରେ ଇଣ୍ଡିଆ ମେଣ୍ଟର ଦଳ ମଧ୍ୟ ପରସ୍ପର ମୁହାଁମୁହିଁ ହୋଇପାରନ୍ତି। ଏଠାରେ ଟିଏମସି ଓ କଂଗ୍ରେସ ମୁହାଁମୁହିଁ ହେବେ। ସେଭଳି କେରଳରେ ସିପିଏମ୍ ନେତୃତ୍ୱାଧୀନ ଏଲଡିଏଫ୍ ଓ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଭିତରେ ମୁକାବିଲା ହୋଇପାରେ। ପଶ୍ଚିମବଙ୍ଗରେ ଯଦି କଂଗ୍ରେସ ଓ ଟିଏମସି ଏକାଠି ନହୁଅନ୍ତି ତେବେ ବିଜେପି ଏହାର ଲାଭ ଉଠାଇବ।

ଆସାମରେ ବିଜେପି ଓ କଂଗ୍ରେସ ସିଧା ଲଢେଇ କରିବେ। ଯଦି ବିଜେପି ଜିତେ ତେବେ ରାଜ୍ୟରେ ତା'ର ହ୍ୟାଟ୍ରିକ୍ ହେବ। ସେଭଳି କଂଗ୍ରେସ ଆଗରେ ୧୫ ବର୍ଷର ବନବାସ ଦୂର କରିବାର ଚ୍ୟାଲେଞ୍ଜ ରହିଛି। ପଶ୍ଚିମବଙ୍ଗରେ ଟିଏମସି ଓ ବିଜେପି ଭିତରେ ଲଢେଇ ରହିଛି। ତାମିଲନାଡୁରେ ଡିଏମ୍‌କେ କଂଗ୍ରେସ, ବାମପନ୍ଥୀ ଦଳ ଅନ୍ୟମାନଙ୍କ ସହ ନିର୍ବାଚନ ଲଢୁଛି। ସେଭଳି ବିଜେପି ଓ ଏଆଇଏଡିଏମକେ ଏକାଠି ମେ?ଦାନରେ ଓହ୍ଲାଇଛି। ୨୦୨୪ ଲୋକସଭା ନିର୍ବାଚନରେ ଦୁଇ ଦଳ ଅଲଗା ନିର୍ବାଚନ ଲଢୁଛନ୍ତି। ତାମିଲନାଡୁରେ ଏଥର ସୁପରଷ୍ଟାର ବିଜୟ ମଧ୍ୟ ନିର୍ବାଚନ ମୈଦାନରୁ ଓହ୍ଲାଇଛନ୍ତି। ବିଶେଷଜ୍ଞଙ୍କ ମତରେ ବିଜୟଙ୍କ ଫାକ୍ଟର ବିଜୟରେ ବଡ଼ ଯୋଗଦାନ ରହିଛି। କାରଣ ବିଜୟ ଖୁବ୍ ଲୋକପ୍ରିୟ। ସେ ସରକାର ତିଆରି କରିବାରେ ବଡ଼ ଭୂମିକା ଗ୍ରହଣ କରିପାରନ୍ତି। କେରଳରେ ଶାସକ ଏଲଡିଏଫ୍ ପାଇଁ ବଡ଼ ଚ୍ୟାଲେଞ୍ଜ ରହିଛି। ୟୁଡିଏଫ୍ ଓ ବିଜେପି ଦୁହେଁ ଏଲଡିଏଫ୍ ବିରୋଧରେ ପୁରା ଜୋର ଲଗାଇ ଦେଇଛନ୍ତି। ସେଭଳି ପୁଡୁଚେରୀର ମୁଖ୍ୟମନ୍ତ୍ରୀ

କାର୍ଯ୍ୟନିର୍ବାହୀ ସମ୍ପାଦକ
ପ୍ରକାଶ ଶତପଥୀ

# ଉପଭୋଗ୍ୟ ଶବ୍ଦ ପ୍ରଦୂଷଣ !

ଓଡ଼ିଶାର ଜନୈକ ପ୍ରସିଦ୍ଧ ଓ ଲୋକପ୍ରିୟ ନାଟ୍ୟ ଅଭିନେତାଙ୍କର ଡିଜେର ବିକଟାଳ ଶବ୍ଦରେ ହୃଦଘାତ ହୋଇ ଅକାଳରେ ପରଲୋକ ହୋଇଗଲା, ଏହା କିଛି ଦିନ ତଳର ଘଟଣା। ବାସ୍ତବ କଥା ହେଉଛି ସମାଜରେ ଶବ୍ଦ ପ୍ରଦୂଷଣର ଯେଉଁପରି କାୟା ବିସ୍ତାର ହୋଇଛି ଏହାକୁ ନେଇ ପ୍ରତିବାଦର ସ୍ୱର ଯେପରି ଅନେକଙ୍କ ଭିତରେ ହଜି ଯାଇଛି। ଆଇନ କାନୁନ ବ୍ୟବସ୍ଥା ଦେଖିଲେ ପୋଲିସର ପ୍ରଶାସନିକ ବ୍ୟବସ୍ଥାରେ ଶବ୍ଦର ସ୍ତର ଓ ଡିଜେ ଉପରେ କଟକଣା ଜାରି ରହିଛି। କିନ୍ତୁ କ୍ୱଚିତ କ୍ଷେତ୍ରରେ ଏହାର ସଫଳ ବ୍ୟବହାର ଦେଖାଦେଉଛି। ଅନେକ ସମୟରେ ଦେଖାଯାଏ ପୂଜା ମଣ୍ଡପ ବ୍ୟତୀତ ସପିଂ ମଲ, ମନ୍ଦିର, ହାଟ ଆଦି ସର୍ବସାଧାରଣ ସ୍ଥାନରେ ଛାଡ଼ି ଦୁଲୁକାଇବା ଭଳି ଡିଜେ ବାଜୁଥିଲେ ମଧ୍ୟ ଏଥିପ୍ରତି ସମସ୍ତେ ଦେଖି ନଦେଖିବା ଭଳି ଅଭିନୟ କରୁଥିଲେ। ଏହି କଟକଣା ଉଲ୍ଲଘଂନକାରୀଙ୍କ ମଧ୍ୟରୁ ଯଦି ଜଣକ ବିରୋଧରେ ମଧ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା ତେବେ ଶବ୍ଦ ରାକ୍ଷସର ଦୌରାତ୍ମ୍ୟକୁ କିଛି ପରିମାଣରେ ନିୟନ୍ତ୍ରଣ କରାଯାଇପାରନ୍ତା। ଅନେକ ହୁଏତ ଏହା ମଧ୍ୟ କହିପାରନ୍ତି ଯେ, କିଛି ବର୍ଷ ତଳେ ଦେଶର ସର୍ବୋଚ୍ଚ ଅଦାଲତ ଦିଲ୍ଲୀ ମହାନଗରରେ ବାଣଫୁଟା ଉପରେ ସଂପୂର୍ଣ୍ଣ କଟକଣା ଜାରି କରିଥିଲେ କିନ୍ତୁ କଟକଣାକୁ ଗ୍ରହଣ କରିବେ କ'ଣ ବରଂ ଦେଶର ସବୁ ରେକର୍ଡ଼ ଦିଲ୍ଲୀରେ ହିଁ ଭାଙ୍ଗିଥିଲା। ବଜାରକୁ କିପରି ଏ ବାଣ ଆସୁଛି ପ୍ରଶାସନ ଦେଖିବା ପ୍ରଥମ କାର୍ଯ୍ୟ କିନ୍ତୁ ଲୋକଦେଖାଣିଆ କଟକଣା ଧର୍ମକୁ ଆଖି ଠାର ମାରିଲା ପରି।

ବିବାହ ଉତ୍ସବରେ ସମାନ ଧାରା ଜାରି ରହିଛି, ଯାହା ଚଳିତ ବର୍ଷ ମଧ୍ୟ ଜାରି ରହିବା ସମ୍ଭାବନା ପ୍ରାୟତଃ ନିଶ୍ଚିତ। ଆକାଶକୁ ଥରାଇ ଦେବା ଭଳି ରକେଟ ବାଣର ଗୁରୁଗର୍ଜନ ଡିଜେର ବୁକୁଫଟା ଶବ୍ଦ ତରଙ୍ଗର କୁପ୍ରଭାବ ଯେତେ ସୁଦୂରପ୍ରସାରୀ ହେଲେ ହେଁ ଏସବୁ ପ୍ରତି ଆମେ ନିଜେ ସଚେତନ ନ ହେବା ଦ୍ୱାରା ଆମ ଅଲକ୍ଷ୍ୟରେ ନିଜର ଓ ଉତ୍ତରପିଢ଼ିର କ୍ଷତି ସାଧନ କରିଚାଲୁଛେ। ଗତ କିଛିବର୍ଷ ଧରି ଖୋଦ ବରଯାତ୍ରୀରେ ସାମିଲ ହୋଇଥିବା ଲୋକ ଏପରିକି ବରପିତା ଡିଜେର ଉତ୍କଟ ଶବ୍ଦରେ ପ୍ରାଣ ହରାଇଥିବା ଭଳି ଦୁର୍ଭାଗ୍ୟଜନକ ଘଟଣା ଘଟୁଥିବାର ଖବରମାନ ଗଣମାଧ୍ୟମରେ ପ୍ରକାଶ ପାଉଛି। ଏହାସତ୍ତ୍ୱେ ବିନା ଡିଜେ ଓ ଉତ୍କଟ ଶବ୍ଦ ସୃଷ୍ଟିକାରୀ ବାଣ ବିନା ବରଯାତ୍ରୀ ଥାଟ ବାହାରି ପାରୁନାହିଁ କି ପୁଲିସ ପ୍ରଶାସନ କଠୋର ହେଉନାହିଁ।

ବର୍ତ୍ତମାନର ସମୟରେ ଡିଜେର ଛାତିଥରା ଘଟଣାଟିକୁ ଚିନ୍ତା କଲାବେଳକୁ ଏହା ଅନୁଭବ ହେଉଛି ଯେ ଆମ୍ଭେମାନେ ଜୀବନ ଶୈଳୀକୁ ଏବଂ ଆମର ସୁଖଦ କାର୍ଯ୍ୟକ୍ରମକୁ ଆଡ଼ମ୍ବରପୂର୍ଣ୍ଣ ଓ ଉପଭୋଗ୍ୟ କରିବାପାଇଁ ଯେଉଁ ସବୁ ବିଜୁଳି ଚାଳିତ ଓ ଯାନ୍ତ୍ରିକ ଉପକରଣର ସହଯୋଗ ନେଉଛୁ ସେ ସବୁ ଆମର ପରୋକ୍ଷରେ ହୁଏତ ଅଜାଣତରେ ମଣିଷ, ପଶୁ-ପକ୍ଷୀ, କୀଟ-ପତଙ୍ଗ ଓ ବୃକ୍ଷଲତା ପାଇଁ ନିରବ ଘାତକର ରୂପ ନେଉଛି। ବିଜ୍ଞାନର ଅଗ୍ରଗତି ସହିତ ଶବ୍ଦ ରାକ୍ଷସର ରୂପ ଆହୁରି କରାଳ ଓ ତା'ର ପ୍ରକୃତି ଅଧିକ କ୍ରୁର ହେବାରେ ଲାଗିଛି। ଏପରିକି ବିଦ୍ୟାଳୟର ବ୍ୟାୟାମ ପାଇଁ ବାଜୁଥିବା ଡ୍ରମ ଓ ହ୍ୱିସିଲରୁ ଆରମ୍ଭ କରି ମଠ ମନ୍ଦିରରେ ଢ଼ୋଲ, ରୋଷଣୀର ସଙ୍ଗୀତ ଓ ଆତସବାଜୀ, ଗାଡ଼ିର ହର୍ଣ୍ଣ ମଧ୍ୟ କାହାର ତତ୍କାଳ ଜୀବନ ନେଇପାରେ, ନିରବ ଘାତକ ସାଜି ଜୀବନକୁ ଅର୍ଥବ କରିପାରେ। ଏହା ଆମେ କ୍ଷଣିକ ଆନନ୍ଦର ମୋହରେ ଭୁଲି ଯାଉଛୁ କିମ୍ବା ଜାଣି ମଧ୍ୟ ଅବହେଳା କରୁଛୁ। ଅନେକ ହୁଏତ ଜାଣିନଥିବେ, ଆତସବାଜି ଆମ ପ୍ରିୟ ଗୃହପାଳିତ ପଶୁଙ୍କ ପାଇଁ ଯେ ମୃତ୍ୟୁର ଯନ୍ତ୍ରଣା ଆଣୁଛି ତାହା ମଧ୍ୟ ଆମେ ଜାଣି ଅଜଣା ହେଉଛୁ।

ଡିଜେର ଛାତିଥରା ବିକଟାଳ ଶବ୍ଦ, ବାଣଫୁଟା, ରାବଣ ପୋଡ଼ି, ଜଳ ପ୍ରଦୂଷଣ ଏ ସବୁ ଉପରେ ପ୍ରଶାସନିକ ଭାବରେ ଅନେକ କଠୋର ଆଇନ ଓ ଦଣ୍ଡର ବ୍ୟବସ୍ଥା ରହିଛି। କେଉଁ ଅଞ୍ଚଳରେ କେତେ ସ୍ତରର ଏବଂ କେଉଁ ମାନ ଦଣ୍ଡ ଗ୍ରହଣ କରାଯାଇ ଶବ୍ଦ ଡେସିବଲ ବ୍ୟବହାର କରାଯିବ ସେ ନେଇ ସର୍କୁଲାର ରହିଛି। କେବଳ ସେତିକି ନୁହେଁ ଏହାକୁ ଯେଉଁମାନେ ବି ଖିଲାପ କରୁଥିବେ ସେମାନଙ୍କ ବିରୋଧରେ କେଉଁ ସ୍ଥାନରେ, କେଉଁ ତଥ୍ୟାବଳୀ ସହ ଅଭିଯୋଗ ରଖିପାରିବେ ସେ ନେଇ ମଧ୍ୟ ଆଇନରେ ସ୍ପଷ୍ଟ ଭାବରେ ଅନେକ ନିର୍ଦ୍ଦେଶାବଳୀ ଉଲ୍ଲେଖ ରହିଛି। ଏଠାରେ ଏକ ତଥ୍ୟ ରଖିପାରୁ କି ଯେ ଶବ୍ଦର ଗ୍ରହଣୀୟ ଡେସିବଲ ମାପ ମାନଦଣ୍ଡ ସବୁକ୍ଷେତ୍ର ପାଇଁ ସମାନ ନଥାଏ। ଶିଳ୍ପ ନିର୍ମାଣ କ୍ଷେତ୍ର, ଆକାଶପଥ, ରେଳପଥ, ସଡ଼କପଥ ସବୁ ପାଇଁ ଅଲଗା ଅଲଗା ଆଇନର ନିର୍ଦ୍ଦେଶାବଳୀ ରହିଛି କିନ୍ତୁ ସଚେତନତା ନଥିବାରୁ ଓ ପ୍ରଶାସନିକ କ୍ଷେତ୍ରରେ ଉଦାସୀନତା ମାନସିକତା ପାଇଁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ବର୍ତ୍ତମାନର ଜଳବାୟୁର ଯେଉଁପରି ବିଭିନ୍ନ ବ୍ୟତିକ୍ରମ ଓ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ସବୁ ଦେଖାଦେଉଛି ଏ ସବୁକୁ ଦେଖିଲେ ଉପରୋକ୍ତ ପ୍ରଦୂଷଣ କ୍ଷେତ୍ର କିପରି ଯେ ଜୀବଜଗତ ଠାରୁ ପ୍ରାଣୀଜଗତ ଆମ ସମସ୍ତଙ୍କ ପାଇଁ ବିଷର ବଳୟ ସୃଷ୍ଟି କରୁଛନ୍ତି ତାହା ଚିନ୍ତାଜନକ ନିଶ୍ଚୟ। ଶ୍ରାବଣ ମାସରେ ଧାରା ଶ୍ରାବଣର ବର୍ଷା ଆଉ ନାହିଁ, ଗାଁ ଗଣ୍ଡାରେ ରହିଥିବା ବିଲର ପାଣି ବା ପୋଖରୀ ହୁଡ଼ାରେ ଆଉ ବେଙ୍ଗ ରଡ଼ି ବି ଶୁଭୁନାହିଁ, କ୍ୱଚିତ କେଉଁଠି କୋଇଲିଟି ରାବ ଦେଉଛି, ଖରା ଦିନରେ ଅଚାନକ କାଳବୈଶାଖୀ ଓ ବର୍ଷା ଏମିତିରେ କହିଲେ ତ ଆମ୍ଭେମାନେ ପ୍ରାୟତଃ ତିନଟି ଋତୁ ଅର୍ଥାତ୍ ବର୍ଷା, ଶୀତ ଓ ଗ୍ରୀଷ୍ମ ଅନୁଭବ କରୁ। ଦିନକୁ ଦିନ ଆମ୍ଭେମାନେ ଜୀବନକୁ ଅନ୍ୟ ମାନଙ୍କ ଠାରୁ ଉଚା ଦେଖାଇବା ପାଇଁ ଅନେକ ଅର୍ଥ ଅପଚୟ କରି ହୁଏତ କିଛି କ୍ଷଣ ପାଇଁ ସମୟକୁ ଉପଭୋଗପୂର୍ଣ୍ଣ କରାଯାଇପାରେ। କିନ୍ତୁ ଏହା ନିଶ୍ଚିନ୍ତ ପ୍ରଦୂଷଣର ଭୟାବହତା ଯଦି ଆଜିଠାରୁ ସଠିକ ଭାବେ ବିଚାର କରାଯାଇ ମାନସିକତା ଓ ପରିବର୍ତ୍ତନକୁ ଗ୍ରହଣ କରାନଯାଏ ତେବେ ଆମ୍ଭେମାନେ ଯେ ଏକ ଭୟାନକ ଉତ୍କଟ ପ୍ରଦୂଷଣର ଗର୍ତ୍ତ ଭିତରକୁ ଯାଉଛେ ଏହା ମନେରଖିବା ଉଚିତ। ଏହାକୁ ନିଜେ ସଚେତନ ହେବା ସହ ଅନ୍ୟ ମାନଙ୍କୁ ସଚେତନ, ସତର୍କ କରିପାରିଲେ ନିଜେ ସୁରକ୍ଷିତ ରହିପାରିବା ଏହାସହ ଆମ ଆସୁଥିବା ପିଢ଼ି ଓ ସର୍ବୋପରି ଗୁରୁତ୍ୱପୂର୍ଣ୍ଣ ଜୀବଜଗତର ସୁରକ୍ଷା ହୋଇପାରିବ।

**ଯୁଧିଷ୍ଠିର ମହାରଣା
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ, ମୋ : ୯୪୩୭୧୬୩୫୨୮**






# ତେନ୍ତୁଳିଖୁଣ୍ଟି ଠାରେ ଜିଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର, ୧୬।୩(ପ୍ରବାହ ନ୍ୟୁଜ): ଆଜି ତେନ୍ତୁଳିଖୁଣ୍ଟି ବ୍ଲକ ସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବିଡିଓ ମନୋଜ ପାଣିଗ୍ରାହୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୯ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୩ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୬ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା



ସମ୍ମିଳିତ ଥିଲା।୧ ଟି ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗ ମାନଙ୍କୁ ୧୫ ଟି ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ବିଭିନ୍ନ କାରଣରୁ ଅଙ୍ଗହୀନ ହୋଇଥିବା ୨ ଜଣ ଦିବ୍ୟାଙ୍ଗ କୁ କୃତିମ ଅଙ୍ଗ ପ୍ରଦାନ ନିମନ୍ତେ ମାପ ନିଆଯାଇଥିଲା। ସେଭଳି ବିଭିନ୍ନ କାରଣରୁ ଆହତ ଏବଂ ଅକ୍ଷମ ୧୦ଜଣ ରୋଗୀଙ୍କୁ ଉତ୍ତମ ଶାରୀରିକ ଚିକିତ୍ସା ନିମନ୍ତେ ଉନ୍ନତ ପୁନର୍ବାସ କେନ୍ଦ୍ର ରେ ଯନ୍ତ୍ରଣା ଉପଶମ ଓ ଚିକିତ୍ସା ପାଇଁ ପଦକ୍ଷେପ ନିଆଗଲା।

# କୁମାରପାଣି ଉଚ୍ଚ ବିଦ୍ୟାଳୟର ଶିଶୁ ସେବିକା ନିଯୁକ୍ତିରେ ଅନୀୟମିତତା, ସରକାରୀ ନିୟମ ବାଟବଣା

ଶେରଗଡ଼ ୧୬।୩(ପ୍ରବାହ ନ୍ୟୁଜ): ଶେରଗଡ଼ ବ୍ଲକ, କୁମାରପାଣି ପଞ୍ଚାୟତ, କୁମାରପାଣି ଗ୍ରାମରେ ଥିବା ଉଚ୍ଚ ବିଦ୍ୟାଳୟ ରେ ଶିଶୁ ସେବିକା ନିଯୁକ୍ତି ରେ ଆସିଛି ସାଙ୍ଘାତିକ ଅଭିଯୋଗ। କିଛି ଦିନ ତଳେ ସରକାର ଙ୍କ ନିୟମ ଅନୁସାରେ ବାଟିକା ଶିଶୁ ଙ୍କ ନିମନ୍ତେ ପ୍ରତ୍ୟେକ ବିଦ୍ୟାଳୟ ରେ ଶିଶୁ ସେବିକା ନିଯୁକ୍ତି ପାଇଁ ବିଜ୍ଞାପନ ଜାରି ହୋଇ ଥିଲା। ତାହାର ନିର୍ଦ୍ଦେଶାବଳି ଅନୁସାରେ ଉଲ୍ଲେଖ ଅଛି ଯେ କମିଟି ଙ୍କ କୌଣସି ପରିବାର ସଦସ୍ୟ କିମ୍ବା ସମ୍ପର୍କୀୟ ଏହି ପୋଷ୍ଟ ରେ ରହି ପାରିବେ ନାହିଁ କିନ୍ତୁ ଏହି ସରକାରୀ ନିୟମକୁ ଫୁ କରି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ଏବିଇଓ ଜାଣି ମଧ୍ୟ କିପରି ଭାବରେ କମିଟି ଙ୍କ ସମ୍ପର୍କୀୟ ଙ୍କୁ ନିଯୁକ୍ତି ଦେଇଥିଲେ । ଅପର ପକ୍ଷେ ଅନ୍ୟ ଜଣେ ଆଶାୟୀ ଭୁବନେଶ୍ୱରୀ ବିଷୋୟୀ ମଧ୍ୟ ସେହି ପୋଷ୍ଟ ଲାଗି ଆବେଦନ କରିଥିଲେ, କିନ୍ତୁ ବିଭିନ୍ନ ଆଳ ଦେଖେଇ ଭୁବନେଶ୍ୱରୀଙ୍କୁ ବଞ୍ଚିତ କରାଗଲା। ବଡ଼ ଦୁଃଖର କଥା ଭୁବନେଶ୍ୱରୀ ଙ୍କ ଶିକ୍ଷାଗତ ଯୋଗ୍ୟତା ଦଶମ ପାସ ବେଳେ ନିଯୁକ୍ତି ପାଇଥିବା ସେବିକାଙ୍କ ଶିକ୍ଷାଗତ




ଯୋଗ୍ୟତା ଭୁବନେଶ୍ୱରି ଠାରୁ କମ୍ । ଏହି ଭଳି ଘଟଣା କୁ ଶେରଗଡ଼ ଏ ବି ଇ ଓ ଙ୍କ ନିକଟରେ ଅଭିଯୋଗ କରିବାରୁ ସେ ନିରବ ଦ୍ରଷ୍ଟା ସାଜି ମୁଁ କିଛି କରିପାରିବି ନାହିଁ ବୋଲି ମତ ରଖି ରଖି ଥିଲେ। ଏହା ପରେ ଭୁବନେଶ୍ୱରୀ ଡିଇଓ ଙ୍କ ନିକଟକୁ ଅବଗତ ଲାଗି ଯାଇଥିଲେ, ତାଙ୍କର ଅନୁପସ୍ଥିତି ରେ ସେ ଏଡିଇଓ ଙ୍କୁ ଜଣାଇଲେ।ଏହାର କିଛି ଦିନ ପରେ ପୁଣି ଦ୍ୱିତୀୟ ଥର ନିଯୁକ୍ତି ପାଇଁ ବିଜ୍ଞାପନ ତରବରିଆ ଭାବେ ବାହାର କଲେ କାରଣ ଆବଶ୍ୟକ କାଗଜ ପତ୍ର ଯୋଗାଡ ରେ ଅସୁବିଧା ଲାଗି ଏହା ଏକ ଚକ୍ରାନ୍ତ। ତଥାପି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେଲା ପୁଣି ଅନ୍ୟ ମାନେ କେହି ନ ଜାଣି ଥିବାରୁ ଏହି ଦୁଇଜଣ ସେଇ ପଦବି ପାଇଁ ନିବେଦନ କଲେ। କିନ୍ତୁ ପୁଣି ଆଳ ଦେଖେଇ ସେହି କମିଟିଙ୍କ ସଦସ୍ୟ ଙ୍କ ସମ୍ପର୍କୀୟ ଙ୍କୁ ଚୟନ କରାଗଲା। ଯାହାକି ସରକାରଙ୍କ ବିଜ୍ଞପ୍ତି ରେ ପ୍ରକାଶ ପାଇଥିବା ନିୟମ ର ବିରୋଧ। ଯଦି ସରକାର ନ୍ୟାୟ ଦେଇପାରିବେ ନାହିଁ, ତାହାହେଲେ ନିୟମ କାହିଁକି କରୁଛନ୍ତି କାରଣ କିଛି ବୁଝି ହେଉ ନାହିଁ। ବର୍ତ୍ତମାନ ଭୁବନେଶ୍ୱରୀ ଭଞ୍ଜନଗର ରେ ହୋଇଥିବା ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣି ସମୟରେ ଏହା ଅବଗତ କରିଛନ୍ତି। ବିଚାର କେବେ ହେବ। ସେହିଦିନ ଜିଲ୍ଲା ଶିକ୍ଷାଧିକାରୀ ମଧ୍ୟ ଅନୁପସ୍ଥିତ ଥିଲେ।ଏହାର ତଦନ୍ତ ଅତି ଶୀଘ୍ର କରାଯାଉ। କମିଟି ଙ୍କ ସମ୍ପର୍କୀୟ ଯଦି ଯୋଗ୍ୟ ହେବେ, ତେବେ କମିଟି ସଦସ୍ୟ ,ବିଦ୍ୟାଳୟ କମିଟି ରୁ ବାଦ ପଡ଼ିବା କଥା ତାହା ହୋଇଛି କି ଉଲ୍ଲେଖ କରାଯାଉ, ଯଦି ନ ହୋଇଛି କିପରି ନିଯୁକ୍ତି ଦିଆଯିବ ତାହା ପ୍ରଶ୍ନ ବାଚି, ଅନ୍ୟ ପଟେ ପ୍ରଥମେ ଏହି ନିୟମକୁ ଜାଣି କିପରି ନିଯୁକ୍ତି ଦେଲେ। ସତ୍ୟ କୁ ସାମ୍ନା କରିବାକୁ ପ୍ରଧାନ ଶିକ୍ଷକ, ଏ ବି ଇ ଓ, ବି ଇ ଓ ଓ ଉପରିସ୍ଥ କର୍ମଚାରୀ ଭୟ କରୁଛନ୍ତି କାହିଁକି। ଅଭିଯୋଗ କାରୀ ଏହାର ପରିସର ଭୁକ୍ତ ଲାଗି ସୂଚନା ଅଧିକାର ବିଭାଗ ଓ ଉଚ୍ଚ ନ୍ୟାୟାଳୟ ର ଆଶ୍ରୟ ନେବେ ବୋଲି କହିଛନ୍ତି। ନଚେତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ସାଧାରଣ ରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ୨୫ ଲିଟର ସଲପ ତାଡି ଜବତ

କୋରାପୁଟ, ୧୬।୩(ପ୍ରବାହ ନ୍ୟୁଜ): ଜିଲ୍ଲାପାଳ ଡ଼କ୍ଟର ମହେଶ୍ୱର ସ୍ୱାଇଁ ଙ୍କ ତଥା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ତଥା ଖାତିଗୁଡା ଥାନା ଅର୍ନ୍ତଗତ, ଲାଉଗୁଡା ଛକ ନିକଟରେ, ଅବକାରୀ ପଇଁତରା କରୁଥିବା ସମୟରେ, ୧. କୋରାପୁଟ ଜିଲ୍ଲା ର, ବି ସିଙ୍ଗପୁର ଥାନା ଅନ୍ତର୍ଗତ, ଚୋପାଡ଼ି ଗ୍ରାମର ଜଣେ ପୁରୁଷ ଆସାମୀ ବିନଦ ବିଷୋୟୀ ନିକିଟରୁ ୨୫ (ପଚିଶି )ଲିଟର ସଲପ ତାଡି ଜବତ କରାଗଲା ଏବଂ ଗୋଟିଏ ଞଙ୍ଖ୍ୱ ଢଖ ୧୦୦ ଐରବଙ୍ଖଚ ଯଙ୍କଗ୍ୱଚ ଜବତ କରାଗଲା । ୨. କୋରାପୁଟ ଜିଲ୍ଲାର, ବି ସିଂପୁର ଥାନା ଅନ୍ତର୍ଗତ, ଚୋପାଡ଼ି ଗ୍ରାମର ପୁରୁଷ ଆସାମୀ ମକର ନାଏକ ନିକଟରୁ ୨୦(କୋଡ଼ିଏ) ଲିଟର ସଲପ ତାଡି





ଜବତ କରା ଗଲା ଏବଂ ଗୋଟିଏ ଞଙ୍ଖ୍ୱ ଘଖ ଗ୍ୱଙ୍କକ୍ରରକ୍ସ ୧୦୦ ଐରବଙ୍ଖଚ ଯଙ୍କଗ୍ୱଚ ଜବତ କରାଗଲା. ବ ଆସାମୀ ଦୁଇ ଜଣକୁ ଘଟଣା ସ୍ଥଳରେ ୩୫ ଈଘଝଝ ସୂଚନା ଦେଇ ଛାଡି ଦିଆଗଲା. ଚଜ ଘକ୍ଟ- ୧୩୯/୨୦୨୫-୨୬ ଓ ୧୪୦/୨୦୨୫-୨୬ କ୍ଟଲ ଓଭଗ୍ୱକ୍ରରଗ୍ୱକ୍ଟକ୍ସ କ୍ଟଲ ରଘମସଗ୍ୱର ଘବଉବକ୍ସବଭଶ କ୍ଟଙ୍କ୍ସ ଜବଭଶର ରେ ମକଦ୍ଦମା ରୁଜୁ କରାଗଲା, ଏହି ଚଢାଉ ରେ ରିସମା ସୁନା ଓ ଆକ୍ରମ ଖାନ, ସହଯୋଗ କରି ଥିଲେ।

# ଶିଶୁ ମାନଙ୍କ ମାନସିକ ଓ ବୌଦ୍ଧିକ ଶକ୍ତିର ବିକାଶ ଘଟିଲେ ରାଷ୍ଟ୍ର ସମୃଦ୍ଧ ହେବ

ଆଠଗଡ, ୧୬।୩(ପ୍ରବାହ ନ୍ୟୁଜ): ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷାର ମାନ ଦିନକୁ ଦିନ ହ୍ରାସ ପାଉଛି। ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଗଠନ ପାଇଁ ବଡ ଆହ୍ୱାନ ସୃଷ୍ଟି କରିଛି। ଶିକ୍ଷା କେବଳ ଆତ୍ମନିଯୁକ୍ତି ପାଇଁ ନୁହେଁ ଶିକ୍ଷାର ଆକ୍ଷରିକ ଅର୍ଥ ଛାତ୍ର ତଥା ଛାତ୍ରୀ ସଂସ୍କାରୀ ହେବା ଉଚିତ। ଶିଶୁ ମାନଙ୍କ ମାନସିକ ଓ ବୌଦ୍ଧିକ ଶକ୍ତିର ବିକାଶ ଘଟିଲେ ରାଷ୍ଟ୍ର ସମୃଦ୍ଧ ହେବ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ଶନିବାର କନ୍ଦରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବରେ ଯୋଗ ଦେଇ ଅତିଥି ମାନେ ପ୍ରକାଶ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି



ଜଗନ୍ନାଥ ରାଉତ ଙ୍କ ପୌରହିତରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଆଠଗଡର ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଆଠଗଡ଼ ବନଖଣ୍ଡ ଏସିଏଫ ନୀଳମାଧ୍ୱ ସାହୁ,, ଆଠଗଡ ସାମ୍ବାଦିକ ସଂଘର ସଭାପତି ଅର୍ଦ୍ଧେନ୍ଦୁ ମହାନ୍ତି, ଶିଳ୍ପପତି ସଂଜୀବ ପତ୍ରି, ବିଦ୍ୟାଳୟର ମୁଖ୍ୟ ପରାମର୍ଶଦାତା ତଥା ଆଠଗଡ ସାମ୍ବାଦିକ ସଂଘର ସଂପାଦକ ବିଭୂତି ଭୂଷଣ ଖଟୁଆ, ପ୍ରାକ୍ତନ ସମ୍ପାଦକ ଦେବୀପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ସଂପାଦକ ସୁଶାନ୍ତ ସାହୁ ସଂପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିବେକାନନ୍ଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଚଳିତ ବର୍ଷ କ୍ରୀଡା , ନୃତ୍ୟ ଓ ଶ୍ରେଷ୍ଠ ବିଦ୍ୟାର୍ଥୀ ସମ୍ମାନ ପ୍ରଦାନ କରିଥିଲେ ଅତିଥିମାନେ। କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ନନ୍ଦକିଶୋର ସାହୁ, ଜୟନ୍ତ ପ୍ରଧାନ, ପ୍ରଶାନ୍ତ କୁମାର ପରିଡା, ବିଦ୍ୟାଳୟର ଗୁରୁଜୀ ଗୁରୁମା ମାନଙ୍କ ମଧ୍ୟରେ ପ୍ରକାଶ କୁମାର ପ୍ରଧାନ, ସ୍ମରଣିକା ଦାସ, ଅହଲ୍ୟା ବେହେରା, କବିତା ବେହେରା, ଅର୍ପିତା ବେହେରା, ସୋନାଲି ସେଠି, ଲକ୍ଷ୍ମୀପ୍ରିୟା ସାହୁ, ସସ୍ମିତା ରାଣା, ପୂର୍ଣ୍ଣିମା ସେଠି, ପ୍ରମୁଖ ସହଯୋଗ କରିଥିଲେ।

# ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ଡ଼ଃ.ଅଲକା ସାହୁ ଅସୁସ୍ଥ

ଛତ୍ରପୁର, ୧୬।୩ (ପ୍ରବାହ ନ୍ୟୁଜ୍) : ଆନ୍ତର୍ଜାତୀୟସ୍ତରରେ ଖ୍ୟାତିସମ୍ପନ୍ନ ଓ ବହୁବାର ପୁରସ୍କୃତ ହୋଇ ଦେଶ ବିଦେଶରେ ସୁନାମ ଅର୍ଜ୍ଜନ କରିଥିବା ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ, ଗୁରୁ ଡ଼ଃ.ଅଲକା ସାହୁ (୫୦) ଅସୁସ୍ଥ ଥିବା ଜଣାଯାଇଛି । ସୋମବାର ସକାଳୁ ଅଚାନକ ତାଙ୍କରି ସ୍ୱାସ୍ଥ୍ୟ ସମସ୍ୟା ଉପୁଜି ଛତ୍ରପୁର ଉପଖଣ୍ଡ ହସ୍ପିଟାଲ୍ ରେ ଭର୍ତ୍ତି ହୋଇଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ' ମ୍ୟାଡମ୍ ଙ୍କ ଅଚାନକ ରକ୍ତଚାପ ଯୋଗୁ ମୁଣ୍ଡବିନ୍ଧା ଆରମ୍ଭ ହୋଇ ଜଟିଳ ଅବସ୍ଥାରେ ଗୁରୁତର ହୋଇ ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ହସ୍ପିଟାଲ୍ ରେ ଭର୍ତ୍ତି ହୋଇଥିଲେ । ଏହି ଖବର ଶୁଣି ଅଲକା ସାହୁ ଙ୍କ ଭାଇ ଅହିଭୂଷଣ ସାହୁ (ବାବୁଲି) ଙ୍କ ସମେତ ସର୍ବଶ୍ରୀ ଶଙ୍କର ଦାଶ, ସମାଜସେବୀ ଟି. ଚନ୍ଦ୍ର ଶେଖର ରାଓ, ସାମ୍ବାଦିକ



କେ.ସତ୍ୟନାରାୟଣ ରେଡ୍ଡୀ, ଛତ୍ରପୁର ସହରର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ହସ୍ପିଟାଲ୍ ରେ ପହଞ୍ଚିଥିଲେ । ଛତ୍ରପୁର କୋରିଓ ଗ୍ରେଫର୍ ଆସୋସିଏସନ୍ ର ସଦସ୍ୟ ଏବଂ ଓଡ଼ିଶୀ ନୃତ୍ୟଶିଳ୍ପୀ, ତାଙ୍କରି ବହୁ ଶିଷ୍ୟମାନେ ପହଞ୍ଚିଥିଲେ । ହସ୍ପିଟାଲ୍ ସ୍ୱାସ୍ଥ୍ୟ ଅଧିକ୍ଷୀକ ଡାକ୍ତର ଅଲେଖ ପ୍ରଧାନ, ହସ୍ପିଟାଲ୍ ମ୍ୟାନେଜର ଗଣେଷ ନାହକ ଙ୍କ ସମେତ ଷ୍ଟାଫ୍ ନର୍ସଙ୍କ ସହଯୋଗରେ ଅଧିକା ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା । ସନ୍ଧ୍ୟାରେ କିଛିଟା ଆଶ୍ୱସ୍ତି ମିଳିବା ପରେ ସେଠାରୁ ହସ୍ପିଟାଲ୍ ରୁ ଡିସଚାର୍ଜ ହୋଇ ଘରକୁ ଫେରିଛନ୍ତି । ମଙ୍ଗଳବାର ସକାଳେ ତାଙ୍କୁ ଅଧିକା ଚିକିତ୍ସା ପାଇଁ ବ୍ରହ୍ମପୁର ନିଆଯିବ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି । ଖୁବ୍ ଶୀଘ୍ର ସେ ଆରୋଗ୍ୟ ଲାଭ କରିବା ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଠାରେ କାମନା କରାଯାଇଛି ।

# ମାଲକାନଗିରିର ପୁଅ ଶିତିଜ ପ୍ରେମ କୁମାର ଓଡ଼ିଶା ଓଭରଅଲ୍ ଚ୍ୟାମ୍ପିଅନ

ମାଲକାନଗିରି, : ରାୟଗଡ଼ା ଜିଲ୍ଲାର ଟିକିରି ଠାରେ ଆୟୋଜିତ ମିଷ୍ଟର ଏଣ୍ଡ ମିସେଜ୍ ଓଡ଼ିଶା ବଡିବିଲ୍ଡିଂ ଚ୍ୟାମ୍ପିଅନଶିପରେ ମାଲକାନଗିରି ଜିଲ୍ଲାର ଯୁବକ ଶିତିଜ ପ୍ରେମ କୁମାର ଅଲି ଚମତ୍କାର ସଫଳତା ଅର୍ଜନ କରିଛନ୍ତି। ମେନ୍ସ ଫିଜିକ୍ ଜୁନିୟର ବର୍ଗରେ ସେ ସ୍ୱର୍ଣ୍ଣ ପଦକ ଜିତିବା ସହ ଏହି ବର୍ଗରେ ଓଭରଅଲ୍ ଚ୍ୟାମ୍ପିଅନ ଭାବେ ଚୟନିତ ହୋଇଛନ୍ତି।



ମାଲକାନଗିରି ଜିଲ୍ଲାର ଏହି ପ୍ରତିଭାଶାଳୀ ଯୁବକଙ୍କ ସଫଳତା ପଛରେ ତାଙ୍କର ଦୀର୍ଘଦିନର ପ୍ରୟାସ, ଶ୍ରମ ଓ ନିୟମିତ ଅଭ୍ୟାସ ମୁଖ୍ୟ ଭୂମିକା ନେଇଛି। ତାଙ୍କୁ କୋଚ୍ ଶ୍ରୀକାନ୍ତ ବେହେରା ପ୍ରଶିକ୍ଷଣ ଦେଇଥିବା ବେଳେ ଏହି ସଫଳତା ଜିଲ୍ଲାର କ୍ରୀଡ଼ାକ୍ଷେତ୍ର ପାଇଁ ଗର୍ବର ବିଷୟ ହୋଇଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ଶିତିଜ ପ୍ରେମ କୁମାର ଅଲି ଙ୍କୁ ଜିଲ୍ଲାର କ୍ରୀଡ଼ାପ୍ରେମୀ ଓ ସ୍ଥାନୀୟ ଲୋକମାନେ ଅଭିନନ୍ଦନ ଜଣାଇଛନ୍ତି।

# ଗଡ଼ଜାତ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା




ଆଠଗଡ଼, ୧୬।୩(ପ୍ରବାହ ନ୍ୟୁଜ): ଆଠଗଡ଼ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଗଡ଼ଜାତ ପରିକ୍ରମା ପକ୍ଷରୁ ଆଠଗଡ଼ ଗଡ଼ଜାତ ୮୪୯ ତମ ପ୍ରତିଷ୍ଠା ଦିବସ ଓ ଆଠଗଡ଼ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ରେ ମୁଖ୍ୟ ଅତିଥି ଭାବରେ ଆଠଗଡ଼ ଅଞ୍ଚଳର ବିଶିଷ୍ଟ ସାହିତ୍ୟିକ ବିଭୂତି ଭୂଷଣ ମିଶ୍ର ଯୋଗଦେଇଥିଲେ। ଅନ୍ୟ ମାନଙ୍କ ପୌରାଞ୍ଚଳ ବରିଷ୍ଠ ନାଗରିକ ସଂଘ ସଭପତି ଶରତ ଚନ୍ଦ୍ର ସାମନ୍ତ, ଉପଦେଷ୍ଟା ଧରଣୀଧର ମହାପାତ୍ର,ସଦାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପର୍ବତାରୋହୀ ରୂପଶ୍ରୀ ଶ୍ୱେତପଦ୍ମା ମହାନ୍ତିଙ୍କୁ ଗଡ଼ଜାତ ପର୍ବତାରୋହିଣି ସମ୍ମାନ, ଯୁବକଣ୍ଠ ଶିଳ୍ପୀ ବିପ୍ଳବ ଦାସଙ୍କୁ ଗଡ଼ଜାତ ପ୍ରତିଭା ସମ୍ମାନ, ଛଉ ନୃତ୍ୟଶିଳ୍ପୀ ଜ୍ୟୋତିଶଙ୍କର ମହାପାତ୍ରଙ୍କୁ ଗଡ଼ଜାତ ପ୍ରତିଭା ସମ୍ମାନ ଏବଂ ବରିଷ୍ଠ ସାମ୍ବାଦିକ ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ସୁରେଶ ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରତିଷ୍ଠାତା ଶିକ୍ଷକ ଓ କର୍ମଚାରୀ ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ

ବୌଦ୍ଧ, ୧୬।୩(ପ୍ରବାହ ନ୍ୟୁଜ): ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ ଖଟଖଟିଆ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାପୀଠର ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରତିଷ୍ଠାତା ଶିକ୍ଷକ ଓ କର୍ମଚାରୀ ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଅନୁଷ୍ଠିତ ସାଧାରଣ ସଭାରେ ବିଦ୍ୟାଳୟର ୧୯୮୬ ମାଟ୍ରିକ ବ୍ୟାଚର ଛାତ୍ରୀ ସନ୍ଧ୍ୟାରାଣୀ ପ୍ରଧାନଙ୍କ ସଭାପତିତ୍ୱ କରିଥିବାବେଳେ ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସତ୍ୟବାନ ବସ୍ତିଆ ପ୍ରତିଷ୍ଠାତା ବିଜ୍ଞାନ ଶିକ୍ଷକ ବିଜୟ ପ୍ରଧାନ ହିନ୍ଦୀ ଶିକ୍ଷକ ନରେନ୍ଦ୍ର ପ୍ରଧାନ , ସଂସ୍କୃତ ଶିକ୍ଷକ ଜୟକୃଷ୍ଣ ପ୍ରଧାନ ଇତିହାସ ଶିକ୍ଷକ ଭୁବନେଶ୍ୱର ବସ୍ତିଆ ଖେଳ ଶିକ୍ଷକ ପଞ୍ଚାନନ ପ୍ରଧାନ ଜୟନ୍ତ ପ୍ରଧାନ , ପ୍ରତିଷ୍ଠାତା କ୍ଲର୍କ ତରଣୀସେନ ବସ୍ତିଆ , କର୍ମଚାରୀ ପ୍ରଦୀପ ଖେତୀ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଏ ଅଞ୍ଚଳର ଜଣାଶୁଣା ରାଜନୈତିକ ବ୍ୟକ୍ତିତ୍ୱ ତଥା ସମାଜସେବୀ ସ୍ୱର୍ଗତ ସୋମନାଥ ବସ୍ତିଆ ଭୂମିଦାନ କରିବା ସଂଗେ ସଂଗେ ଏହି ଅଞ୍ଚଳ ଶିକ୍ଷାକ୍ଷେତ୍ରରେ ଆଗକୁ




ବଢାଇବା ପାଇଁ ଅଂଚଳର କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ରେ ବିଦ୍ୟାଳୟଟିକୁ ୧୯୮୩ମସିହାରେ ପ୍ରତିଷ୍ଠିତ ହୋଇଥିଲା । ଏଥିରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଭୁୟସୀ ପ୍ରସଂଶା କରିଥିଲେ । ଏବଂ ସେହି ସମୟରେ ବିଦ୍ୟାଳୟର ଶୈକ୍ଷିକ ମାହୋଲ କେମିତିଥିଲା ତାହା ବଖାଣିଥିଲେ । ପରେ ପୁରାତନ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ପଢୁଥିବା ସମୟରେ ଘଟିଥିବା ସ୍ମରଣୀୟ ମୁହୂର୍ତ୍ତ ଗୁଡିକୁ ମାନେ ପକାଇଥିଲେ । ଫଳରେ ବିଦ୍ୟାଳରେ ଶିକ୍ଷକ ଓ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ଭିତରେ ଏକ ଭାବବିହ୍ୱଳପୂର୍ଣ୍ଣ ପରିବେଶ ଦେଖିବାକୁ ମିଳିଥିଲା । ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ହରିହର ପ୍ରଧାନ , ସମ୍ପାଦକ ଦେବରାଜ ବସ୍ତିଆ , ସଭ୍ୟ ପଞ୍ଚାନନ ଅମାତ , ଲିଙ୍ଗରାଜ ପ୍ରଧାନ ସମେତ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ପାଇଁ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ଭୂୟସୀ ପ୍ରସଂଶା କରିଥିଲେ । ପରେ ପ୍ରତିଷ୍ଠାତା ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ମାନ ପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଏବଂ ଶେଷରେ ସମସ୍ତ ଶିକ୍ଷକଙ୍କୁ ନେଇ ଏକ ଶୋଭାଯାତ୍ରାରେ ଗ୍ରାମପରିକ୍ରମା କରାଯାଇଥିଲା । ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂଜୀବ କୁମାର ବସ୍ତିଆଙ୍କ ଅବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋଷାଧକ୍ଷ ଭାବେ ପ୍ରାକ୍ତନ ଛାତ୍ର କାଶୀ ବିଶ୍ୱନାଥ କର୍ଣ୍ଣ କୋଷାଧକ୍ଷ ଦାୟିତ୍ୱ ତୁଲାଇଥିଲେ । ପ୍ରାକ୍ତନ ଛାତ୍ର ଭାର୍ଜନ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ରଞ୍ଜନ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ରଂଯୁ ଅମାତ ମଂଚ ପରିଚାଳନା କରିଥିବାବେଳେ ପ୍ରାକ୍ତନ ଛାତ୍ରୀ ତଥା ବିଦ୍ୟାଳୟର ବର୍ତ୍ତମାନ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନୀ ଖେତୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବର୍ତ୍ତମାନ ର ଶିକ୍ଷକ , କର୍ମଚାରୀ ସମେତ ସମସ୍ତ ପୁରାତନ ଓ ବର୍ତ୍ତମାନ ର ଛାତ୍ରଛାତ୍ରୀ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ । ବିଦ୍ୟାଳୟର ପ୍ରାକ୍ତନ ଛାତ୍ରଛାତ୍ରୀମାନେ ଏହି ଅବସରରେ ବହୁ ଦିନ ପରେ ନିଜ ଶିକ୍ଷକଙ୍କ ସମେତ ନିଜ ବ୍ୟାଚ ର ବନ୍ଧୁ ମାନଙ୍କ ଭେଟ ହୋଇଥିବାରୁ ଏବଂ ଏହି ମୁହୂର୍ତ୍ତକୁ ସ୍ମରଣୀୟ କରିବା ପାଇଁ ପରସ୍ପର ସହିତ ଫୋଟୋ ଉଠାଉଥିବା ଦେଖିବାକୁ ମିଳିଥିଲା ।

# ଠିକାଦାର ପୋଷାରେ ରାସ୍ତା ନିର୍ମାଣ, ଦୁର୍ନୀତି ଅଭିଯୋଗ

ଆଳି ୧୬।୩,(ପ୍ରବାହ ନ୍ୟୁଜ ): ଆଠ କଣିଆ ଛକ ନିକଟରୁ ମହୁ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ନିର୍ମାଣ ନିମନ୍ତେ ଆର ଆଣ୍ଡ ବି ଡିଭିଜନ ୧ପକ୍ଷରୁ ୯ କୋଟି ୨୧ ଲକ୍ଷ ଅର୍ଥ ବ୍ୟୟ ବରାଦ ହୋଇଥିବା ବେଳେ ରାସ୍ତା କାମ ନିମ୍ନ ମାନର ନେଇ ଅଭିଯୋଗ ଆସିଛି । ବିଭାଗୀୟ ଅଧିକାରୀ ଠିକାଦାର ଙ୍କ ମିଳିଭଗତରେ ଅର୍ଥ ହରିଲୁଟ ହୋଇଥିବା ନେଇ ସାମ୍ବାଦିକ ସମ୍ମିଳନୀ ରେ ଅଭିଯୋଗ ଆଣିଛନ୍ତି ଓଡିଶା ସୂଚନା ଅଧିକାର ଅଭିଯାନ (ଓସା )ର ସଦସ୍ୟ, ଓସା ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ ଏହି ରାସ୍ତା ଉପରେ ଦୈନିକ ପ୍ରାୟ ଚାରି ଗୋଟି ପଞ୍ଚାୟତର ଦଶ ହଜାର ଲୋକ ଯାତାୟାତ କରିଥାନ୍ତି, ରାସ୍ତା ନବୀକରଣ ପରେ ଏହି ରାସ୍ତା ମରଣ ଯନ୍ତା ପାଲଟିଛି । କେଉଁଠି ପିଚୁ ଫାଟି ଆଁ କଲାଣି ତ କେଉଁଠି ଗୋଡି ଉଠିଗଲାଣି, ବିଭିନ୍ନ ସମୟରେ ଦୁର୍ଘଟଣାରେ ନିରୀହ ଜୀବନ ପ୍ରତି ବିପଦ ଦେଖା ଦେଇଛି । ସାଧାରଣ ଲୋକଙ୍କ ଅଭିଯୋଗ କୁ ବିଭାଗୀୟ ଅଧିକାରୀ ଶୁଣୁନଥିବା ଅଭିଯୋଗ ହେଉଛି । ଏ ନେଇ କେନ୍ଦ୍ରାପଡା ଜିଲ୍ଲା ଆର ଆଣ୍ଡ ବି ଡିଭିଜନ କୁ ଅଭିଯୋଗ କରିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଶୂନ, ଯାହାକୁନେଇ ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ଏହି ରାସ୍ତାର ନିର୍ମାଣ ଓ ଖର୍ଚ୍ଚ ବିବରଣୀ ତଥ୍ୟ ନିୟମ ଅନୁଯାୟୀ ଆବେଦନ କରିଥିଲେ । ଆବେଦନ କାରୀଙ୍କୁ ସୂଚନା ନ ଦେଇ ଏହାକୁ ଲୁଚାଇବାକୁ ଚେଷ୍ଟା କରାଯାଇଥିବା ଜନ ସୂଚନା ଅଧିକାରୀ ଓ ପ୍ରଥମ ଅପିଲ ଶୁଣାଣି କରିଥିବା କର୍ତ୍ତୃପକ୍ଷ ଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇଛି,ଏହି ରାସ୍ତାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିବା ସହିତ ପାଞ୍ଚ ଦଫା ଦାବି ପୂରଣ ନେଇ ସୂଚନା ଅଧିକାରୀ କର୍ମୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ବିଶ୍ୱଜିତ ତରାଇ ଚନ୍ଦନ ଦାସ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି ।



# ରାଜ୍ୟ ଖବର



## କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରର ଦଶମ ବାର୍ଷିକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

### ଗୁରୁ କୁଳର ଗୁରୁ ଶିଷ୍ୟଙ୍କର ସମ୍ପର୍କ ସହିତ ଛାତ୍ରଛାତ୍ରୀଙ୍କ ସଂସ୍କାର ଓ ଶିକ୍ଷା ପାଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦି ଏକ ମାଧ୍ୟମ

ଆଠଗଡ ୧୬।୩(ପ୍ରବାହ ନ୍ୟୁଜ): ଆଠଗଡ଼ ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦଶମ ବାର୍ଷିକ କ୍ରୀଡା, ନୃତ୍ୟ ଓ ଶ୍ରେଷ୍ଠ ବିଦ୍ୟାର୍ଥୀ ସମ୍ମାନ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାପତି ଜଗନ୍ନାଥ ରାଉତ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ କଟକ ଜିଲ୍ଲା ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଆଠଗଡ଼ ତିଗିରିଆ ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପାର୍ଥ ବଜେନ୍ଦ୍ର ରାୟ , ମୁଖ୍ୟ ବକ୍ତା ଭାବେ ଓଡିଶା ଶିକ୍ଷା ବିକାଶ ସଂସ୍ଥାର ସଭାପତି ଶରତ ଚନ୍ଦ୍ର ସାମନ୍ତ, ସମ୍ମାନିତ ଅତିଥି ଭାବେ ଆଠଗଡ଼ ତିଗିରିଆ ନିର୍ବାଚନ ମଣ୍ଡଳୀ କଂଗ୍ରସ ବିଧାୟକ ପାର୍ଥ ସୁଦର୍ଶନ ସାହୁ, ଆଠଗଡ଼ ତିଗିରିଆ ନିର୍ବାଚନ ମଣ୍ଡଳୀର ସମାଜ ସେବି ଲକ୍ଷ୍ମୀନାରାୟଣ ଭଞ୍ଜ, ନଦୀକୂଅ ଅଂଚଳ ଯୁବ ସମାଜ ସେବି ପିଙ୍କନ ସାହୁ, ବିଦ୍ୟାଳୟ ମୁଖ୍ୟ ପରାମର୍ଶ ଦାତା ତଥା ଆଠଗଡ଼ ସାମ୍ବାଦିକ ସଂଘର ସଂପାଦକ ବିଭୁତି ଭୂଷଣ ଖଟୁଆ



ଅତିଥି ଭାବେ ଯୋଗ ଦେଇ ଗୁରୁକୁଳର ଗୁରୁ ଶିଷ୍ୟର ସଂମ୍ପର୍କ ଆଉ ଆଧୁନିକ ଯୁଗରେ ମଧ ସଂସ୍କାର ଓ ଶିକ୍ଷା ପାଇଁ ଉତ୍ତମ ଶିକ୍ଷା କେନ୍ଦ୍ର କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୋଲି ମତ ପ୍ରକାଶ କରିଥିଲେ । ସଂପାଦକ ସୁଶାନ୍ତ କୁମାର ସାହୁ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିବେକାନନ୍ଦ ପ୍ରଧାନ ମଂଚ ପରିଚାଳନା କରିଥିଲେ। ଚଳିତ ବର୍ଷ କ୍ରୀଡା , ନୃତ୍ୟ ଓ ଶ୍ରେଷ୍ଠ ବିଦ୍ୟାର୍ଥୀ ସମ୍ମାନ ପୁରସ୍କାର ଅତିଥିମାନେ ପ୍ରଦାନ କରିଥିଲେ, ଅତିଥିମାନେ, କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହିତ ପୁନଃ ପୁରସ୍କାର ବିତରଣ କରାଯାଇଥିଲା। ଏହି କର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ନନ୍ଦକିଶୋର ସାହୁ, ଜୟନ୍ତ ପ୍ରଧାନ, ପ୍ରଶାନ୍ତ କୁମାର ପରିଡା, ବିଦ୍ୟାଳୟର ଗୁରୁଜୀ ଗୁରୁମା ମାନଙ୍କ ମଧ୍ୟରେ ପ୍ରକାଶ କୁମାର ପ୍ରଧାନ, ସ୍ମରଣିକା ଦାସ, ଅହଲ୍ୟା ବେହେରା, କବିତା ବେହେରା, ଅର୍ପିତା ବେହେରା, ସୋନାଲି ସେଠି, ଲକ୍ଷ୍ମୀପ୍ରିୟା ସାହୁ, ସସ୍ମିତା ରଣା, ପୂର୍ଣ୍ଣିମା ସେଠି, ପ୍ରମୁଖ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା ।

## ପ୍ରସିଦ୍ଧ ତାରାତାରିଣୀ ଯାତ୍ରାରେ ସାମିଲ ହେବେ ପାରଳାଖେମୁଣ୍ଡି ସ୍ୱେଚ୍ଛାସେବୀ

ଛତ୍ରପୁର, ୧୬।୩(ପ୍ରବାହ ନ୍ୟୁଜ): ଦକ୍ଷିଣ ଓଡ଼ିଶାର ଆରାଧ୍ୟ ଦେବୀ ତଥା ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ନିକଟସ୍ଥ ଋଷିକୂଲ୍ୟା ନଦୀକୂଳରେ ଅବସ୍ଥିତ ମା' ତାରାତାରିଣୀଙ୍କର ଚଇତି ଯାତ୍ରାରେ ଗତ ମଙ୍ଗଳବାର ଠାରୁ ଆରମ୍ଭ ହୋଇଯାଇଛି । ଏହି ଯାତ୍ରାରେ ପ୍ରଥମ ପାଳି ମଙ୍ଗଳବାରରେ ଯେତିକି ଭକ୍ତ ସମାଗମ ହୋଇଥିଲା ଦ୍ୱିତୀୟ ପାଳିରେ ବାରୁଣୀ ସ୍ନାନ ପଡୁଥିବାରୁ ତଥା ଦଣ୍ଡୁଆମାନେ ମାନସିକ କରି ୨୧ଦିନିଆ ଦଣ୍ଡଯାତ୍ରା ଆରମ୍ଭକୁ ନଜରରେ ରଖି ପ୍ରବଳ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି । ସେହି କଥାକୁ ନଜରରେ ରଖି ବିଗତ ବର୍ଷ ଭଳି ଏ ବର୍ଷ ମଧ ଏହି ଯାତ୍ରାରେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ନ୍ୟାୟାଳୟରେ ପଦସ୍ଥ ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ୍ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ତତ୍ୱାବଧାନରେ ପାରଳାଖେମୁଣ୍ଡି, ଛତ୍ରପୁର, ଭୁବନେଶ୍ୱର ତଥା ଅନୁଗୁଳ ଭଳି ବିଭିନ୍ନ ଅଞ୍ଚଳର ଶତାଧିକ ସ୍ୱେଚ୍ଛାସେବୀ ଉକ୍ତ ଯାତ୍ରାରେ ଯୋଗ ଦେଇ ସେବା କାର୍ଯ୍ୟ କରିବା ନେଇ ନିଷ୍ପତ୍ତି ନେଇଛନ୍ତି । ଏହି



ଅବସରରେ ଆଜି ଏକ ଦଳ ପାରଳାଖେମୁଣ୍ଡିରୁ ଯୁବ ସମାଜସେବୀ ଏନ. ବସନ୍ତ ଓ ଟି. ଯସବନ୍ତ, ଭୁବନେଶ୍ୱରରୁ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ପ୍ରତିନିଧିର ମୁଖ୍ୟ ନୀଳମଣି ମିଶ୍ର, ଅନୁଗୁଳରୁ ସମୀର ପ୍ରଧାନ ତଥା ଛତ୍ରପୁରରୁ ମନୋରଞ୍ଜନ ବେହେରା, ମନୋଜ ମିଶ୍ର, ଟୁଟୁ ନାୟକଙ୍କ ନେତୃତ୍ୱରେ ଏକ ଦଳ ମିଳିତ ଭାବେ ମାଆ ତାରାତାରିଣୀ ଶକ୍ତିପୀଠ ଅଭିମୁଖେ ଯାତ୍ରା କରିଛନ୍ତି । ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଏହି ସମସ୍ତ ସ୍ୱେଚ୍ଛାସେବୀ ଭୋର ୪ଟା ସମୟରେ ମା'ଙ୍କ ପବିତ୍ର ପୀଠରେ ପହଞ୍ଚି ଭକ୍ତଙ୍କୁ ଧାଡିରେ ଛିଡା କରାଇବା ସହିତ ଶୃଙ୍ଖଳିତ ଦର୍ଶନ କରାଇବାରେ ପ୍ରଶାସନକୁ ସହାୟତା କରିବେ, ଅସହାୟ ତଥା ଦିବ୍ୟାଙ୍ଗମାନଙ୍କୁ ମା'ଙ୍କ ସୁଚାରୁ ଦର୍ଶନ କରାଇବା ଆଦି କାର୍ଯ୍ୟ ସମ୍ପାଦନ କରିବା ସହ ପ୍ରବଳ ଖରାକୁ ନଜରରେ ରଖି ଲିଓରା ଫାଉଣ୍ଡେସନର ସହାୟତାରେ ଶ୍ରଦ୍ଧାଳୁଙ୍କୁ ପାଣି ଛିଞ୍ଚନ କରିବା ସହ ଗ୍ଲୁକୋଜ ତଥା ପାନୀୟ ଜଳ ବଣ୍ଟନ କରିବେ ବୋଲି ସୂଚନା ରହିଛି ।

## ଗଞ୍ଜାମ ପୋଲିସ ପକ୍ଷରୁ ତାମ୍ପରା ହ୍ରଦ ସମେତ ବିଭିନ୍ନ ଜଳାଶୟ ଗୁଡ଼ିକର ସଫେଇ ଅଭିଯାନ

ଛତ୍ରପୁର, ୧୬।୩(ପ୍ରବାହ ନ୍ୟୁଜ): ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ନିକଟବର୍ତ୍ତୀ ତାମ୍ପରା ହ୍ରଦକୁ ସ୍ୱଚ୍ଛ ଓ ନିର୍ମଳ କରିବା ନେଇ ରବିବାର ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଭଳି ସ୍ୱଚ୍ଛତା ଅଭିଯାନରେ ନିଜେ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର ରବିବାର ସକାଳେ ତାମ୍ପରା ହ୍ରଦରେ ପହଞ୍ଚି ହ୍ରଦ ପରିସରରେ ପ୍ଲାଷ୍ଟିକ ଏବଂ ପଲିଥିନ ଗୁଡିକ ଉଦ୍ଧାର କରି ଏହାର ପରିସର ସଫେଇ କରିଥିଲେ ।ପରିବେଶ ସୁରକ୍ଷା ନିମନ୍ତେ ସଚେତନତା ର ବିଭିନ୍ନ ବାର୍ତ୍ତା ଦେଇ ଏସପି ଶ୍ରୀ ପାତ୍ର ସମାଜକୁ ଏକ ନୂତନ ଆଲୋଡନ ସୃଷ୍ଟି କରିଛନ୍ତି । ଏହି ସଫେଇ କାର୍ଯ୍ୟକ୍ରମରେ ଛତ୍ରପୁର ଏସ.ଡି.ପି.ଓ. ଚନ୍ଦନ କୁମାର ଘଡ଼େଇ, ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ପୋଲିସ ରିଜର୍ଭ ଇନିସପେକ୍ଟର ବିକାଶ ସେନାପତି, ଛତ୍ରପୁର ବିଧାୟକ ଙ୍କ ପ୍ରତିନିଧି ବନଜ ନାହାକ, ଅଫିସ୍ ଆସିଷ୍ଟାଣ୍ଟ ଏ ରାବଣା ରାଓ, ସର୍ଜେଣ୍ଟ ଜଗନ୍ନାଥ ବରାଡ଼ ଙ୍କ ସମେତ ବହୁ ପୋଲିସ କର୍ମଚାରୀ ଓ ସ୍ଥାନୀୟ ଯୁବକ ଏବଂ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ । ସେହିପରି ବିଭିନ୍ନ ବେଳାଭୂମି ଅଞ୍ଚଳର ସ୍ଥାନୀୟ ଥାନା ପୋଲିସ ଓ ସ୍ୱେଚ୍ଛାସେବୀ ମାନେ ସାମିଲ ହୋଇଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ' ଏନେଇ କମ୍ୟୁନିଟ୍ ପୋଲିସ ଅଧୀନରେ ଥିବା ଗଞ୍ଜାମ ପୋଲିସ ପକ୍ଷରୁ ଛତ୍ରପୁର ଗୌରୀଶଙ୍କର ମନ୍ଦିର ନିକଟରେ ରହିଥିବା ଲାଇନସାହି ବନ୍ଧ, ଆର୍ଜିପଲ୍ଲୀ ବେଳାଭୂମି, ହରିପୁର ବେଳାଭୂମି, ବଟେଶ୍ୱର ମନ୍ଦିର ବେଳାଭୂମି, ଚିଲିକା ହ୍ରଦ, ତାମ୍ପରା ହ୍ରଦ ପ୍ରମୁଖ ଜଳାଶୟ ଗୁଡ଼ିକର ସଫେଇ ପୋଲିସ ବାହିନୀ ଙ୍କ ଦ୍ୱାରା ସଫେଇ କରାଯାଇ ସମାଜ କୁ ସ୍ୱଚ୍ଛତା ର ବାର୍ତ୍ତା ଦେଇଛନ୍ତି ।

## ମାତାକୁପା ସଂରକ୍ଷିତ ଜଙ୍ଗଲରୁ ୩କୁଇଣ୍ଟାଲ ୮୬ କେଜି ଗଞ୍ଜେଇ ଜବତ, ମାଫିଆ ଫେରାର

ବୌଦ୍ଧ, ୧୬।୩(ପ୍ରବାହ ନ୍ୟୁଜ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ପୁଲିସ ପକ୍ଷରୁ ବରଗାଁ ପଞ୍ଚାୟତ ମାତାକୁପା ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲ ରେ ଚଢ଼ାଉ କରି ବ୍ୟାପକ ଗଞ୍ଜେଇ ଜବତ କରିଥିବା ବେଳେ ସୂଚନା ପାଇ ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି । ସୂଚନା ଅନୁସାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କଣ୍ଟାମାଳ ଥାନାଧିକାରୀ ବାସୁଦେବ ଭୋଇଙ୍କ ନେତୃତ୍ୱରେ ଏକ ପୁଲିସ ଟିମ କଣ୍ଟାମାଳ ଥାନା ଅନ୍ତର୍ଗତ ବରଗାଁ ପଞ୍ଚାୟତ ର ମାତାକୁପା ଗାଁ ନିକଟ ସଂରକ୍ଷିତ ଜଙ୍ଗଲରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଏହି ଟିମ ଚଢ଼ାଉ କରିଥିଲା। ପୁଲିସର ଚଢ଼ାଉ ସମ୍ପର୍କରେ ସୁରାକ ପାଇ ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ହୋଇଯାଇଥିଲେ । ଘଟଣାସ୍ଥଳରୁ ପୁଲିସ ଗଞ୍ଜେଇ ଭର୍ତ୍ତି ବସ୍ତା ଜବତ କରିଥିଲା



କ୍ଷ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତି ରେ ଜବତ ଗଞ୍ଜେଇ କୁ ଓଜନ କରିଥିଲେ । ଜବତ୍ ଗଞ୍ଜେଇର ପରିମାଣ ୩ କୁଇଣ୍ଟାଲ ୮୬କେଜି ହୋଇଥିବା କଣ୍ଟାମାଳ ପୁଲିସ ସୂଚନା ଦେଇଛି । ଏ ସଂକ୍ରାନ୍ତରେ କଣ୍ଟାମାଳ ଥାନରେ ଏନଡିପିଏସ ଆକ୍ଟ ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା କଣ୍ଟାମାଳ ଥାନାଧିକାରୀ ବାସୁଦେବ ଭୋଇ ସୂଚନା ଦେଇଛନ୍ତି । ଏହି ଚଢ଼ାଉ ରେ କଣ୍ଟାମାଳ ଥାନାର ଥାନାଧିକାରୀ ଇନ୍ସପେକ୍ଟର ବାସୁଦେବ ଭୋଇଙ୍କ ସମେତ ଏସଆଇ ପ୍ରକାଶ ଭୋଇ, ଏଏସଆଇ ଅଭୟ ପ୍ରଧାନ, ହାବିଲଦାର ମାନସ ପ୍ରଧାନଙ୍କ ସମେତ କନେଷ୍ଟବଳ, ଗୃହରକ୍ଷୀ ଆଇଆରବି ଷ୍ଟାଫ ସାମିଲଥିଲେ ।

## ନବରଙ୍ଗପୁରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୬

ନବରଙ୍ଗପୁର, ୧୬।୩(ପ୍ରବାହ ନ୍ୟୁଜ): ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଦୌରାଜର୍ଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୬ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଦୌରାଜର୍ଜ ସଂଗ୍ରାମ କେଶରୀ ପଟ୍ଟନାୟକ ୦୧ ଗୋଟି ଦେବାନୀ (ସିଭିଲ) କେଶ ଫଇସଲା କରି ଟ.୩,୭୦,୦୦୦/- କ୍ଷତିପୂରଣ ଆଦାୟ କରିଛନ୍ତି । ପରିବାର ବିଚାର ବିଭାଗୀୟ ଜର୍ଜ ଲିଲିପ୍ସା ପସାୟତ ୧୨ ଗୋଟି ପାରିବାରିକ ବିବାଦ କେସ ସମାଧାନ କରିଛନ୍ତି ଓ ଟ.୫,୭୭,୮୭୨/- ଜୋରିମାନା ଆଦାୟ କରିଛନ୍ତି । ସେହିପରି ବରିଷ୍ଠ ଦେବାନୀ ଜର୍ଜ ମୋନିତା ତ୍ରିପାଠୀ ୪ଟି ଦେବାନୀ କେସ ଫଇସଲା କରାଇଛନ୍ତି, ସେହିଭଳି ଉପଖଣ୍ଡ ବିଚାରବିଭାଗୀୟ ଦଣ୍ଡାଧିକାରୀ, ନବରଙ୍ଗପୁର ସୌମ୍ୟ ଶଙ୍କର ମହନ୍ତ ୫୪ ଟି ଫୌଜଦାରୀ ମକଦ୍ଦମାର



ଫଇସଲା କରିଛନ୍ତି ଓ ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅଙ୍କିତା ପାଣିଗ୍ରାହୀ ୪ ଟି ଫୌଜଦାରୀ ମକଦ୍ଦମା ସମାଧାନ କରିଛନ୍ତି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସର୍ବମୋଟ ୧୪୧ ଗୋଟି କୋର୍ଟ କେସ ଓ ୨୨୧୮୯ ଗୋଟି ରାଜସ୍ୱ କେସର ଫଇସଲା କରାଯାଇ ଟ.୩୯,୪୫,୫୯୮/- ରାଜସ୍ୱ ଆଦାୟ କରାଯାଇଛି । ସେହିପରି ବ୍ୟାଙ୍କର ୧୪ ଟି ପ୍ରାକ ମକଦ୍ଦମା ମଧ୍ୟ ଫଇସଲା କରାଯାଇ ଟ.୧,୧୫,୯୦୦/- ଋଣ ଆଦାୟ କରାଯାଇଛି । ବିଦ୍ୟୁତ ବିଭାଗ ର ୧୫୩ ଟି ପ୍ରାକ ମକଦ୍ଦମା ମଧ୍ୟ ଫଇସଲା କରାଯାଇ ଟ.୧୭, ୬୦,୪୮୧/- ବିଦ୍ୟୁତ ଦେୟ ବାବଦକୁ ଆଦାୟ କରାଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ଅନ୍ୟାନ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଜର୍ଜ ବିଷ୍ଣୁ ପ୍ରସାଦ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୀମା ତ୍ରିପାଠୀ ଓ ବରିଷ୍ଠ ଦେବାନୀ ଜର୍ଜ (ମହିଳା କୋର୍ଟ) ସୁଦୀପା ପାତ୍ର ଯୋଗ ଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭୀପ୍ସା ଗୋଛାୟାତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ପରିଚାଳନା କରିଥିବା ବେଳେ କୋର୍ଟର ଆଇନଜୀବୀ ଓ କର୍ମଚାରୀ ସହଯୋଗକରିଥିଲେ ।

## ଫୁଲବାଣୀ ଖୋଲା ବଜାରରେ ଗ୍ୟାସ ସିଲିଣ୍ଡର ଦୁଇହଜାର ଟଙ୍କା

କନ୍ଧମାଳ ୧୬।୩(ପ୍ରବାହ ନ୍ୟୁଜ): କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀରେ ଗ୍ୟାସ ଶଙ୍କଟ ପାଇଁ ଗ୍ୟାସ ଯୁଦ୍ଧ ଚାଲିଛି । ହୋଟେଲ, ଠେଲା, ଛୋଟ ଜଳଖିଆ ଦୋକାନ ପ୍ରଭୃତି ବନ୍ଦ ହେଲାଣି । କାଠ ଚୁଲିରେ କିଛି ହୋଟେଲ ବାଲା ରୋଷେଇ କରୁଛନ୍ତି । ଏପରିକି କସ୍ତୁର ବା ଗାନ୍ଧୀ ହଷ୍ଟେଲ ର ଅନ୍ତେବାସୀ ଗ୍ୟାସ ଅଭାବରୁ ବିଳମ୍ବରେ ଖାଇଥିଲେ । ଲୋକେ କୋଇଲା ଓ କାଠ ଖୋଜିବାରେ




ବ୍ୟସ୍ତ ହେଲେଣି । ଖୋଲା ବଜାର ରେ ଗ୍ୟାସ ଦୁଇ ହଜାର ଟଙ୍କାରେ ମିଳୁଛି । ହୋଟେଲ ବାଲା କମରସିଆଲ ଗ୍ୟାସ ପରିବର୍ତ୍ତେ ଡମେଷ୍ଟିକ ଗ୍ୟାସ ବ୍ୟବହାର କରୁଛନ୍ତି । ଫଳରେ ଯୁଦ୍ଧ ଜନିତ ସର୍ଟେଜ ସହ କୃତ୍ରିମ ଅଭାବ ଦେଖାଦେଉଛି । ଗ୍ୟାସ ଦୋକାନ ଆଗରେ ଲମ୍ବା ଲାଇନ । ଲୋକେ ଖରାରେ ରାସ୍ତାରେ ଲାଇନ ଲଗାଉଛନ୍ତି । ଯୋଗାଣ ବିଭାଗର ନିଘା ନାହିଁ ।

## ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୧୬।୩(ପ୍ରବାହ ନ୍ୟୁଜ): ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସାଧାରଣ ଲୋକମାନେ ନିଜ ନିଜ ଅଭିଯୋଗ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ । ଆଜିର ଶିବିରରେ ମୋଟ ୧୨୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥି ମଧ୍ୟରୁ ୧୦୨ଟି ବ୍ୟକ୍ତିଗତ ଏବଂ ୨୪ଟି ସାମୁହିକ ଅଭିଯୋଗ ରହିଥିଲା । ସେଥିମଧ୍ୟରୁ ୭ଟି ଅଭିଯୋଗର ତୁରନ୍ତ ସମାଧାନ



କରାଯାଇଥିଲା । ଏହାସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ପଟ୍ଟାମୁଣ୍ଡାଇ ବିଡିଓ ଓ ତହସିଲଦାର, ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ ବିଭାଗ) ସରୋଜ କୁମାର ବେହେରା ସହ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଆସନ୍ତା ୨୩ ତାରିଖରେ ରାଜକନିକା ବ୍ଲକ କାର୍ଯ୍ୟାଳୟ ଓ ୩୦ ତାରିଖରେ ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ।

## କଣ୍ଟାମାଳ ବ୍ଲକ ସଦର ମହକୁମାରେ ପ୍ରସ୍ତାବିତ ଷ୍ଟାଡିଅମ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର




ବୌଦ୍ଧ ୧୬।୩(ପ୍ରବାହ ନ୍ୟୁଜ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପାଇଁ ପ୍ରସ୍ତାବିତ ଇଣ୍ଡୋର ଓ ଷ୍ଟାଡିଅମ ନିର୍ମାଣ ବ୍ଲକ ସଦର ମହକୁମା ଠାରେ କରାଯିବାକୁ ଦାବି କରିଛନ୍ତି କଣ୍ଟାମାଳ ବାସୀନ୍ଦା କ୍ଷ ସରକାର ରାଜ୍ୟର ସମସ୍ତ ବ୍ଲକରେ ଷ୍ଟାଡିଅମ ନିର୍ମାଣ ପାଇଁ ଅର୍ଥ ମଂଜୁର କରିଥିବା ବେଳେ ତାହା କଣ୍ଟାମାଳ ବ୍ଲକର ପଲସା ଗୋରା ଠାରେ ହେବା ପାଇଁ ପ୍ରଶାସନ ଜମି ଚିନ୍ହଟ କରିଥିବା ସୂଚନା ମିଳିଛି । ଆଜି ଜିଲ୍ଲାପାଳ କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟ ଜନ ଶୁଣାଣୀ କୁ ଯାଇଥିବା ବେଳେ ସ୍ଥାନୀୟ କ୍ରୀଡାବିତ, ସ୍ୱେଚ୍ଛାସେବୀ ଓ ଜନ ସାଧାରଣ କଣ୍ଟାମାଳ ଠାରେ ଷ୍ଟାଡିଅମ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ ।

## ଜିଲ୍ଲା ପ୍ରଶାସନ ଏବଂ ଓରମାସ ଉଦ୍ୟମରେ ଗଞ୍ଜାମ ଜିଲ୍ଲାର ଟମାଟୋ ଚାଷୀମାନଙ୍କୁ ମିଳିଲା ଆଶ୍ୱସ୍ତି

ଛତ୍ରପୁର, ୧୬/୩ (ପ୍ରବାହ ନ୍ୟୁଜ୍): ଯେତେବେଳେ କୌଣସି ପରିବା ର ପ୍ରଚୁର ଉତ୍ପାଦନ ହୁଏ, ସେତେବେଳେ ତାହାର ବଜାର ମୂଲ୍ୟ ବହୁତ କମିଯାଇଥାଏ । ଫଳରେ ଚାଷୀମାନେ ତାଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇପାରନ୍ତି ନାହିଁ । ସମ୍ପ୍ରତି ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଟମାଟୋର ଅଧିକ ଉତ୍ପାଦନ ହେବାରୁ ବଜାର ଦର ହଠାତ୍ କମି ଯାଇ ପ୍ରତି କିଲୋଗ୍ରାମକୁ ୨ ରୁ ୩ ଟଙ୍କା ପର୍ଯ୍ୟନ୍ତ ହୋଇଯାଇଥିଲା । ସଠିକ୍ ବଜାର ସଂଯୋଗ ନଥିବାରୁ ଅନେକ ଚାଷୀ ବାଧ୍ୟ ହୋଇ ନିଜ ଉତ୍ପାଦନକୁ ଅତ୍ୟନ୍ତ କମ୍ ଦରରେ ବିକ୍ରୟ କରୁଥିଲେ କିମ୍ବା କେତେକ ସ୍ଥାନରେ ଟମାଟୋକୁ ଅମଳ ନ କରି ବିଲରେ ଛାଡ଼ି ମନଦୁଃଖରେ ଚାଲିଯାଉଥିଲେ । ଚାଷୀମାନଙ୍କ ଏହି ସମସ୍ୟା ସମ୍ବନ୍ଧରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ଗଣମାଧ୍ୟମ ଓ ଅନ୍ୟାନ୍ୟ ଜରିଆରେ ଅବଗତ ହେବା କ୍ଷଣି ଚାଷୀମାନଙ୍କୁ ଏହି ସମସ୍ୟାରୁ ଯଥାଶୀଘ୍ର ମୁକୁଳେଇବା ପାଇଁ ଓରମାସକୁ



ଆବଶ୍ୟକ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଓରମାସର ଜିଲ୍ଲା କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଟମାଟୋ ଦର ସ୍ଥିର କରିବା ସହିତ ଚାଷୀମାନଙ୍କୁ ଯଥୋଚିତ ମୂଲ୍ୟ ପାଇବାରେ ସହଯୋଗ କରୁଛନ୍ତି । ଓରମାସ ପରିସ୍ଥିତିର ଗମ୍ଭୀରତାକୁ ହୃଦୟଙ୍ଗମ କରି ଭାରତ ମସଲା (ପ୍ରୋସେସିଂ କମ୍ପାନୀ) ସହ ଏକ ବଜାର ସଂଯୋଗ ସୃଷ୍ଟି କରିଛି । ଏହି ପଦକ୍ଷେପ ମାଧ୍ୟମରେ ଜିଲ୍ଲାରେ କାର୍ଯ୍ୟରତ କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ମାନଙ୍କ ମାଧ୍ୟମରେ ଚାଷୀମାନଙ୍କ ପାଖରୁ ସିଧାସଳଖ ଭାବରେ ଟମାଟୋ କ୍ରୟ କରାଯାଇ ଉକ୍ତ କମ୍ପାନୀକୁ ବିକ୍ରୟ କରାଯାଉଛି । ଏହାର ଫଳରେ ଚାଷୀମାନେ ପ୍ରତି କିଲୋଗ୍ରାମ ଟମାଟୋ ଏବେ ୬ ଟଙ୍କା ଦରରେ ବିକ୍ରୟ କରିପାରୁଛନ୍ତି, ଯାହା ତାଙ୍କୁ ତୁରନ୍ତ ଆଶ୍ୱସ୍ତି ଦେବା ସହିତ ଚାଷୀମାନଙ୍କ ଆୟ ବୃଦ୍ଧିରେ ସହାୟକ ହୋଇଛି । ଏହା ଫଳରେ ସେମାନେ ଆଉ ଫସଲକୁ ନଷ୍ଟ କରିବାକୁ ବାଧ୍ୟ ହେଉନାହାନ୍ତି । ଜିଲ୍ଲା ପ୍ରଶାସନ ଏବଂ ଓରମାସର ଏହି ତ୍ୱରିତ ପଦକ୍ଷେପର ସକାରାତ୍ମକ ପ୍ରଭାବ ସ୍ଥାନୀୟ ବଜାରଗୁଡିକରେ ପରିଲକ୍ଷିତ ହେବାରେ ଆରମ୍ଭ ହୋଇସାରିଛି । ପୂର୍ବରୁ ଅତ୍ୟନ୍ତ କମ୍ ଦର ଦେଇ ଚାଷୀମାନଙ୍କୁ ଏକ ପ୍ରକାର ମନସ୍ତାପରେ ପକାଉଥିବା ସ୍ଥାନୀୟ ବ୍ୟବସାୟୀମାନେ ବିକଳ୍ପ ବଜାର ବ୍ୟବସ୍ଥା ହେବା ପରେ ଅନେକାଂଶରେ ସଚେତନ ହୋଇଯାଇଛନ୍ତି ଏବଂ ଚାଷୀମାନଙ୍କୁ ସମୁଚିତ ମୂଲ୍ୟ ଦେବା ଆରମ୍ଭ କରିଛନ୍ତି । ଚାଷୀ ଭାଇଭଉଣୀମାନେ ବହୁତ କଷ୍ଟକରି ଫସଲ ଉତ୍ପାଦନ କରୁଛନ୍ତି, ତେଣୁ ସେମାନଙ୍କୁ ସବୁବେଳେ ଉଚିତ ମୂଲ୍ୟ ମିଳିବା ଦରକାର । ଏହା ଆମ ସମସ୍ତଙ୍କର ଏକ ସାମୁହିକ ଦାୟିତ୍ୱ । କାରଣ ଯଦି ଚାଷୀ ଭାଇଭଉଣୀମାନଙ୍କ ପରିଶ୍ରମର ଯଥୋଚିତ ମୂଲ୍ୟ ନ ମିଳେ ଓ ଚାଷ କମିଯାଏ, ତେବେ ସମାଜର ସମସ୍ତେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପ୍ରଭାବିତ ହେବେ । ଏହି କଥାକୁ ହୃଦୟଙ୍ଗମକରି ଚାଷୀମାନଙ୍କୁ ସବୁବେଳେ ଉଚିତ ମୂଲ୍ୟ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ଜିଲ୍ଲା ପ୍ରଶାସନ ଏବଂ ଓରମାସ ଚାଷୀମାନଙ୍କ ପାଇଁ ଯଥୋଚିତ ଓ ସ୍ଥିର ଦର ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ଓ ଜାତୀୟ ବଜାର ସଂଯୋଗକୁ ଆହୁରି ସୁଦୃଢ କରିବା ସହ ଏଫପିଓ ମାନଙ୍କ ମାଧ୍ୟମରେ ଭ୍ୟାଲୁ ଚେନକୁ ଆହୁରି ବିସ୍ତାରିତ କରିବା ପାଇଁ ସଂକଳ୍ପବଦ୍ଧ ।






# ପଲସାଗୋରା ଅଞ୍ଚଳରେ ଗ୍ୟାସ ଟେନସନ



ବୌଦ୍ଧ ୧୬ା୩(ପ୍ରବାହ ନ୍ୟୁଜ): ସମଗ୍ର ରାଜ୍ୟରେ ଏବେ ରନ୍ଧନ ଗ୍ୟାସକୁ ନେଇ ସୃଷ୍ଟି ହୋଇଛି ଅଚଳାବସ୍ଥା କ୍ଷ ଏହାର ଫାଇଦା ଉଠାଇ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲସାଗୋରା, ରଣ୍ଡିମହୁଲ ଅଂଚଳରେ ରନ୍ଧନ ଗ୍ୟାସ ଯୋଗାଉ ଥିବା ଅସାଧୁ ବାବସାୟୀ ମାନେ ଗ୍ୟାସକୁ ବ୍ୟାପକ ଭାବେ କଳାବଜାର କରିବା ଆରମ୍ଭ କରିଦେଇଛନ୍ତି କ୍ଷ ସାରା ଦେଶରେ ହାହାକାର ପରିସ୍ଥିତି ଥିବା ବେଳେ ସରକାର କହୁଛନ୍ତି ଗ୍ୟାସ ମହଜୁଦ ଅଛି। ସେପଟେ କଳାବଜାରୀମାନେ ଏହି ପରିସ୍ଥିତିର ଫାଇଦା ନେଇ ଚୋରାରେ ଖାଉଟି ମାନଙ୍କୁ ଚଢ଼ାଦରରେ ବିକ୍ରୟ କରୁଥିବା ଦେଖାଯାଇଛି କ୍ଷ ରନ୍ଧନ ଗ୍ୟାସ ନ ପାଇ ଖାଉଟି ଏବେ ହନ୍ତ ସନ୍ତ ହେଉଛନ୍ତି କ୍ଷ ସୋନପୁର, ବୌଦ୍ଧ, ଆମ୍ବଗାଁ, ତୁଷୁରା ରୁ ଆଣି ଲୋକଙ୍କୁ ସୁବିଧାରେ ଯୋଗାଉଥିବା ଦୋକାନୀ ମାନେ ହଠାତ ଗ୍ୟାସ ସିଲିଣ୍ଡର ପ୍ରତି ତିନି ହଜାର ଟଙ୍କା ରୁ ଅଧିକ ନେଇ ଖାଉଟି ମାନଙ୍କୁ ଯୋଗାଇ ଦେଉ ଥିବାର ଚା ଦୋକାନ, ପାନ ଦୋକାନରେ ଆଲୋଚନା ହେଉଛି କ୍ଷ ଫଳରେ ଖାଉଟି ମାନେ ବାଧ ହୋଇ ତିନି ହଜାର ଟଙ୍କାରେ ଗ୍ୟାସ ସିଲିଣ୍ଡର ନେଉଛନ୍ତି ବୋଲି ଅଂଚଳରେ ଚର୍ଚ୍ଚା ହେଉଛି । ପଲସାଗୋରା, ରଣ୍ଡିମହୁଲ, ରେଙ୍ଗାଲି, ଲମ୍ବସରୀ, ଦପଲା, ଶିମିଳିପଦର, ଖଟଖଟିଆ ଆଦି ସାତ ଗୋଟି ପଂଚାୟତର ଜନସାଧାରଣ ପଲସାଗୋରା ଦୈନିକ ଦୋକାନ, ବଜାର ଉପରେ ନିର୍ଭର କରିଥାନ୍ତି କ୍ଷ ଗ୍ୟାସ ଅଭାବ କାରଣରୁ ଚା, ଜଳଖିଆ, ଫାଷ୍ଟଫୁଡ,ଚାଟ, ହୋଟେଲ ଆଦି କ୍ଷୁଦ୍ର ବ୍ୟବସାୟୀମାନେ ପ୍ରମାଦ ଗଣୁଛନ୍ତି । ଅପରପକ୍ଷରେ କଣ୍ଟାମାଳ ସଦର ବ୍ଲକରେ ସମସ୍ତ ବ୍ଲକସ୍ତରୀୟ କାର୍ଯ୍ୟାଳୟ ଥିଲେହେଁ ଏଠାରେ ଅଦ୍ୟାବଧି ଏକ ଜାଳେଣି ଗ୍ୟାସ ବିତରଣ କେନ୍ଦ୍ର ନାହିଁ । ଦୀର୍ଘବର୍ଷ ଧରି କଣ୍ଟାମାଳ ବ୍ଲକରେ ଏକ ଗ୍ୟାସ ବିତରକ ନିମନ୍ତେ ଅଞ୍ଚଳବାସୀ ଦାବି କରି ଆସୁଥିଲେ ମଧ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରୁଥିବା ନେଇ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି । ସମ୍ପ୍ରତି ଗ୍ୟାସର କଳାବଜାରୀ ଖାଉଟିମାନଙ୍କ ଚିନ୍ତା ବଢ଼ାଇଛି କ୍ଷ ଗ୍ୟାସର କଳାବଜାରୀ ରୋକିବାପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଗ୍ରୀଷ୍ମପ୍ରବାହର ସଫଳ ମୁକାବିଲା ପାଇଁ ଉପଖଣ୍ଡ ପ୍ରଶାସନର ପ୍ରସ୍ତୁତି ବୈଠକ

## ଅଂଶୁଘାତଜନିତ ମୃତ୍ୟୁରହାରକୁ "ଶୂନରେ" ସୀମିତ ରଖିବା ପ୍ରଶାସନର ମୂଳଲକ୍ଷ୍ୟ



ବାଙ୍କୀ୧୬ା୩(ପ୍ରବାହ ନ୍ୟୁଜ): ଉପଖଣ୍ଡ ପ୍ରଶାସନ ପକ୍ଷରୁ ଗ୍ରୀଷ୍ମ କାଳିନ ସମ୍ଭାବ୍ୟ ଅଂଶୁଘାତର ମୁକାବିଲା ପାଇଁ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଗୁରୁବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ଶ୍ରୀ ପ୍ରଣବ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଉପଖଣ୍ଡର ସମସ୍ତ ବିଡିଓ ଏବଂ ପାନୀୟ ଜଳଯୋଗାଣ ବିଭାଗ ଜଳ ସମସ୍ୟା ଦୂର ନିମନ୍ତେ ପଦକ୍ଷେପ ନେବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜଳାଭାବ ଅଞ୍ଚଳ ଗୁଡିକରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବା ସହ ଏନ.ଏ.ସି ମଧ୍ୟରେ ପାନୀୟ ଜଳ ପାଇପ ଦ୍ୱାରା ଯୋଗାଇବା ଓ ଅଚଳ ନଳକୂପ ଗୁଡିକର ଯୁଦ୍ଧ କାଳୀନ ଭିତ୍ତିରେ ମରାମତି ଦିଗରେ ପଦକ୍ଷେପ ନେବାକୁ ଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉପଖଣ୍ଡ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ସ୍ୱତନ୍ତ୍ର ଶିତତାପ ନିୟନ୍ତ୍ରିତ କକ୍ଷ ପ୍ରସ୍ତୁତ କରିବା, ଆଶ୍ୟକ ପରିମାଣରେ ଓ.ଆର.ଏସ ଓ ଔଷଧ ମହଜୁଦ ରଖିବା ସହିତ ଅଂଶୁଘାତ କଣ୍ଟ୍ରୋଲ ରୁମ ଖୋଲିବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ଯାତ୍ରୀବାହୀ ବସ ଗୁଡିକରେ ପାନୀୟଜଳ, ଓ.ଆର.ଏସ ଓ ପ୍ରାଥମିକ ଚିକିତ୍ସା ସହାୟତା ବାକ୍ସ ସୁବିଧା ରଖିବା,ବୁଲା ପଶୁ ମାନଙ୍କୁ ଅଂଶୁଘାତରୁ ରକ୍ଷା କରିବା ନିମନ୍ତେ ଜଳ ବ୍ୟବସ୍ଥା କରିବା, ଗ୍ରାମାଞ୍ଚଳ, ଏନ.ଏ.ସି ଅଞ୍ଚଳ ମଧ୍ୟରେ ଜଳଛତ୍ର ଖୋଲିବା ,ସମସ୍ତ ବିଭାଗରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲିବାକୁ ଆଲୋଚନା କରାଯାଇଥିଲା। ଅଂଶୁଘାତରେ ମୃତ୍ୟୁ ବରଣ କଲେ ତୁରନ୍ତ ତହସିଲଦାରଙ୍କ ନିକଟରେ ଜଣାଇବା, ଏହାକୁ ତହସିଲଦାର ଓ ଉପଖଣ୍ଡ ଚିକିତ୍ସା ଅଧିକାରୀ ତଦନ୍ତ କରି ରିପୋର୍ଟ ପ୍ରଦାନ ନିମନ୍ତେ ଉପଜିଲ୍ଲାପାଳ ପ୍ରକାଶ କରିଥିଲେ। ଉକ୍ତ ବୈଠକରେ ବାଙ୍କୀ ବ୍ଲକ୍ ବିଡିଓ ଆଗ୍ନିଜା ଶିବା ଦତ୍ତା, ବାଙ୍କୀ ଡମପଡ଼ା ବିଡିଓ ଅଂଶୁମାନ ଦାସ,ତହସିଲଦାର ବାଙ୍କୀ ଅଶେଷ କୁମାର ନାୟକ, , ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡଃ ଆଲୋକ କୁମାର ପଟ୍ଟନାୟକ , ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ସହକାରୀ ଜିଲ୍ଲାପାଳ ପ୍ରିୟଙ୍କା ଜୁଝାରସିଂଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର




ବରଗଡ଼,୧୬ା୩(ପ୍ରବାହ ନ୍ୟୁଜ): ଅମ୍ବାଭୋନା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଗୋୟଲଙ୍କ ବ୍ୟତୀତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲ୍ଲାପାଳ ଶ୍ରୀ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କୁବେର ମହନ୍ତ, ଅମ୍ବାଭୋନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଲଳିତ ବାଗ ଏବଂ ବ୍ଲକ ଅଧକ୍ଷ କୀର୍ତ୍ତି ଚନ୍ଦ୍ର ଦୁଆନ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ସୂଚନାଯୋଗ୍ୟକି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୧୦୧ ଗୋଟି ଅଭିଯୋଗ ମଧ୍ୟରୁ ୬୯ ଗୋଟି ବ୍ୟକ୍ତିଗତ ଏବଂ ୩୨ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# କେନ୍ଦ୍ରାପଡ଼ାର କୁସୁନପୁରରେ ସିଏସ୍ଆଇଆର୍ ସ୍ମାର୍ଟ ଗ୍ରାମ ପ୍ରୟାସର ଶୁଭାରମ୍ଭ




କେନ୍ଦ୍ରାପଡ଼ା୧୬ା୩(ପ୍ରବାହ ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା, ରାଜନଗର ବ୍ଲକର କୁସୁନପୁର ଗ୍ରାମରେ ଆଜି ସିଏସ୍ଆଇଆର୍ ସ୍ମାର୍ଟ ଗ୍ରାମ ଏକ ପ୍ରୟାସର ଶୁଭାରମ୍ଭ କରାଯାଇଛି । ଯାହା ପ୍ରଯୁକ୍ତି-ନିର୍ଦ୍ଦେଶିତ ଏବଂ ସ୍ଥାୟୀ ଗ୍ରାମୀଣ ଉନ୍ନତିକୁ ପ୍ରୋତ୍ସାହନ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସୂଚିତ କରେ। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ସିଏସ୍ଆଇଆର୍ ର ଗବେଷଣା ସଂସ୍ଥାଗୁଡ଼ିକ, ସ୍ଥାନୀୟ ପ୍ରଶାସନ ଏବଂ କାର୍ଯ୍ୟାନ୍ୱୟନ ସହଭାଗୀମାନଙ୍କର ସହଯୋଗ ମାଧ୍ୟମରେ ବୈଜ୍ଞାନିକ ନବୀନତା ଓ ବ୍ୟବହାରିକ ସମାଧାନଗୁଡ଼ିକୁ ଗ୍ରାମୀଣ ସମୁଦାୟଙ୍କ ପାଖକୁ ପହଞ୍ଚାଇବା। ଏହି କାର୍ଯ୍ୟକ୍ରମକୁ ଦୂରରୁ ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ବିଭାଗ (DSIR) ସଚିବ ଡକ୍ଟର (ଶ୍ରୀମତୀ) ଏନ. କଲାଇସେଲଭି ଏବଂ ସିଏସ୍ଆଇଆର୍ ମହାନିର୍ଦ୍ଦେଶକ, ଶ୍ରୀ ରଘୁରାମ ଆର. ଆୟର, ଜିଲ୍ଲାପାଳ, କେନ୍ଦ୍ରାପଡ଼ା ଅଂଶଗ୍ରହଣକାରୀ ଉ୫ଓଜ ପ୍ରୟୋଗଶାଳାର ବୈଜ୍ଞାନିକ ପ୍ରତିନିଧିମାନଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମଟି CSIR–Central Building Research Institute (CSIR-CBRI), Roorkee ଦ୍ୱାରା ଆୟୋଜିତ ହୋଇଥିଲା, ଯାହାର ନେତୃତ୍ୱ କରୁଥିଲେ ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ କୁମାର ରାମାନଚର୍ଲା। ଏହି ଅବସରରେ ବିଭିନ୍ନ ଉ୫ଓଜ ଲାବରେଟରୀର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ, ଯାହାମାନଙ୍କ ମଧ୍ୟରେ CSIR-CIMAP, CSIR-IHBT, CSIR-CEERI, CSIR-IICT, CSIR-CMERI, CSIR-SERC, CSIR-NEERI, CSIR-AMPRI, CSIR-CLRI, CSIR-NGRI, CSIR-CSIO, CSIR-CRRI, CSIR-CFTRI Gaõ CSIR-IMMT ଅନ୍ତର୍ଭୁକ୍ତ ଥିଲେ। ଏହି କାର୍ଯ୍ୟକ୍ରମରେ CSIR-IMMT, ଭୁବନେଶ୍ୱରର ନିର୍ଦ୍ଦେଶକ ଡ଼ଃ ରାମାନୁଜ ନାରାୟଣ ମଧ୍ୟ ଉପସ୍ଥିତ ଥିଲେ।

ଓଡ଼ିଶା ସରକାରଙ୍କ ଜିଲ୍ଲା ପ୍ରଶାସନର ସହଯୋଗରେ ଏହି କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସହଯୋଗୀ ଭାବେ Bal Raksha Bharat (Save the Children India)ର CEO ଶ୍ରୀ ସନ୍ତାନୁ ଚକ୍ରବର୍ତ୍ତୀ, Nature's Clubର ସଚିବ ଶ୍ରୀ ମଧୁସ୍ମିତ ପତି ଏବଂ କୁସୁନପୁର ଗ୍ରାମବାସୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ସହଭାଗୀ ହୋଇଥିଲେ।

ଉଦଘାଟନୀ ଅବସରରେ, କୁସୁନପୁର ସ୍ମାର୍ଟ ଗ୍ରାମ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (DPR) ଉନ୍ମୋଚନ ସହିତ, ଗ୍ରାମରେ ନିୟୋଜିତ ହେବାକୁ ଥିବା ବିଭିନ୍ନ CSIR ପ୍ରୟୋଗଶାଳାରୁ ପ୍ରସ୍ତାବିତ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ ପାଇଁ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏହି ପଦକ୍ଷେପ ଗ୍ରାମୀଣ ଭିତ୍ତିଭୂମି, ଜୀବିକା, ପରିବେଶଗତ ସ୍ଥିରତା ଏବଂ ଅତ୍ୟାବଶ୍ୟକ ସେବାଗୁଡ଼ିକର ଉପଲବ୍ଧତାକୁ ସୁଦୃଢ଼ କରିବା ପାଇଁ ଡିଜାଇନ୍ କରାଯାଇଥିବା ଅଭିନବ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ କରେ।

CSIR ଓଡ଼ିଶା ସରକାର, ଘଏଙ, ଉ୫ଜ-ସମର୍ଥିତ ଶିଳ୍ପ ଏବଂ ସାର୍ବଜନୀନ କ୍ଷେତ୍ରର ଉଦ୍ୟୋଗ (PSU) ସହିତ ମିଳିତ ଭାବରେ ଏହାର ପ୍ରୟୋଗଶାଳା ମାଧ୍ୟମରେ ଗ୍ରାମର ବିକାଶ ପାଇଁ ବହୁବିଧ ପ୍ରଯୁକ୍ତିବିଦ୍ୟା ନିୟୋଜିତ କରିବାକୁ ଯୋଜନା କରୁଛି। ଉ୫ଓଜ-ଉଇଜଓ ଜଳବାୟୁ-ପ୍ରତିରୋଧୀ ସ୍କୁଲ, ଅଙ୍ଗନୱାଡ଼ି କୋଠା, ସାମୁଦାୟିକ ଶୌଚାଳୟ ଏବଂ ଗ୍ରାମ ଯୋଜନା ଭଳି ଗ୍ରାମ ଭିତ୍ତିଭୂମିକୁ ସୁଦୃଢ଼ କରିବ। CSIR-CEERI ନବୀକରଣୀୟ ଶକ୍ତି, ସ୍ୱଚ୍ଛ ରୋଷେଇ ଇନ୍ଧନ ଏବଂ ନିରାପଦ ପାନୀୟ ଜଳ ସମାଧାନକୁ ପ୍ରୋତ୍ସାହିତ କରିବ। CSIR-CIMAP ପ୍ରକ୍ରିୟାକରଣ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସୂକ୍ଷ୍ମ-ଉଦ୍ୟୋଗଗୁଡ଼ିକୁ ସମର୍ଥନ କରିବ, ଯେତେବେଳେ CSIR-CMERI ଦୈନନ୍ଦିନ ଜୀବନ ଏବଂ କୃଷି ପାଇଁ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରିବ।

CSIR-IHBT ପୁଷ୍ଟିକର ଖାଦ୍ୟ ଉତ୍ପାଦ ବିକାଶ କରି କୁପୋଷଣର ସମାଧାନ କରିବ, ଏବଂ ଉ୫ଓଜ-ଓଓଉଞ୍ଜ ପାନୀୟ ଜଳ ପାଇଁ ହାତ-ପମ୍ପ ପରିଚାଳିତ ଅଲ୍ଟ୍ରା-ଫିଲ୍ଟ୍ରେସନ୍ ୟୁନିଟ୍ ସ୍ଥାପନ କରିବ। ଉ୫ଓଜ-ଘଓଓ୫ଞ୍ଜ ସୌର ଅଂଶୀଦାର କୃଷିଭୋଲଟାଇକ୍ସ ପ୍ରଚଳନ କରିବ, ଏବଂ ଉ୫ଓଜ-୫ରଜଉ ଏକ ବହୁମୁଖୀ ଘୂର୍ଣ୍ଣିଝଡ଼ ଆଶ୍ରୟସ୍ଥଳ ନିର୍ମାଣକୁ ସମର୍ଥନ କରିବ। ଉ୫ଓଜ-ଉରଞ୍ଜଜଓ ପରିବାର ଧାନ ସଂରକ୍ଷଣ ଏବଂ ବଡ଼ ମଣ୍ଡି ଶସ୍ୟ ସଂରକ୍ଷଣ ପାଇଁ ସୁରକ୍ଷିତ ଧୂମୀକରଣ ପ୍ରଣାଳୀ ପାଇଁ ବୈଜ୍ଞାନିକ ସମାଧାନ ପ୍ରଦାନ କରିବ। ଉ୫ଓଜ-ଘଏଜଓ ମଧୁର ଏବଂ ଲୁଣିଆ ଭୂତଳ ଜଳ କ୍ଷେତ୍ର ଏବଂ ଉପଯୁକ୍ତ ଡ୍ରିଲିଂ ସ୍ଥାନ ଚିହ୍ନଟ କରିବା ପାଇଁ ୩ଉଇଉ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବ। ଉ୫ଓଜ-ଓଗଗଞ୍ଜ କିଲ୍ନ ଏବଂ ଟେରାଫିଲ୍ ଜଳ ଫିଲ୍ଟର ଯୋଗାଇବ।

CSIR-CSIO AI-ସକ୍ଷମ ବନ୍ୟ ପ୍ରାଣୀ ଚିହ୍ନଟ ଏବଂ ଘୂର୍ଣ୍ଣିଝଡ଼ ସତର୍କତା ପ୍ରଣାଳୀ କାର୍ଯ୍ୟକାରୀ କରିବ, ଯେତେବେଳେ CSIR-NEERI ଏକ ଟଉଉଡ-ଆଧାରିତ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ସମର୍ଥନ କରିବ। ଉ୫ଓଜ-ଉଖଜଓ ମାଛ/କୁକୁଡ଼ା ପାଦ ଚମଡା ଏବଂ ଓଡ଼ିଶା ଜାତିଗତ ବୟନଶିଳ୍ପରୁ ତିଆରି ଉତ୍ପାଦ ସମେତ ଚମଡା ଉତ୍ପାଦରେ ତାଲିମ ପ୍ରଦାନ କରିବ। ବିଜ୍ଞାନ, ନବସୃଜନ ଏବଂ ସମ୍ପ୍ରଦାୟ ଅଂଶଗ୍ରହଣକୁ ସମନ୍ୱିତ କରି, ଉ୫ଓଜ ସ୍ମାର୍ଟ ଗ୍ରାମ ପଦକ୍ଷେପର ଲକ୍ଷ୍ୟ ସ୍ଥିର ଏବଂ ଅନ୍ତର୍ଭୁକ୍ତ ଗ୍ରାମୀଣ ବିକାଶ ପାଇଁ ଏକ ପ୍ରତିକୃତିଯୋଗ୍ୟ ମଡେଲ୍ ସୃଷ୍ଟି କରିବା।

# ଜିଲ୍ଲା କିନ୍ନର ସଂଘର ସଦସ୍ୟଙ୍କୁ ରେସନ୍ କାର୍ଡ ପ୍ରଦାନ

ନବରଙ୍ଗପୁର୧୬ା୩(ପ୍ରବାହ ନ୍ୟୁଜ): ଜିଲ୍ଲା କିନ୍ନର ସଂଘର ରାଇଘର ବ୍ଲକ୍ ଅଞ୍ଚଳର ସଦସ୍ୟ ଜୟନ୍ତୀ ବାଳା, ବିପର୍ନା ରାୟ, ଅଞ୍ଜୁ ବାସୁ, ଶନ୍ତୁଲାଲ ଗଣ୍ଡ, ଗୋପା ଗଣ୍ଡ ପ୍ରମୁଖ କିନ୍ନରଙ୍କୁ ଯୋଗାଣ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଋତୁ ସିଂ ଦ୍ୱାରା ରେସନ କାର୍ଡ ପ୍ରଦାନ କରାଯାଇଛି। ଏଣିକି ଏମାନେ ମାସିକ ୩୫ କିଲୋ ଲେଖାଏଁ ଚାଉଳ ପାଇବେ। ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘ ଗଠନ ହେବା ପର ଠାରୁ ଜିଲ୍ଲା କିନ୍ନର ମାନେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଯୋଜନା ର ଲାଭ ପାଉଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। କିନ୍ନରଙ୍କୁ ରେସନ କାର୍ଡ ପ୍ରଦାନ କରିଥିବାରୁ ଜିଲ୍ଲା ପ୍ରଶାସନ କୁ କିନ୍ନର ସଂଘର ଅଧକ୍ଷ ମନୋଜ କୁମାର ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଛନ୍ତି। ପ୍ରଶାସନ ର ଏହି ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ସଂଘ ଗଠନ ହେବା ପରେ କିନ୍ନର ମାନଙ୍କ ଏପରି ଉନ୍ନତି ଦେଖି ସଂଘର ଅଧକ୍ଷ ମନୋଜ କୁମାର ପଟ୍ଟନାୟକ ସମେତ ମୁଖ୍ୟ ପରାମର୍ଶଦାତା ଜଗନ୍ନାଥ ମହାପାତ୍ର, ଉପଦେଷ୍ଟା ଅଧିବକ୍ତା ଶ୍ରୀନିବାସ ପଟ୍ଟନାୟକ, ପ୍ରୋଜେକ୍ଟ ଲିଡର ଏମ.ବାଲା କୃଷ୍ଣ ରାଓ, ସଂଘର ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର , ସଂଘର ମହିଳା ଉପଦେଷ୍ଟା ତଥା ସମାଜସେବୀ ଶର୍ମିଷ୍ଠା ଦେଓ, ଅଧିବକ୍ତା କିଶୋରୀ ପଟ୍ଟନାୟକ, ଅଧ୍ୟାପିକା ଡକ୍ଟର ସଂଯୁକ୍ତା ପଣ୍ଡା, ପ୍ରିନ୍ସିପାଲ ସ୍ୱର୍ଣ୍ଣଲତା ପଟ୍ଟନାୟକ , ଅନ୍ୟତମ ଉପଦେଷ୍ଟା ସମାଜସେବୀ ନୀନୀବାବୁ ତ୍ରିପାଠୀ, ଅଧ୍ୟାପକ ଅଖିଳ ଭଟ୍ଟ, ସମାଜସେବୀ ଦୁର୍ଗା ପାଢ଼ୀ, ଇଞ୍ଜିନିୟର ଚନ୍ଦନା ମଲ୍ଲିକ, ସଂଘର ସଭାପତି କାଜଲ କିନ୍ନର, ସମ୍ପାଦକ ଚୂମକି କିନ୍ନର, ସହ ସମ୍ପାଦକ ପ୍ରୀତି କିନ୍ନର ପ୍ରମୁଖ ଖୁସି ପ୍ରକଟ କରିଛନ୍ତି ଏବଂ ସମସ୍ତ କିନ୍ନର ସଦସ୍ୟ ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ମକୁନ୍ଦପୁର ଗ୍ରାମରେ ଓଡିଶୀ ନାମ ସଂକୀର୍ତ୍ତନ ଉଦଯାପିତ



ବାଙ୍କୀ, ୧୬ା୩(ପ୍ରବାହ ନ୍ୟୁଜ): ବାଙ୍କୀ ଡମପଡା ଶିମିଳିପୁର ଗ୍ରାମ ପଂଚାୟତ ମକୁନ୍ଦପୁର ଗ୍ରାମରେ ଓଡିଶୀ ନାମ ସଂକୀର୍ତନ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି. ଶନିବାର ସକାଳ ସମୟରେ କଳସ ଯାତ୍ର ଅନୁଷ୍ଠିତ ହୋଇଥିଲା । ଗ୍ରାମର ସମସ୍ତ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ. ଏକ ବିରାଟ ଶୋଭାଯାତ୍ରା ରେ ଗାଁ ପରିକ୍ରମା କରି କଳସ ଆସି ସ୍ଥାପନ କରାଯାଇଥିଲା । ଗୁଣମଣୀ ନାୟକ ମୁଖ୍ୟ କଳସ ମୁଣ୍ଡରେ ଧରି ମୁଖ୍ୟ ସ୍ରୋତ ରେ ସାମିଲ ହୋଇଥିଲେ. ଶନିବାର ଦିନ ଗାୟିକା ନର୍ମଦା ସାହୁଙ୍କ ଦ୍ୱାରା ସଂକୀର୍ତନ ପରିବେଷଣ କରାଯାଇଥିଲା । ଏହା ମଧ ସମସ୍ତ ଦର୍ଶକଙ୍କ ମାନଙ୍କୁ ଛୁଇଁ ଥିଲା । ସନ୍ଧ୍ୟା ସମୟରେ ଗାୟକ ପ୍ରହଲ୍ଲାଦ ସାହୁଙ୍କ ନାମ ସଂକୀର୍ତନ ଦର୍ଶକମାନଙ୍କୁ ବେଶ ଆକୃଷ୍ଟ କରିଥିଲା ଓ ନାଚ ଗୀତ ରେ ଫାଟି ପଡିଥିଲା ଗାଁ ଦଣ୍ଡ ରବିବାର ଦିନ ଗାୟିକା ମନୋରମା ବେହେରାଙ୍କ ନାମ ସଂକୀର୍ତନ ବିଶେଷ ଆକର୍ଷଣ ଥିଲା । ଏହି ସମୟରେ ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା. ହରିବୋଲ ଓ ହୁଳହୁଳି ରେ କମ୍ପି ଉଠି ଥିଲା ଗାଁ ଦାଣ୍ଡ । ଏଥିରେ ଗାଁ ର ସମସ୍ତ ସଦସ୍ୟ ଓ ଆଖପାଖ ଅଂଚଳ ର ବହୁ ଜନସାଧାରଣ ସାମିଲ ହୋଇଥିଲେ । ଗାଁର ମହିଳା ମାନେ ପରିବା କାଟି ରୋଷେଇ କାର୍ଯ୍ୟ ରେ ସହଯୋଗ କରିଥିଲେ। ସମସ୍ତ ଶ୍ରଦ୍ଧାଳୁ ଭକ୍ତ ପ୍ରସାଦ ସେବନ କରିଥିଲେ । ଗାଁ ର ମୁଖ୍ୟ ପର୍ଶୁରାମ ନାୟକ, କବିଚନ୍ଦ୍ର ସ୍ୱାଇଁ ଓ ପ୍ରଫୁଲ୍ଲ ରାଉତ ଙ୍କ ତତ୍ୱାବଧାନରେ ସମସ୍ତ କାର୍ଯ୍ୟ ହୋଇଥିଲା ।

# ରନ୍ଧନ ଗ୍ୟାସ-ପେଟ୍ରୋଲ- ଡିଜେଲର ଯୋଗାଣ ତଥା ବଣ୍ଟନ ବ୍ୟବସ୍ଥାର ସମୀକ୍ଷା ପାଇଁ ଜିଲ୍ଲା ସ୍ତରୀୟ ନିରୀକ୍ଷଣ କମିଟିର ବୈଠକ ଅନୁଷ୍ଠିତ

## ଜିଲ୍ଲାରେ ରନ୍ଧନ ଗ୍ୟାସ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଅଛି, ତେଣୁ ଖାଉଟିମାନେ ଅଯଥା ଆତଙ୍କିତ କିମ୍ବା ଚିନ୍ତିତ ହେବାର ଆବଶ୍ୟକତା ନାହିଁ : ଜିଲ୍ଲାପାଳ




ବରଗଡ଼,୧୬ା୩(ପ୍ରବାହ ନ୍ୟୁଜ): ବରଗଡ଼ ଜିଲ୍ଲାରେ ଲିକୁଇଫାଇଡ୍ ପେଟ୍ରୋଲିୟମ ଗ୍ୟାସ (ଏଲପିଜି), ପେଟ୍ରୋଲ ଏବଂ ଡିଜେଲ୍ ଯୋଗାଣ ଓ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା ପାଇଁ ଜିଲ୍ଲା ସ୍ତରୀୟ ନିରୀକ୍ଷଣ କମିଟିର ଏକ ବୈଠକ ଗତକାଲି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ ଅଧକ୍ଷତା କରି ଜିଲ୍ଲାରେ ପେଟ୍ରୋଲିୟମ ଗ୍ୟାସ, ଡିଜେଲ ଏବଂ ପେଟ୍ରୋଲର ଉପଲବ୍ଧତା, ଯୋଗାଣ ପ୍ରଣାଳୀ ଓ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ସମସ୍ତ ଏଲପିଜି ଏଜେନ୍ସି ଓ ପେଟ୍ରୋଲ ପମ୍ପଗୁଡ଼ିକର କାର୍ଯ୍ୟପ୍ରଣାଳୀ ସମୀକ୍ଷା କରିଥିଲେ। ସାଧାରଣ ଲୋକମାନଙ୍କୁ କୌଣସି ଅସୁବିଧା ନ ହେବା ପାଇଁ ପର୍ଯ୍ୟାପ୍ତ ପରିମାଣରର ଉପଲବ୍ଧତା ରଖି ସମୟୋପଯୁକ୍ତ ଭାବେ ଇନ୍ଧନ ବଣ୍ଟନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେଥିପାଇଁ ଯୋଗାଣ ଓ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ କଠୋର ନିରୀକ୍ଷଣ ରଖିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

ବୈଠକରେ ଜିଲ୍ଲାପାଳ ସମସ୍ତ ରନ୍ଧନ ଗ୍ୟାସ ଓ ତୈଳ ଯୋଗାଣ କମ୍ପାନୀର ଯୋଗାଣ ଅଧିକାରୀଙ୍କୁ ଜିଲ୍ଲାରେ ଉପଲବ୍ଧ ପେଟ୍ରୋଲ ଡିଜେଲ ଏବଂ ଏଲପିଜି ଗ୍ୟାସର ଆବଶ୍ୟକତା ତଥା ଉପଲବ୍ଧତା ବିଷୟରେ ସମୀକ୍ଷା କରିବା ପରେ ଖାଉଟିମାନେ ଅଯଥା ପାନିକ ବୁକିଂ ନକରିବାକୁ ପରାମର୍ଶ ଦେଇ କହିଥିଲେ ଯେ, ଜିଲ୍ଲାର ଆବଶ୍ୟକତା ଅନୁଯାଇ ରନ୍ଧନ ଗ୍ୟାସ ତଥା ପେଟ୍ରୋଲ ଏବଂ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଅଛି, ତେଣୁ ଖାଉଟିମାନେ ଅଯଥା ଆତଙ୍କିତ କିମ୍ବା ଚିନ୍ତିତ ହେବାର ଆବଶ୍ୟକତା ନାହିଁ। କଳାବଜାରୀ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସ୍ତରୀୟ ମନିଟରିଙ୍ଗ କମିଟି, ଦୁଇଟି ଉପଖଣ୍ଡ ସ୍ତରରେ ଟାସ୍କ ଫୋର୍ସ ସ୍କ୍ୱାର୍ଡ ଗଠନ ସହ ପ୍ରତି ବ୍ଲକ ସ୍ତରରେ ସମସ୍ତ ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କଳାବଜାରୀରେ ଲିପ୍ତ ବ୍ୟକ୍ତିଙ୍କୁ ଆଇନ ଅନୁଯାଇ କଠୋର ଦଣ୍ଡରେ ଦଣ୍ଡିତ କରାଯିବ। ଏହା ସହ ଖାଉଟିଙ୍କ ଆପତ୍ତି ଅଭିଯୋଗ ଶୁଣିବା ନିମନ୍ତେ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ଏକ ନିୟନ୍ତ୍ରଣ କକ୍ଷ ଖୋଲିବା ସହ ହେଲ୍ପ ଲାଇନ ନମ୍ବର ୦୬୬୪୬-୨୩୩୦୩୩ ଜାରି କରାଯାଇଛି। ଆବଶ୍ୟକ ସ୍ଥଳେ ଖାଉଟି ମନେ ଏହି ହେଲ୍ପ ଲାଇନ ନମ୍ବର କମ୍ବା ଜିଲ୍ଲାର ସମସ୍ତ ତୈଳ ଯୋଗାଣ କମ୍ପାନୀର ଅଧିକାରୀ ତଥା ଏଚପିସିଏଲ୍ ଯୋଗାଣ ଅଧିକାରୀ (୮୩୫୬୮୪୫୭୮୯) ବିପିସିଏଲ୍ ଯୋଗାଣ ଅଧିକାରୀ (୯୯୩୮୦୬୦୭୮୫) ଏବଂ ଆଇଓସିଏଲ୍ ଯୋଗାଣ ଅଧିକାରୀ (୮୨୪୯୧୪୧୫୫୪)ଙ୍କୁ ଯୋଗାଯୋଗ କରି ଜିଲ୍ଲାପାଳ ଅନରୋଧ କରିଛନ୍ତି । ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଲଲାଟ କୁମାର ଲୁହାଙ୍କ ସମେତ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଲିଗାଲ ମେଟ୍ରୋଲୋଜିର ଯୁଗ୍ମ ନିୟନ୍ତ୍ରକ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

# ୭ ଗ୍ରାମରେ ଘୂର୍ଣ୍ଣିଝଡ଼; ୨ ମୃତ, ୨୯ ଆହତ

## ୬ ଆହତ ସ୍ଥାନାନ୍ତରିତ ୨୦୦ରୁ ଉର୍ଦ୍ଧ୍ୱ ଘର ନଷ୍ଟ



**କରଞ୍ଜିଆ,୧୬।୩(ପ୍ରବାହ ନ୍ୟୁଜ) :** କରଞ୍ଜିଆ ବ୍ଲକର ଡୁମୁରିଆ, କିଆପାଣପଶି, ବଳା, ପୁରୁଣା ପାଣି, ବାଟପଳସା, କଙ୍କଡା ପ୍ରଭୃତି ୭ଟି ଗ୍ରାମର ଲୋକ ଘୂର୍ଣ୍ଣିଝଡ଼ ପ୍ରଭାବରେ କ୍ଷତିଗ୍ରସ୍ତ ହାଇଛନ୍ତି । ଘୂର୍ଣ୍ଣି ଝଡ଼ରେ ଦୁଇ ଜଣ ମୃତ ହୋଇଥିବାର ଜଣାପଡିଛି । ସେମାନେ ହେଲେ ପୋଲିସ ନାୟିକ ୪୫ବର୍ଷ, ସାହାରପଡା ନିକଟ ହଳଦିବଟା ଗ୍ରାମର ସେ ବୁଲିବାକୁ ଯାଇଥିବା ବେଳେ କାନ୍ଥ ପଡି ମୃତ୍ୟୁ ବରଣ କରିଛନ୍ତି । ଆଉଜଣେ ହେଲେ ମାଳତୀ ମହାନ୍ତ ୫୦ ବର୍ଷ ସ୍ୱାମୀ ଲାଲମୋହନ ମହାନ୍ତ, ଘର ବିଉଁରିଆ ଗ୍ରାମର । ଏହି ଘୂର୍ଣ୍ଣିଝଡ଼ରେ ସନ୍ଧ୍ୟା ସୁଦ୍ଧା ୨୯ ଜଣ ବ୍ୟକ୍ତି ଆହତ ହୋଇଥିବାର ଖବର ମିଳିଛି । ସେଥିମଧ୍ୟରୁ ୬ ଜଣଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ସ୍ଥାନାନ୍ତରିତ କରାଯାଇଛି । ପ୍ରଥମେ ଦିନ ୩. ୩୦ ରେ ଡୁମୁରିଆ ଗ୍ରାମରୁ ଘୂର୍ଣ୍ଣିଝଡ଼ ଆରମ୍ଭ ହୋଇଥିଲା ଏହି ଝଡ କିଆ, ପାଣପଶି, ବାଳାଗ୍ରାମକୁ ବ୍ୟାପିଥିଲା କେବଳ କିଆ ଗ୍ରାମରେ ୭୦ରୁ ଉର୍ଦ୍ଧ୍ୱ ଘରର ଛପର ଉଡିଯାଇଛି । ସନ୍ଧ୍ୟା ବେଳକୁ କରଞ୍ଜିଆ ଡାକ୍ତରଖାନାରେ ଆହତଙ୍କ ଭିଡ଼ ଦେଖିବାକୁ ମିଳିଲା । ଯୁଦ୍ଧକାଳୀନ ଭିତରେ ସମସ୍ତଙ୍କୁ ଚିକିତ୍ସା କରାଯାଇଥିଲା । ମାଜିଷ୍ଟ୍ରେଟ ଭାବେ ବେଦବ୍ୟାସ ଭୋଇ ସମସ୍ତ ଆହତଙ୍କ କଥା ବୁଝିଥିଲେ । କରଞ୍ଜିଆ ଏସଡିପିଓ ନବକୃଷ୍ଣ ନାୟକ କ୍ଷତିଗ୍ରସ୍ତ ଗ୍ରାମ ଗୁଡିକୁ ଯାଇ ଆହତମାନଙ୍କୁ ଉଦ୍ଧାର କରିଥିଲେ । କରଞ୍ଜିଆ ଥାନା, ଆମ୍ବୁଲାନ୍ସ, ଦମକଳ ବହି, ଉଦ୍ଧାର କାର୍ଯ୍ୟ କରିଥିଲେ । ସନ୍ଧ୍ୟା ସୁଦ୍ଧା ପ୍ରାୟ ୨୦୦ ଘରର ଛପର ଉଡି ଯାଇଥିବାରଖବର ମିଳିଛି । ଆସନ୍ତା କାଲି ପ୍ରଶାସନ ପକ୍ଷରୁ ଥଇଥାନ କରାଯିବାର ବ୍ୟବସ୍ଥା କରାଯାଉଛି । ଆହତମାନଙ୍କୁ ସେବା ଯୋଗାଇବା ପାଇଁ ବିଭିନ୍ନ ବ୍ୟକ୍ତି, ଅନୁଷ୍ଠାନ ଆଗେଇ ଆସିଛନ୍ତି । ଅନେକ ସ୍ଥାନରେ କାନ୍ଥ ପଡି ଲୋକ ଆହତ ହୋଇଥିବାର ଜଣା ପଡିଛି । ବାଇକ ଓଟୋ ମଧ୍ୟ ଘୂର୍ଣ୍ଣି ଝଡ଼ରେ କ୍ଷତିଗ୍ରସ୍ତ ହୋଇଥିବାର ଜଣାପଡିଛି ।

### ସ୍ଥିତି ପରଖିଲେ ମନ୍ତ୍ରୀ, ବିଧାୟକ, ଜିଲ୍ଲାପାଳ, ଏସ୍‌ପି, କଂଗ୍ରେସ ଓ ବିଜେଡି ନେତା

କରଞ୍ଜିଆ ବ୍ଲକରେ ଘୂର୍ଣ୍ଣିବାତ୍ୟା ଫଳରେ ହୋଇଥିବା ବ୍ୟାପକ କ୍ଷୟ କ୍ଷତି ପରେ ବିଭିନ୍ନ ରାଜନୈତିକ ଦଳର ନେତା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଦେଖିବା ସହିତ କ୍ଷତିଗ୍ରସ୍ତଙ୍କ ସହିତ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା । ରାଜ୍ୟ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ ଗଣେଶ ରାମସିଂ ଖୁଣ୍ଟିଆ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଭୁବନେଶ୍ୱରରୁ ରାଜ୍ୟସଭା ଭୋଟ ଦେବା ପରେ ସର୍ବ ପ୍ରଥମେ କେନ୍ଦୁଝର ଯାଇ ଗୁରୁତର ଓ ଆହତଙ୍କୁ ଭେଟି ତାଙ୍କ ଚିକିତ୍ସା ବ୍ୟବସ୍ଥା ଓ ସ୍ଥିତି ସମ୍ପର୍କରେ ଡାକ୍ତରଙ୍କ ସହିତ ଆଲୋଚନା ପରେ ୪ ଘଟିକା ସମୟରେ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିବା ସହିତ ଉପସ୍ଥିତ ଜିଲ୍ଲାପାଳ ହେମକାନ୍ତ ସୟ, ଏସପି ବରୁଣ ଘୁଣ୍ଟୁପାଲି ଆଇଟିଡିଏ ପିଏ ଚିତ୍ତ ରଞ୍ଜନ ମହନ୍ତ, ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ବିଡ଼ିଓ ପ୍ରଦ୍ୟୁମ୍ନ ନାୟକ, ଏସଡ଼ିପିଓ ନବ କ୍ରିଶ୍ନ ନାୟକ ଓ ଅନ୍ୟ ଅଧିକାରୀଙ୍କ ସହିତ ଉଦ୍ଧାର ଓ ରିଲିଫ ବଣ୍ଟନ ର ସ୍ଥିତି ସମୀକ୍ଷା କରିଥିଲେ ।

ଜିଲ୍ଲାପାଳ ହେମକାନ୍ତ ସୟ ଓ ଏସପି ବରୁଣ ଗୁଣ୍ଟୁପଲ୍ଲୀ, ପ୍ରଶାସନର ବରିଷ୍ଠ ଅଧିକାରୀ ସ୍ଥାନୀୟ ସରପଞ୍ଚ ସ୍ମିତା ନାଏକଙ୍କ ସହିତ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ।

ଏହା ବ୍ୟତୀତ ବିଜେପି ଜିଲ୍ଲା ସଭାପତି ଝୁଣ୍ଟିଲାଲ ମହାନ୍ତ, ବରିଷ୍ଠ ନେତା ସଞ୍ଜୀବ ମହାନ୍ତି, ଜିଲ୍ଲା ଉପସଭାପତି ଆଶିଷ ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଜନାର୍ଦ୍ଦନ ବେହେରା, ନାରୀନେତ୍ରୀ ସୁନାମଣୀ ହୋ, ଦିଲ୍ଲୀପ ମହାନ୍ତ, ପୁଷ୍ପାଞ୍ଜଳି ସିଧୁ, ସନ୍ନିଧାନ ମହାପାତ୍ର । କଂଗ୍ରେସ ପକ୍ଷରୁ ବରିଷ୍ଠ ନେତା ବିନୋଦ ବିହାରୀ ନାଏକ, ପିସିସି ସମ୍ପାଦକ ଲକ୍ଷ୍ମୀଧର ସିଂ, ରାଜ୍ୟ ମହିଳା କଂଗ୍ରେସ ଉପାସଭାପତି ଯବାମଣୀ ଟୁଡୁ ଙ୍କ ସହିତ ଅନ୍ୟ କଂଗ୍ରେସ କାର୍ଯ୍ୟକର୍ତା

ବିଜେଡି ପକ୍ଷରୁ ପୂର୍ବତନ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ରାଇରଙ୍ଗପୁର ମ୍ୟୁନିସିପାଲିଟି ଅଧକ୍ଷ୍ୟ ଅଭିଷେକ ପଟ୍ଟନାୟକ, ଆଦିବାସୀ ନେତା ଚକ୍ରଧର ହେମ୍ବ୍ରମ, କରଞ୍ଜିଆ ବିଜେଡି ନଗର ସଭାପତି ଗୌରୀ ଶଙ୍କର ସିହ୍ନକ୍ଷ, କରଞ୍ଜିଆ ବ୍ଲକ ବିଜେଡି ସଭାପତି ପଙ୍କଜ ମହାନ୍ତ, ଗୁଲୀଆ ରାଉତ ଙ୍କ ସମେତ ଅନ୍ୟ ନେତା ଉପସ୍ଥିତ ରହି କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିବା ସହିତ ଜନସାଧାରଣ ଙ୍କ ସହିତ ଆଲୋଚନା କରିଥିବା ଦେଖିବାକୁ ମିଳିଥିଲା । ପ୍ରଶାସନ ପକ୍ଷରୁ ପକ୍ଷରୁ କ୍ଷତିଗ୍ରସ୍ତ ଲୋକଙ୍କ ନିମନ୍ତେ ପଲିଥିନ, ଶୁଖିଲା ଖାଦ୍ୟ, ପାନୀୟ ଜଳ, ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି ।

ଆଗାମୀ ଦିନେ ଦୁଇ ଦିନ ମଧ୍ୟରେ କ୍ଷୟ କ୍ଷତିର ସର୍ଭେ ପରେ କ୍ଷତିପୂରଣ ଓ ଗୃହ ନିର୍ମାଣ ସହାୟତା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି । ଅଗ୍ନିଶମ ବିଭାଗ ଓ ଅନ୍ୟ କର୍ମଚାରୀ, ସ୍ୱେଚ୍ଛାସେବୀ ଙ୍କ ସହଯୋଗ ରେ ଗଛ କଟା ଓ ଅନ୍ୟ କାର୍ଯ୍ୟ ଜାରିରହିଛି । ସ୍ଥାନାନ୍ତର ହୋଇଥିବା ଆହତ ମାନଙ୍କ ସ୍ଥିତି ଠିକ୍ ଥିବା ସହକାରୀ ଜିଲ୍ଲାପାଳ ନିହାର ରଂଜନ ସେଠୀ ସୂଚନା ଦେଇଛନ୍ତି ।



ଓଡିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି

### ଡ୍ରେନେଜ ଡିଭିଜନର ମନମାନି

# ଜବରଦଖଲରେ ଚାଷୀଙ୍କ ଜମି

**ବାଲିପାଟଣା,୧୬।୩(ପ୍ରବାହ ନ୍ୟୁଜ) :** ବାଲିପାଟଣା ତହସିଲ ଅଧୀନରେ ଜଳ ସେଚନ ବିଭାଗ ବା ଡ୍ରେନେଜ ଡିଭିଜନ ମନମାନି ସାଧାରଣ ଜନତାଙ୍କ ନିଦ ହଜାଇ ଦେଇଛି । ଗାରେଡି ପାଞ୍ଚଣ ମୌଜା ରେ ଥିବା ମୂଲ୍ୟବାନ ଘର ବାଡ଼ି ପ୍ଲଟରେ କାଡା କେନାଲ ବା ଡ୍ରେନ ଖୋଲା ପରେ ହିତାଧିକାରୀ ହନ୍ତସନ୍ତ ହେଉଛନ୍ତି । ଏ ଅଫିସରୁ ସେ ଅଫିସ ଦୌଡ଼ି ଦୌଡ଼ି ନିରାଶ ହୋଇ ଚିନ୍ତା ରେ ପଡିଛନ୍ତି । ପ୍ରଶାସନୀୟ ସ୍ଥାଣୁତା ଯୋଗୁ ନ୍ୟାୟ ପାଇବାରେ ବିଳମ୍ବ ହେଉଥିବା ଦେଖିବାକୁ ମିଳିଛି ।

ସୂଚନା ଅନୁସାରେ ଏହି ତହସିଲ ଅଧୀନ ବାଲିପାଟଣା ର ବୁଦ୍ଧନାଥ ତ୍ରିପାଠୀ ଙ୍କ ଜମି ଗାରେଡିପାଞ୍ଚଣ ରୁ ବାଲିପାଟଣା ରାସ୍ତାରେ ଅଛି । ଖାତା ନଂ ୫୯୧ , ପ୍ଲଟ ନଂ ୧୯୮୦ ପରିମାଣ ୬ ଡ଼ିସିମିଲ ଜମି ରହିଛି । ଏହାର କିସମ ଘର ବାଡ଼ି ରହି ଅଛି । ଉକ୍ତ ଜମି କଡ଼ ରେ କାଡ଼ା କେନାଲ ପ୍ରବାହିତ ହୋଇଛି । ବର୍ଷା ଦିନ ପାଣି ସ୍ରୋତ ରେ ଉକ୍ତ ପ୍ଲଟ ର ଅର୍ଦ୍ଧାଧିକ ଅଂଶ ମାଟି ଧୋଇ ଯିବା ରୁ ଗଭିର ଗର୍ତ୍ତ ସୃଷ୍ଟି ହୋଇ କାଡା ସହ ମିଶି ଯାଇଥିଲା । ଏନେଇ ବୁଦ୍ଧନାଥ ତହସିଲ ରେ ମାପ ଚୁପ ପାଇଁ ଆବେଦନ କରିଥିଲେ । ପ୍ରଶାସନ ଉପସ୍ଥିତି ରେ ମାପ ହେବା ପରେ ୨୧ ଚଉଡା ଏବଂ ୫୧ ଫୁଟ ଲମ୍ବ କାଡା କେନାଲ ମାଡି ଯାଇଥିବା ଚିହ୍ନଟ ହୋଇଛି । ଏନେଇ ସେ ଭୁବନେଶ୍ୱର ଡ୍ରେନେଜ ଡିଭିଜନ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଡ୍ରେନେଜ ଡିଭିଜନ ଘଟଣା ତଦନ୍ତ କରି ହିତାଧିକାରୀ ଙ୍କୁ ଜମି ଫେରସ୍ତ ପାଇଁ ଆଶ୍ୱାସନା ଦେଇଥିଲେ । ନ୍ୟାୟ ପାଇବା ପାଇଁ ଏ ଅଫିସ ରୁ ସେ ଅଫିସ ଦୌଡ଼ି ନିରାଶ ହୋଇ ପଡିଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ନ୍ୟାୟ ମିଳିପାରୁ ନାହିଁ । ଫଳରେ ସେ ଘର କରିବାକୁ ଅସମର୍ଥ ହେଉଛନ୍ତି ।

## ସ୍ତ୍ରୀ ହତ୍ୟାକାରୀ ଅଟକ

କରଞ୍ଜିଆ,୧୬।୩(ପ୍ରବାହ ନ୍ୟୁଜ) : କରଞ୍ଜିଆ ଥାନା ଅନ୍ତର୍ଗତ ଶିଆଳି ନଈ ଗ୍ରାମରେ ଏକ ନୃଶଂଶ ହତ୍ୟାକାଣ୍ଡ ଘଟଣାଟି ସମଗ୍ର ଅଂଚଳରେ ହୋଇ ଚଇ ସୃଷ୍ଟି କରିଛି । ମଦ୍ୟପ ସ୍ୱାମୀ ହିତାହିତ୍ୟ ଜ୍ଞାନ ଭୁଲି ଏକ ଲୁହା ପାଇ ସାହାଯ୍ୟରେ ସ୍ତ୍ରୀ ଇଚ୍ଛାବତୀ ଦେହୁରୀକୁ ପିଟି ମାରି ଦେଇଛି ।ହତ୍ୟାକାରୀ ସ୍ୱାମୀ ବଳଭଦ୍ର ଦେହୁରୀକୁ କରଞ୍ଜିଆ ପୁଲିସ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଜାରୀ ରଖିଛନ୍ତି । ଘଟଣାରୁ ପ୍ରକାଶ ଜେ କରଞ୍ଜିଆ ଥାନାର ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଶିଆଳି ନଈ ଗ୍ରାମଠାରେ ଏକ ସ୍ତ୍ରୀ ମରିଥିବାର ଖବର ପାଇଥିଲେ । ଘଟଣାସ୍ଥଳକୁ ଯାଇ ସ୍ତ୍ରୀ ଇଚ୍ଛାବତୀ ଦେହୁରୀ ମରିଥିବାର ଦେଖିବାକୁ ପାଇଥିଲେ । ଘଟଣା ସ୍ଥଳ ତଦନ୍ତ କରିବା ଓ ବାଲେଶ୍ୱରୁ ସାଇଣ୍ଟିଫିକ ଦଳ ତଦନ୍ତ କରିବାରୁ ସ୍ୱାମୀ ବଳଭଦ୍ର ଦେହୁରୀ ମଦ ପିଇ ମାତାଲ ଅବସ୍ଥାରେ ସ୍ତ୍ରୀ ସହିତ ଝଗଡା କରିଥିଲା, ଉତ୍ତେଜିତ ହୋଇ ଏକ ଲୁହା ପାଇପରେ ସ୍ତ୍ରୀର ମୁଣ୍ଡକୁ ପିଟିଥିଲା । ଫଳରେ ମୁଣ୍ଡ ଫାଟି ଇଚ୍ଛାବତୀର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ସ୍ତ୍ରୀର ମୁଣ୍ଡ ଓ ଜଙ୍ଘରେ ଆଘାତ ଲାଗିଥିବାରୁ ଜଣାପଡିଥିଲା । ଘଟଣାସ୍ଥଳରୁ ମଦ୍ୟପ ସ୍ୱାମୀକୁ ଥାନାକୁ ଅଣାଯାଇଛି । ତାକୁ କୋର୍ଟଚାଲାଣ କରାଯିବ । ଥାନାର ଏସ. ଆଇ ସୁଧାଂଶୁ ସେଠୀ ଘଟଣାର ତଦନ୍ତଭାର ନେଇ ତଦନ୍ତ କରୁଛନ୍ତି । ଘଟଣାସ୍ଥଳରୁ ଲୁହା ପାଇପ ଓ ଏକ ମୋବାଇଲ ଫୋନ ଜବତହୋଇଛି ।

## ବେଙ୍ଗାଲୁରୁରେ ଭବ୍ୟ ଭାବେ ପାଳିତ ହେବ ଉତ୍କଳ ଦିବସ

**ବେଙ୍ଗାଲୁରୁ,୧୬।୩(ପ୍ରବାହ ନ୍ୟୁଜ) :** ଓଡ଼ିଆ ସେବା ସମିତି ବେଙ୍ଗାଲୁରୁ (ଡଝଝଇ) ତରଫରୁ ଆସନ୍ତା ଉତ୍କଳ ଦିବସ ପାଳନକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ପ୍ରତିବର୍ଷ ପରି ଏହି ବର୍ଷ ମଧ୍ୟ ବେଙ୍ଗାଲୁରୁରେ ଉତ୍କଳ ଦିବସକୁ ଭବ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ଭାବରେ ପାଳନ କରିବା ପାଇଁ ସମିତି ପକ୍ଷରୁ ବିଭିନ୍ନ ପ୍ରସ୍ତୁତି ଆରମ୍ଭ ହୋଇଛି ।

ଆସନ୍ତା ୫ ଏପ୍ରିଲ ୨୦୨୬ ତାରିଖରେ ଏହି ଉତ୍ସବ ବେଙ୍ଗାଲୁରୁର ରୋଶନ କଣ୍ଡିମେଣ୍ଟସ୍, ଜିକେଡବ୍ଲ୍ୟୁ ଲେଆଉଟ୍, ଶ୍ରୀ ରାମ ମନ୍ଦିର ନିକଟରେ, ପ୍ରଥମ ମେନ୍ ରୋଡ୍, ଡୋଡ୍ଡାନ୍ନା ଇଣ୍ଡଷ୍ଟ୍ରିଆଲ୍ ଏଷ୍ଟେଟ୍, ହେଗ୍ଗନହଲ୍ଲି, ବେଙ୍ଗାଲୁରୁ , କର୍ଣ୍ଣାଟକରେ ଅନୁଷ୍ଠିତ ହେବ ।

ଏହି ଅବସରରେ ବେଙ୍ଗାଲୁରୁ ସହ ଅନ୍ୟାନ୍ୟ ସ୍ଥାନରୁ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ, ସମାଜସେବୀ ଓ ସଂଗଠନର ପ୍ରତିନିଧିମାନେ ଯୋଗଦେବେ ବୋଲି ସୂଚନା ମିଳିଛି । ଏହା ସହିତ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ "ଶ୍ରେଷ୍ଠ ବ୍ୟକ୍ତିତ୍ୱ ଆୱାର୍ଡ" ପ୍ରଦାନ କରାଯିବା ସହିତ ସମାଜରେ ଉଲ୍ଲେଖନୀୟ ଅବଦାନ ରଖିଥିବା କିଛି ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ ।

ଉତ୍ସବର ଅନ୍ୟତମ ଆକର୍ଷଣ ରୂପେ ଓଡ଼ିଆ ସଂସ୍କୃତି ଓ ପାରମ୍ପରିକତାକୁ ଉଜାଗର କରିବା ପାଇଁ ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

ଏହି ଉତ୍ସବରେ ବେଙ୍ଗାଲୁରୁରେ ବସବାସ କରୁଥିବା ସମସ୍ତ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ଯୋଗଦେଇ ଉତ୍କଳ ଦିବସକୁ ସଫଳ କରିବା ପାଇଁ ସମିତି ପକ୍ଷରୁ ଆହ୍ୱାନ କରାଯାଉଛି ।



# ନିତା ଅମ୍ବାନୀଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ-୨୦୨୫

**ଭୁବନେଶ୍ୱର,୧୬।୩(ପ୍ରବାହ ନ୍ୟୁଜ) :** ରିଲାଏନ୍‌ସ ଫାଉଣ୍ଡେସନର ପ୍ରତିଷ୍ଠାତା ଓ ଚେୟାରପର୍ସନ ନିତା ଏମ୍. ଅମ୍ବାନୀଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି । ସୋମବାର କିସ୍ ଦୂତି ଚାନ୍ଦ ଆଥ୍‌ଲେଟିକ୍ ଷ୍ଟାଡିୟମରେ ଅନୁଷ୍ଠିତ ଏକ ଭବ୍ୟ ଉତ୍ସବରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ନିତା ଅମ୍ବାନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ଶ୍ରୀଲଙ୍କାର ନୋବେଲ ବିଜେତା ପ୍ରଫେସର ମୋହନ ମୁନାସିଂହେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରିଥିଲେ । ରିଲାଏନ୍‌ସ ଫାଉଣ୍ଡେସନ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗ୍ରାମୀଣ ପରିବର୍ତ୍ତନ, ମହିଳା ସଶକ୍ତିକରଣ ଏବଂ କ୍ରୀଡା ପ୍ରୋତ୍ସାହନ ମାଧ୍ୟମରେ ସାମାଜିକ ବିକାଶରେ ଉଲ୍ଲେଖନୀୟ ଅବଦାନ ସକାଶେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା ।




ଏହି ସମ୍ମାନ ଗ୍ରହଣ କରିବା ସହ କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇ ଶ୍ରୀମତୀ ଅମ୍ବାନୀ କହିଲେ ଓଡ଼ିଶାରେ ଅନେକ ଭବ୍ୟ ମନ୍ଦିର ରହିଛି । ଅଚ୍ୟୁତ ସାମନ୍ତ ଦୁଇଟି ମନ୍ଦିର ନିର୍ମାଣ କରିଛନ୍ତି । ତାହା ହେଉଛି ଦୁଇଟି ଆଧୁନିକ ଶିକ୍ଷା ମନ୍ଦିର - କିଟ୍ ଓ କିସ୍ । ଏହି ଦୁଇଟି ଅନୁଷ୍ଠାନ ଆମ ଦେଶ ପାଇଁ ଗର୍ବ । ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ପୁରସ୍କାର ପାଇ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି ଏବଂ ଏହି ସମ୍ମାନ କେବଳ ତାଙ୍କର ନୁହେଁ ବରଂ ରିଲାଏନ୍‌ସ ଫାଉଣ୍ଡେସନର ସମସ୍ତ ସଦସ୍ୟଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଥିଲେ । କିସର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ସେ କହିଲେ, ତୁମେ ମୋତେ ଏଠାରେ ଦେଇଥିବା ସମ୍ମାନ ଓ ଭଲପାଇବାକୁ ମୁଁ କେବେବି ଭୁଲି ପାରିବି ନାହିଁ । କିଟ୍ ଓ କିସ୍ ପରିଦର୍ଶନ କରିବା ତାଙ୍କ ପାଇଁ ପ୍ରକୃତରେ ସୌଭାଗ୍ୟର ବିଷୟ ବୋଲି ସେ କହିଥିଲେ । ଭଗବାନ ଜଗନ୍ନାଥଙ୍କ ପବିତ୍ର ଭୂମିକୁ ଆସି ବେଶ ଅଭିଭୂତ ବୋଲି ପ୍ରକାଶ କରିବା ସହ ଓଡ଼ିଶାର ଏକ ସମୃଦ୍ଧ ସଂସ୍କୃତି, ପରମ୍ପରା ଓ ମୂଲ୍ୟବୋଧ ରହିଛି । ଓଡ଼ିଶାବାସୀ ପ୍ରକୃତି ସହ ଏକ ଗଭୀର ସଂଯୋଗ ରହିଛି । ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ, ପୁଅ ଓ ଝିଅଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ପୁଅମାନେ ଯାହା କରିପାରିବେ, ଝିଅମାନେ ମଧ୍ୟ ତାହା କରିପାରିବେ । ଛାତ୍ରମାନଙ୍କୁ ପରାମର୍ଶ ଦେଇ ସେ କହିଲେ,ଏହା କେବଳ ଆରମ୍ଭ, ତୁମର ଅନ୍ତିମ ଲକ୍ଷ୍ୟ ନୁହେଁ । ତୁମେମାନେ ବଡ଼ ବଡ଼ ସ୍ୱପ୍ନ ଦେଖିବା ଉଚିତ୍ ଏବଂ ସେହି ସ୍ୱପ୍ନଗୁଡିକ ହାସଲ କରିବା ପାଇଁ ନିଷ୍ଠା ସହିତ କଠିନ ପରିଶ୍ରମ କରିବା ଉଚିତ୍ ବୋଲି ସେ କହିଥିଲେ । ଜୀବନରେ ସତ୍ୟପଥରୁ କେବେ ବି ବିଚ୍ୟୁତ ନ ହେବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । 'ମୁଁ କିସରେ ଭାରତର ଭବିଷ୍ୟତ ଦେଖିପାରୁଛି । ଏଠାରେ ପିଲାମାନଙ୍କୁ ଦେଖିବା ପରେ ମୋର ବିଶ୍ୱାସ ହେଉଛି, ଭାରତର ଭବିଷ୍ୟତ ଉଜ୍ଜ୍ୱଳ'ବୋଲି ସେ କହିଥିଲେ ।

ସ୍ୱାଗତ ଭାଷଣରେ ଶ୍ରୀ ସାମନ୍ତ କହିଲେ, ସଫଳତାର ଅର୍ଥ କେବଳ ନିଜ ପାଇଁ କିଛି ହାସଲ କରିବା ନୁହେଁ; ଅନ୍ୟମାନଙ୍କ ଜୀବନରେ ଖୁସି ଆଣିପାରିଲେ ତାହା ପ୍ରକୃତ ସଫଳତା ବୋଲି କୁହାଯାଏ । ନୀତା ଅମ୍ବାନୀଙ୍କ ଉଦାହରଣ ଦେଇ ସେ କହିଲେ, ଯଦି ଆପଣ ଉତ୍ସର୍ଗୀକୃତ ଭାବରେ ଚେଷ୍ଟା କରନ୍ତି ତେବେ ପରିଶ୍ରମ କେବେ ବୃଥା ହୁଏ ନାହିଁ । ତାଙ୍କର ବହୁମୁଖୀ ସାମାଜିକ କାର୍ଯ୍ୟ ପାଇଁ ସେ ନୀତାଙ୍କୁ ପ୍ରଶଂସା କରିଥିଲେ । ଏହି ବସ୍ତୁବାଦୀ ଦୁନିଆରେ ପ୍ରେମ ଏବଂ ସମ୍ମାନ ପାଇବା ସହଜ ନୁହେଁ । ଶ୍ରୀମତୀ ଅମ୍ବାନୀ ତାଙ୍କର ଉତ୍ତମ ସାମାଜିକ ତଥା ମାନବିକ କାର୍ଯ୍ୟ ପାଇଁ ସମସ୍ତଙ୍କଠାରୁ ଭଲପାଇବା ଓ ସମ୍ମାନ ଅର୍ଜନ କରିଛନ୍ତି ବୋଲି ଶ୍ରୀ ସାମନ୍ତ କହିଥିଲେ ।

୨୦୦୮ରେ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ ହୋଇଥିବା କିସ୍ ହ୍ୟୁମାନିଟାରିଆନ୍ ପୁରସ୍କାର ହେଉଛି କିସ୍‌ର ସର୍ବୋଚ୍ଚ ସମ୍ମାନ । ଏହା ବିଶ୍ୱବ୍ୟାପୀ ମାନବିକତାର କାର୍ଯ୍ୟ ଜରିଆରେ ବିଶ୍ୱକୁ ସେବା ଯୋଗାଉଥିବା ବ୍ୟକ୍ତି ତଥା ସଂଗଠନକୁ ପ୍ରଦାନ କରାଯାଇଥାଏ ।

## ବଜାରରେ କେନଷ୍ଟାରର ନୂଆ ୫-ଷ୍ଟାର ବିଇଇ ରେଟେଡ୍ ଏୟାର କୁଲର

**ଭୁବନେଶ୍ୱର,୧୬।୩(ପ୍ରବାହ ନ୍ୟୁଜ) :** ଭାରତର ଏକ ବିଶ୍ୱସନୀୟ ଗୃହୋପକରଣ ବ୍ରାଣ୍ଡ କେନଷ୍ଟାର ଶକ୍ତି ସଞ୍ଚୟ ଏବଂ ଉନ୍ନତ ଶୀତଳତା ପ୍ରଯୁକ୍ତି ସହିତ ଭାରତର ପ୍ରଥମ ୫-ଷ୍ଟାର ବିଇଇ ରେଟେଡ୍ ଏୟାର କୁଲର ଶ୍ରେଣୀକୁ ଲଞ୍ଚ କରିଛି । ଏହା ସହିତ ୫ ବର୍ଷର ୱାରେଣ୍ଟି ସୁବିଧା ମଧ୍ୟ ଦିଆଯାଇଛି, ଯାହା ଶକ୍ତି ଦକ୍ଷତା ଓ ଦୀର୍ଘକାଳୀନ ବିଶ୍ୱସନୀୟତାରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି ।

ତିନି ଦଶକର ଐତିହ୍ୟ ନେଇ କେନଷ୍ଟାର ଗ୍ରାହକଙ୍କୁ ଶକ୍ତି ସଞ୍ଚୟ ସହିତ ଉତ୍ତମ କାର୍ଯ୍ୟଦକ୍ଷତା ଯୋଗାଇବାର ଲକ୍ଷ୍ୟରେ ଏହି ନୂଆ ଶ୍ରେଣୀ ଆଣିଛି । ଏହା ମାଧ୍ୟମରେ ଗ୍ରାହକମାନେ ବିଜୁଳି ବିଲ୍ କମେଇବା ସହିତ ଉନ୍ନତ ଶୀତଳତାର ଅନୁଭବ ପାଇପାରିବେ ।

ଏହି ଶୁଭାରମ୍ଭ ସହିତ କେନଷ୍ଟାର ଅଭିନେତା ରାଜକୁମାର ରାଓ ଏବଂ ଅଭିନେତ୍ରୀ ପତ୍ରଲେଖାଙ୍କୁ ନେଇ ଏକ ବିଶେଷ ପ୍ରଚାର ଅଭିଯାନ ଆରମ୍ଭ କରିଛି । ଭାରତର ପ୍ରଥମ ୫-ଷ୍ଟାର ଶକ୍ତି ସଞ୍ଚୟ ଏବଂ ୫ ବର୍ଷର ୱାରେଣ୍ଟି ବାର୍ତ୍ତାକୁ ଲୋକମାନଙ୍କ ପହଞ୍ଚାଇବା ଏହାର ଲକ୍ଷ୍ୟ ।




କେନଷ୍ଟାରର ଏହି ନୂଆ ଶ୍ରେଣୀରେ ୫୦ରୁ ଅଧିକ ଏୟାର କୁଲର ମଡେଲ୍ ରହିଛି, ଯାହା ଘରୋଇ ଏବଂ ବାଣିଜ୍ୟିକ ସ୍ଥାନ ପାଇଁ ଉପଯୁକ୍ତ । ଏଥିରେ ବିଏଲଡିସି ମ୍ୟାକ୍ସ ଟେକ୍ନୋଲୋଜି, କ୍ୱାଡ୍ରା ଏୟାର ଫ୍ଲୋ ସିଷ୍ଟମ୍, ହାଇଡ୍ରୋ ଡେନ୍ସ ମେଶ୍ ହନିକମ୍ କୁଲିଙ୍ଗ ପ୍ୟାଡ୍ ଏବଂ ଡବଲ ବଲ ବିୟରିଂ ମୋଟର ଭଳି ଆଧୁନିକ ବୈଶିଷ୍ଟ୍ୟ ରହିଛି, ଯାହା ଦୀର୍ଘ ସ୍ଥାୟୀ କାର୍ଯ୍ୟଦକ୍ଷତା ଓ ଉତ୍ତମ ବାୟୁ ପ୍ରବାହ ସୁନିଶ୍ଚିତ କରେ । କେନଷ୍ଟାରର ସିଇଓ ସୁନୀଲ ଜୈନ କହିଛନ୍ତି, ନବସୃଜନ କେବଳ ପ୍ରଯୁକ୍ତି ଉପରେ ନୁହେଁ, ଦୈନନ୍ଦିନ ଜୀବନକୁ ସହଜ ଓ ସୁବିଧାଜନକ କରିବାରେ ଏହାର ଲକ୍ଷ୍ୟ ରହିଛି । ଏହି ନୂତନ କୁଲର ଶ୍ରେଣୀ ଉଚ୍ଚ କାର୍ଯ୍ୟଦକ୍ଷତା, ଶକ୍ତି ଦକ୍ଷତା ଓ ଦୀର୍ଘକାଳୀନ ବିଶ୍ୱସନୀୟତାକୁ ଏକାଠି କରିଛି । ଏହି ଶ୍ରେଣୀରେ ମେଗା ଡେଜର୍ଟ କୁଲର, ଡେଜର୍ଟ କୁଲର, ଟାୱାର କୁଲର, ପର୍ସନାଲ କୁଲର, ଟ୍ରଲି କୁଲର, ୱିଣ୍ଡୋ କୁଲର ଏବଂ ଟେବୁଲ ଟପ୍ କୁଲର ଭଳି ବିଭିନ୍ନ ବିକଳ୍ପ ମିଳିବ । ସମଗ୍ର ଦେଶରେ କେନଷ୍ଟାରର ୫୬୦ରୁ ଅଧିକ ସେବା କେନ୍ଦ୍ର, ୨୯ଟି ଶାଖା ଓ ୧୮ଟି ଗୋଦାମ ସହିତ ଶକ୍ତିଶାଳୀ ସେବା ନେଟୱର୍କ ରହିଛି । ଏହି ଉତ୍ପାଦଗୁଡିକ ଇ-କମର୍ସ, କ୍ୱିକ୍ କମର୍ସ, ଡି୨ସି ଚ୍ୟାନେଲ ଓ ଅଫଲାଇନ ଖୁଚୁରା ବଜାରରେ ଉପଲବ୍ଧ ହେବ ।

# ଦଳର ହ୍ୱିପ୍‌କୁ ଖୋଲାଖୋଲି ଚ୍ୟାଲେଞ୍ଜ, ବିଜେଡିରେ ବିସ୍ଫୋରଣ

- ଦେବୀ ତ୍ରିପାଠୀଙ୍କ ଖୋଲାଖୋଲି କ୍ରସ୍ ଭୋଟିଂ
- ବାପାଙ୍କ ପ୍ରତିଶୋଧ ନେଲି କହିଲେ ସୌଭିକ




**କଟକ,୧୬।୩(ପ୍ରବାହ ନ୍ୟୁଜ) :** ରାଜ୍ୟସଭା ନିର୍ବାଚନ ଦେଖାଇଦେଲା ନବୀନଙ୍କ ପ୍ରତି ଦଳୀୟ ନେତାଙ୍କ ଆନୁଗତ୍ୟ କେତେ ? ୨୦୨୪ ନିର୍ବାଚନ ପୂର୍ବରୁ ନବୀନଙ୍କୁ ଭଗବାନ ବୋଲି କହୁଥିବା ନେତାଙ୍କ ଅସଲ ମୁଖା ଆଜି ପଦାରେ ପଡ଼ିଛି । ଦଳର ହ୍ୱିପ୍‌କୁ ଖୋଲାଖୋଲି ଚ୍ୟାଲେଞ୍ଜ ଦେଇ କ୍ରସ୍ ଭୋଟିଂ କରିଛନ୍ତି ବାଙ୍କୀ ବିଧାୟକ ଦେବୀ ତ୍ରିପାଠୀ । ନିଜେ ମୁହଁ ଖୋଲି ଦେବୀ କହିଛନ୍ତି- ମୁଁ ଦିଲ୍ଲୀପ ରାୟଙ୍କୁ ଭୋଟ୍ ଦେଇଛି । ଏତିକି ନୁହେଁ, ବିଜେଡି ଓ କଂଗ୍ରେସର ବୁଝାମଣାକୁ ଅସାଧୁ ମେଣ୍ଟ କହି ଦଳ ଉପରେ ବର୍ଷିଛନ୍ତି ଦେବୀ । ବିଜୁ ଲିଗାସୀକୁ ଆଗକୁ ନେବା ପାଇଁ ସେ ଦିଲ୍ଲୀପ ରାୟଙ୍କୁ ସମର୍ଥନ କରିଥିବା ବେଳେ, ଦଳ କାହିଁକି କଂଗ୍ରେସ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କୁ ଭୋଟ୍ ଦେବାକୁ କହିଲା ବୋଲି ପ୍ରଶ୍ନ କରିଛନ୍ତି ।

ସେପଟେ କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ମଧ୍ୟ କ୍ରସ୍ ଭୋଟିଂ କରିଥିବା ମାନିଛନ୍ତି । ସୌଭିକଙ୍କ ବାଣ ମଧ୍ୟ ବେଶ୍ ତୀକ୍ଷ୍ଣ ଥିଲା । ନବୀନ ନିବାସର ସେହି ପୁରୁଣା ଘଟଣାକୁ ମନେ ପକାଇ ସୌଭିକ କହିଛନ୍ତି- ବାପାଙ୍କ ପ୍ରତି ଅତ୍ୟାଚାର ହୋଇଥିଲା, ଆଜି ତା'ର ପ୍ରତିଶୋଧ ନେଇଛି । ମିଡ୍ ନାଇଟ୍ ଅପରେସନ୍ କଥା ଉଠାଇ ସେ ପଚାରିଛନ୍ତି, ଦାଗ କାହା ଦେହରେ ଲାଗିଲା ? ବିଜୁ ବାବୁଙ୍କ ଆଶୀର୍ବାଦ ଯାହାଙ୍କ ଉପରେ ଅଛି, ମୁଁ ତାଙ୍କୁ ହିଁ ଭୋଟ୍ ଦେଇଛି । ବାପା ପ୍ରଭାତ ବିଶ୍ୱାଳଙ୍କୁ ଦଳରୁ ବହିଷ୍କାର କରାଯିବା ପ୍ରସଙ୍ଗ ଉଠାଇ ସେ କ୍ଷୋଭ ପ୍ରକାଶ କରିଛନ୍ତି । ଆଜି ଯେଉଁ ଟ୍ରଷ୍ଟ କଥା ପଦାକୁ ଆସିଛି ବାପା ପ୍ରଥମେ କହିଥିଲେ ବୋଲି ସୌଭିକ କହିଛନ୍ତି । ଦେବୀ ଓ ସୌଭିକଙ୍କ ଏହି ଖୋଲା ବିଦ୍ରୋହ ବିଜେଡି ସୁପ୍ରିମୋଙ୍କ ପାଇଁ ଏକ ବଡ଼ ଚେତାବନୀ ପାଲଟିଛି ।

## ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**କରଞ୍ଜିଆ,୧୬।୩(ପ୍ରବାହ ନ୍ୟୁଜ) :** କରଞ୍ଜିଆ ଅଦାଲତ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ତାଲୁକ ଆଇନ ସେବା ସମିତିର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରା ଓ ଜଜ ଆଶିଷ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଲୋକ ଅଦାଲତକୁ ସବ ଜଜ ଅମିତ ସ୍ୱରୂପ ସେଠୀ ଓ ଏସଡିଜେଏମ ପ୍ରଭାତ କୁମାର ସାମଲ ଯୋଗ ଦେଇ ଲୋକ ଅଦାଲତ ପରିଚାଳନା କରିବଥିଲେ । ଏଥି ସହିତ ଯଶିପୁର ଓ ଠାକୁରମୁଣ୍ଡା ରେ ମଧ୍ୟ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ଲୋକ ଅଦାଲତକୁ ମୋଟ ୪୯୯ ଟି ମାମଲା ଆଗତ ହୋଇଥିଲା ସେଥିମଧ୍ୟରୁ ୨୦୭ ଟି ମକର୍ଦ୍ଦମାର ଫୋଇସଲା କରାଯାଇ ଜରିମାନା ଓ ଅନ୍ୟାନ୍ୟ ଅର୍ଥ ଆଦାୟ ରେ ମୋଟ ୧୪, ୨୭, ୯୬୦ ଟଙ୍କା ଆଦାୟ କରାଯାଇଛି । ଏହି ଲୋକ ଅଦାଲତକୁ ଓକିଲ, ବ୍ୟାଙ୍କ ଅଧିକାରୀ ସହଯୋଗ କରିଥିଲେ । ଲୋକ ଅଦାଲତ ପରିଚାଳନାରେ ଅର୍ଚ୍ଚନା ସାହୁ, ନାରାୟଣ ସାହୁ, ବିଭୂପ୍ରକାଶ ମହାନ୍ତି, ଶାନ୍ତନୁ ନନ୍ଦ ପାତ୍ର, ଜନ୍ମେଜୟ ଦାସ, ଦେବବ୍ରତ ଦାସ, ସୁଚିତ୍ରା ନାୟକ, ନରେଶ ଗିରି, ଚିତ୍ତରଞ୍ଜନ ପଟନାୟକ, ସିନ୍ଧୁଜିତ ଦାଶ ପ୍ରମୁଖ ସହଯୋଗ କରିଥିଲେ ।

Printed, Published and owned by Diptimanjari Mohapatra, Printed at Mallhar Publications, Plot No. D.1/1, SECTOR-A, ZONE-D, MANCHESWAR INDUSTRIAL ESTATE, BHUBANESWAR-751010, KHORDHA, ODISHA and Published Srutirekha Nivas, Plot No- 154/462, Nilachakra Nagar, Gopinathpur, Puri, Odisha, Pin-752002, Email id:prabaha.daily@gmail.com, prabaha2008@gmail.com, Mo-9938340066

ସମ୍ପାଦକ: ଅଭିମନ୍ୟୁ ମହାପାତ୍ର
Editor : Abhimanyu Mohapatra